▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-134 ♦MONDAY ♦10 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୩୪ ♦ସୋମବାର ♦୧୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ବିହାରରେ ସରିଲା ନିର୍ବାଚନ ପ୍ରଚାର: ୧୧ରେ ଭୋଟ, ୧୪ରେ ଫଳାଫଳ

# ନିଦ ହଜାଇଛନ୍ତି ମହିଳା ଭୋଟର

**ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମତଦାନ**

**ଦ୍ୱନ୍ଦ୍ୱରେ ନେତା, ଉତ୍ସାହିତ ମତଦାତା**

**ଆକଳନ କରିପାରୁ ନାହାନ୍ତି ବିଶେଷଜ୍ଞ**




**ପାଟନା, ୯।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ଅନ୍ତିମ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବାକୁ ଯାଉଛି। ଏଥିପାଇଁ ଆଜି ସନ୍ଧ୍ୟା ୫ଟାରୁ ନିରବ ସମୟ (ସାଇଲେଣ୍ଟ ଆୱାର) ଆରମ୍ଭ ହୋଇଛି। ୧୪ ତାରିଖ ତଥା ଶୁକ୍ରବାର ଏହି ନିର୍ବାଚନୀ ଫଳାଫଳ ପ୍ରକାଶ ପାଇବ। ମତଦାନ ପୂର୍ବରୁ ଭାରତ-ନେପାଳ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ସୀମା ସିଲ୍ କରିଦିଆଯାଇଛି। ଏହି ଅବଧି ମଧ୍ୟରେ ସୀମାରେ ଲୋକଙ୍କ ଗମନାଗମନ ଉପରେ କଟକଣା ଲଗାଇଦିଆଯାଇଛି।

ବିହାର ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ମେଣ୍ଟ ଏବଂ ଆରଜେଡି ମେଣ୍ଟ ମଧ୍ୟରେ ହେଉଛି। ଉଭୟ ପକ୍ଷ ବିଜୟକୁ ନେଇ ଆଶାବାଦୀ ଥିବା ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ | କ୍ଷେତ୍ର ଛାଡ଼ିଲେ ବାହାର ନେତା

**ରବିବାର ଅପରାହ୍ଣ ୪ଟାରୁ ନିରବ ଅବଧି ଆରମ୍ଭ**

**ନିର୍ବାଚନମଣ୍ଡଳୀରେ ୫୭ ସମ୍ବେଦନଶୀଳ ବୁଥ୍**

**ଆଜି ମତଦାନ କେନ୍ଦ୍ରକୁ ଯିବେ ପୁଲିଂ ପାର୍ଟି**

**ନୂଆପଡ଼ା, ୯।୧୧(ସମିସ):** ରାଜ୍ୟର ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ରବିବାର ସନ୍ଧ୍ୟାରେ ଶେଷ ହୋଇଛି ପ୍ରଚାର। ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସମେତ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ▶ପୃଷ୍ଠା-୭

# ଆଗକୁ ବ୍ୟାଙ୍କର ମହାମିଶ୍ରଣ

### ସବୁ ମିଶି ଦେଶରେ ରହିବେ ୫ ବ୍ୟାଙ୍କ




**ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି):** କେନ୍ଦ୍ର ସରକାର ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାର ଏକ ଅଂଶ ସ୍ୱରୂପ, ସରକାର ବ୍ୟାଙ୍କଗୁଡ଼ିକର ଏକ ମେଗା ମିଶ୍ରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଦେଶରେ ବ୍ୟାଙ୍କଗୁଡ଼ିକର ମିଶ୍ରଣ କରି ଏକ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏଥିସହିତ ଦେଶରେ ଥିବା ସମସ୍ତ ବ୍ୟାଙ୍କର ମିଶ୍ରଣ ଘଟାଇ କେବଳ ୫ଟି ବ୍ୟାଙ୍କ ରଖିବାକୁ ପ୍ରସ୍ତାବ ଥିବା ସୂଚନା ମିଳିଛି।

ରିପୋର୍ଟ ଅନୁଯାୟୀ, 'ନିତି' ଆୟୋଗର ସୁପାରିସ ଆଧାରରେ ସରକାର ଛୋଟ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରିପାରନ୍ତି। ଏହି ମେଗା ମିଶ୍ରଣର ଏକ ଅଂଶ ସ୍ୱରୂପ, ସରକାର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ତେବେ ଏହା ଗ୍ରାହକମାନଙ୍କ ପାଇଁ କିଛିଟା ସମସ୍ୟା ଆଣିପାରେ। ମିଶ୍ରଣ ପରେ, ବ୍ୟାଙ୍କଗୁଡ଼ିକୁ ନୂତନ ବ୍ୟାଙ୍କ ପାଇଁ ସମସ୍ତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ପ୍ରକ୍ରିୟାକରଣ କରିବାକୁ ପଡିବ, ଯାହା ସେମାନଙ୍କର କାର୍ଯ୍ୟଭାର ବୃଦ୍ଧି କରିବ।

ଭାରତ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆଗକୁ ବଢୁଛି। ଉଦ୍ଦେଶ୍ୟ ରହିଛି ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା, ଯାହା ଭିତ୍ତିଭୂମି, ମ୍ୟାନୁଫାକଚରିଂ ଏବଂ ଟେକ୍ନୋଲୋଜି ଭଳି ବୃହତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ବଡ଼ ଆକାରରେ ଋଣ ଦେଇପାରିବ। ଆଉ ଏହି ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ (ପିଏସୟୁ) ଗୁଡିକର ମିଶ୍ରଣ। ଏହି ▶ପୃଷ୍ଠା-୭

# ଡିସେମ୍ବରରୁ ମୋବାଇଲ ରିଚାର୍ଜ ମହଙ୍ଗା

**୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହେବ**

**ରିଚାର୍ଜ ଖର୍ଚ୍ଚ ପୂର୍ବାପେକ୍ଷା ୧୨% ବଢ଼ିବ**

**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଦେଶର କୋଟି କୋଟି ମୋବାଇଲ ଉପଭୋକ୍ତାଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆସନ୍ତାମାସ ଅର୍ଥାତ୍ ଡିସେମ୍ବରରୁ ମୋବାଇଲ ଚଳାଇବା ମହଙ୍ଗା ହେବ। ଟେଲିକମ୍ କମ୍ପାନୀଗୁଡିକ ଡିସେମ୍ବରରେ ସେମାନଙ୍କ ରିଚାର୍ଜ ଓ ଡାଟା ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବାକୁ ଯାଉଛନ୍ତି। ସୂଚନାନୁସାରେ, ଦେଶର ୩ ବଡ଼ ଟେଲିକମ କମ୍ପାନୀ ସେମାନଙ୍କ ରିଚାର୍ଜ ପ୍ଲାନ ଦର ବଢାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେଣୁ ଏହାର ସିଧାସଳଖ ପ୍ରଭାବ ମୋବାଇଲ ୟୁଜରଙ୍କ ପକେଟ ଉପରେ ପଡିବ। ରିଚାର୍ଜ ଏବଂ ଡାଟା ପ୍ଲାନ୍ ଦରରେ ଏହି ପରିବର୍ତ୍ତନ ଡିସେମ୍ବର ମାସରୁ ଲାଗୁ ହୋଇପାରେ।

ଦେଶର ତିନି ଟେଲିକମ୍ କମ୍ପାନୀ ଏୟାରଟେଲ୍, ଜିଓ ଏବଂ ଭୋଡାଫୋନ୍ ଆଇଡିଆ ସେମାନଙ୍କର ପ୍ରିପେଡ୍ ପ୍ଲାନ୍ ମୂଲ୍ୟରେ ଖୁବ୍ ଶୀଘ୍ର ବୃଦ୍ଧି କରିବାକୁ ଯାଉଛନ୍ତି। ନୂଆ ମୋବାଇଲ୍ ରିଚାର୍ଜ ପ୍ଲାନ୍ ▶ପୃଷ୍ଠା-୭

## ନବୀନଙ୍କ ଭିଡିଓ ବାର୍ତ୍ତା | ସୁଖଦୁଃଖର ସାଥୀ ହେବେ ସ୍ନେହାଙ୍ଗିନୀ

### ନୂଆପଡ଼ାରୁ ହିଁ ଆରମ୍ଭ ହେବ ବିଜେପିର ପରାଜୟ



**ଭୁବନେଶ୍ୱର, ୯।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରୁ ବନ୍ଦ ହୋଇଛି ପ୍ରଚାର। ମଙ୍ଗଳବାର ସକାଳୁ ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ନୂଆପଡ଼ାର ଭୋଟରଙ୍କ ପାଇଁ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବାର୍ତ୍ତାରେ ନବୀନ ତାଙ୍କର ନୂଆପଡ଼ା, କୋମନା, ଖରିଆର୍ ରୋଡ୍ ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇଥିବା ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛନ୍ତି। ନୂଆପଡ଼ାରେ ରହି ନୂଆପଡ଼ାବାସୀଙ୍କ ସେବା କରିବାକୁ ସ୍ନେହାଙ୍ଗିନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସବୁବେଳେ ନୂଆପଡ଼ାବାସୀଙ୍କର ସୁଖ ▶ପୃଷ୍ଠା-୭

# ଦୁର୍ଘଟଣା ନେଲା ୪ ଜୀବନ

## ଗାଡ଼ି ଧକ୍କାରେ ମା'-ପୁଅଙ୍କ ମୃତ୍ୟୁ





**ରେଢ଼ାଖୋଲ, ୯।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡିମିରିକୁଦା ଗ୍ରାମ ନିକଟରେ ଆଜି ଏକ ଦୁର୍ଘଟଣାରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରେଙ୍ଗାଲି ପଞ୍ଚାୟତ ପିପିଲିକାନୀ ଗ୍ରାମର ମନୋଜ ମାଝୀ (୨୫) ଓ ତାଙ୍କ ମା' ମଞ୍ଜୁ ମାଝୀ (୬୦)। ୯ ମାସର ଗର୍ଭବତୀ ସ୍ତ୍ରୀକୁ ସାକ୍ଷାତ କରିବା ପାଇଁ ମନୋଜ ନିଜ ଶାଶୂଘର ନାକଟିଦେଉଳ ବ୍ଲକ୍ ଝାରବେଡ଼ା ଗାଁକୁ ଏକ ▶ପୃଷ୍ଠା-୭

## ବାଇକ୍ ଧକ୍କାରେ ୨ ମୃତ

**କବିସୂର୍ଯ୍ୟନଗର / ପୋଲସରା / କୋଦଳା, ୯ ।୧୧ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଜଣେ ବୃଦ୍ଧଙ୍କୁ ବାଇକ୍ ଧକ୍କା ଦେବାରୁ ବୃଦ୍ଧଙ୍କ ସହ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ ଓ ବାଇକ ଚାଳକ ପୋଲସରା ଥାନା ଅନ୍ତର୍ଗତ ରାଣିପଡ଼ା ଗ୍ରାମର ମିଟୁ ପରିଡ଼ା।

ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରିଥିଲେ। ନାଟକ ସରିବା ପରେ ରବିବାର ଭୋର୍‌ରେ ସେ ବାଇକ୍ ଯୋଗେ ▶ପୃଷ୍ଠା-୭

## ୧୫ ଡିଗ୍ରୀ ତଳେ ୮ ସହର ତାପମାତ୍ରା

**ଭୁବନେଶ୍ୱର, ୯।୧୧(ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଲଗାତାର ଗତ ୨-୩ ଦିନ ହେବ ଅଧିକାଂଶ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟରେ ବର୍ତ୍ତମାନ କ୍ରମାଗତ ଭାବେ ଉତ୍ତରା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଥଣ୍ଡା ବଢ଼ିଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ୮ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ଥିବା ବେଳେ ୨ଟି ସହର ତାପମାତ୍ରା ୧୧ଡିଗ୍ରୀ ଛୁଇଁଛି। ଏହି ସହରଗୁଡ଼ିକ ମଧ୍ୟରେ ଦାରିଙ୍ଗବାଡିରେ ତାପମାତ୍ରା ୧୧ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡା ୧୧.୭, ଫୁଲବାଣୀ ୧୨, ରାଉରକେଲା ୧୩.୨, ଭଦ୍ରକ ୧୪, ଅନୁଗୁଳ ୧୪.୬, କେନ୍ଦୁଝର ୧୪.୬ ଓ କୋରାପୁଟରେ ତାପମାତ୍ରା ୧୪.୬ ଡିଗ୍ରୀ ରେକର୍ଡ ▶ପୃଷ୍ଠା-୭

## ମୟୂରଭଞ୍ଜରେ ଚାଞ୍ଚଲ୍ୟ | ଲୁଟ୍ ପାଇଁ ଗୁଳି କରି ମାରିଦେଲେ

**ବଳଦ କିଣିବାକୁ ହାଟକୁ ଯାଉଥିଲେ**

**ଲୁଟି ନେଲେ ୫୦ ହଜାର ଟଙ୍କା**

**ରାଇରଙ୍ଗପୁର / ଶୁକ୍ରୁଳି, ୯।୧୧ (ସମିସ):** ଯୁବକଙ୍କୁ ଗୁଳି କରି ହତ୍ୟା କରିବା ସହ ଲୁଟିନେଲେ ୫୦ ହଜାର। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ କେନ୍ଦୁଆପୋଲ ନିକଟରେ ରବିବାର ଦିନ ଦ୍ୱିପହରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ, ହାରା ମହାନ୍ତ। ତାଙ୍କ ଘର କଲନ୍ଦାରେ। ସେ କେନ୍ଦୁଝର ଜିଲ୍ଲାର ଖୁଣ୍ଟାପଡ଼ାସ୍ଥିତ ଶଶୁର ଘରେ ରହୁଥିଲେ। ଘାଗରବେଢ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରାଥମିକ ଅନୁସନ୍ଧାନରୁ ଲୁଟ୍ ପାଇଁ ଏହି ହତ୍ୟାକାଣ୍ଡ ହୋଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ବଳଦ କିଣିବାକୁ ହାରା ଆଜି ଅଙ୍ଗାରପଦା ସାପ୍ତାହିକ ହାଟକୁ ଏକ ବାଇକ୍‌ରେ ଯାଉଥିଲେ। ପାଖରେ ତାଙ୍କର ୫୦ ହଜାର ଟଙ୍କା ଥିଲା। ଏହି ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ସେ ମୟୂରଭଞ୍ଜ ଓ ▶ପୃଷ୍ଠା-୭

### ମୁଗ ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରୁନି ଓଡ଼ିଶା

# ଚାଷୋପଯୋଗୀ ହେଉନି ସରକାରୀ ବିହନ

**ରୋଗ ସହଣି କ୍ଷମତା କମ୍; ସୁହାଉନି ଜଳବାୟୁ**

**ଧଳା ମାଛି ଲାଗି ହଳଦିଆ ପଡ଼ିଯାଉଛି ପତ୍ର**

**ସ୍ଥାନୀୟ କିସମ ବିକଶିତ ହେଲେ ଉତ୍ପାଦନ ବଢ଼ିବ**



**ଭୁବନେଶ୍ୱର, ୯।୧୧ (ବିଶ୍ୱଜିତ ଗାଇଗରିଆ):** ଧାନ ଚାଷ ପରେ ଡାଲି ଜାତୀୟ ଫସଲ କଲେ ମାଟିର ଉର୍ବରତା ବଢ଼ିବ। ଡାଲି ଜାତୀୟ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ। ଡାଲି ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ କୃଷକଙ୍କ ବାର୍ଷିକ ଆୟ ମଧ୍ୟ ବଢ଼ିବ। ଏପରି ମହତ ଉଦ୍ଦେଶ୍ୟ ନେଇ ସରକାର ରାଇସ୍ ଫେଲୋ ମ୍ୟାନେଜମେଣ୍ଟ (ଆର୍‌ଏଫ୍‌ଏମ୍) ଯୋଜନା ଅଧୀନରେ ଚାଷୀମାନଙ୍କୁ ମୁଗ ବିହନ ପ୍ରଦାନ କରୁଛନ୍ତି। ହେଲେ ସରକାରୀ ବିହନ ଗଜା ହେଉନି। ଯେତିକି ଗଛ ଉଠୁଛି ତହିଁରେ ରୋକପୋକ ଅଧିକ ମାତ୍ରାରେ ଲାଗୁଛନ୍ତି। ଫଳରେ ସରକାରୀ ବିହନକୁ ଚାଷ କରିବା ପରିବର୍ତ୍ତେ ବଜାରରୁ ଡାଲି କିଣି ରାନ୍ଧି ଖାଇବାକୁ କୃଷକମାନେ ଶ୍ରେୟସ୍କର ମଣୁଛନ୍ତି।

ମୁଗ ଚାଷ ପାଇଁ ସରକାର ଏକର ପିଛା ୮କେଜି ବା ହେକ୍ଟର ପିଛା ୨୦ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।


## ନିଜ ଟଙ୍କାକୁ ଦାବି କରିବାର ୩ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ,
ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
**ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର**
**99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in



# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଗୁଜରାଟରେ ତିନି ଆତଙ୍କବାଦୀ ଗିରଫ

ଅହମଦାବାଦ, ୯।୧୧ (ଏଜେନ୍ସି): ଗୁଜରାଟ ପୁଲିସ ଆଜି ଅରମଦାବାଦରେ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଦାବି କରିଛି। ସେମାନେ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ପାଇଁ କାମ କରୁଥିଲେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସାରା ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକୁ ଗୁଜରାଟ ଏଟିଏସ ସତର୍କ କରିଦେଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଦୁଇ ଆତଙ୍କବାଦୀ ଉତ୍ତରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣକ ହାଇଦରାବାଦର ବାସିନ୍ଦା। ତିନି ଜଣ ଯାକ ଉତ୍ତର ପ୍ରଦେଶରୁ ଗୁଜରାଟର ଆଦାଲଜରେ ପହଞ୍ଚି ଥିଲେ। ଏମାନଙ୍କ ନିକଟରୁ ତିନୋଟି ପିସ୍ତଲ, ୩୦ କ୍ୟାଟ୍ରିଜ ଏବଂ ବିପୁଳ ମାତ୍ରାରେ ରାସାୟନ ସାମଗ୍ରୀ ଜବତ କରାଯାଇଛି। ଏହି ଆତଙ୍କବାଦୀ ଅସ୍ତ୍ରଶସ୍ତ୍ର ଠୁଳ କରିବା ପାଇଁ ଗୁଜରାଟ ଆସିଥିଲେ। ଗିରଫ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ଡାକ୍ତର ସାମିଲ ରହିଛି। ସେ ଚୀନରୁ ଏମ୍‌ବିବିଏସ କରିଥିବା ଏବଂ ଇସଲାମିକ୍ ଷ୍ଟେଟ୍ ଖୋରାସନ ପ୍ରଦେଶ ସହିତ ସମ୍ପର୍କରେ ଥିବା ଜଣାପଡ଼ିଛି। ଏଟିଏସ ଡିଆଇଜି ସୁନୀଲ ଜୋଶୀ କହିଛନ୍ତି ଯେ ହାଇଦରାବାଦର ୩୫ ବର୍ଷୀୟ ଅହମ୍ମଦ ମୋହିଉଦ୍ଦିନ ଚୀନ୍‌ରୁ ଡାକ୍ତରୀ ପଢ଼ା ସାରି ଭାରତ ଫେରି ଆସିଥିଲା।

## ଅଜିତ ପାୱାରଙ୍କ ପୁଅ ବିରୋଧରେ ଆଉ ଏକ ଜମି ହଡ଼ପ ଅଭିଯୋଗ

ମୁମ୍ବଇ, ୯।୧୧ (ଏଜେନ୍ସି): ମହାରାଷ୍ଟ୍ରରେ ବିଜେପିର ସହଯୋଗୀ ଦଳ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଲାଗିଛି। ତାଙ୍କ କମ୍ପାନୀ ଅମେଡିଆ ହୋଲ୍ଡିଂସ୍‌ର ଆଉ ଏକ ଜମି ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। ଏହି ମାମଲା ବିପିଡି ଅଞ୍ଚଳର। ଏହା କୃଷି ବିଭାଗ ଜମି ହୋଇଥିବା ସତ୍ତ୍ୱେ ତହସିଲଦାରଙ୍କ ସହ ମିଶି ଜମି ହଡ଼ପ କରିଥିବା ଏବଂ ଜାଲ୍ କାଗଜପତ୍ର ପ୍ରସ୍ତୁତିର ଅଭିଯୋଗ ଲାଗିଛି। ଏହାକୁ ନେଇ କମ୍ପାନୀର ନିର୍ଦ୍ଦେଶକ ଦିଗବିଜୟ ଅମରସିଂହ ପାଟିଲଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ପାର୍ଥଙ୍କ କମ୍ପାନୀ ଉପରେ ପୁନେର ମୁଣ୍ଡୱାରେ ଜମି ହଡ଼ପ କରିଥିବା ଅଭିଯୋଗ ଲାଗିଥିଲା। ଏହି ମାମଲାରେ ଜଣେ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ଏହାର ଯାଞ୍ଚ ଲାଗି ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପୁଅ କମ୍ପାନୀର ଏହି ଚୁକ୍ତିକୁ ରଦ୍ଦ କରିଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ଏବେ ଷ୍ଟାମ୍ପ ଶୁଳ୍କ ରଦ୍ଦ କରିଥିବାରୁ ଏ ବାବଦକୁ ପାର୍ଥଙ୍କ କମ୍ପାନୀଙ୍କୁ ୪୨ କୋଟି ଟଙ୍କା ପୈଠ କରିବାକୁ ପଡ଼ିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଶନିବାର କହିଥିଲେ ଯେ ପୁନେ ଜମି ଚୁକ୍ତି ମାମଲାରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିରେ କାହାକୁ ସୁରକ୍ଷା ଦିଆଯିବ ନାହିଁ।

## ରାହୁଲ ଗାନ୍ଧୀଙ୍କୁ ଦଣ୍ଡ

ଭୋପାଳ, ୯।୧୧ (ଏଜେନ୍ସି): ନିୟମ ସମସ୍ତଙ୍କ ପାଇଁ ସମାନ। ବଡ଼ ପଦାଧିକାରୀ ହୁଅନ୍ତୁ ଅବା ତୃଣମୂଳସ୍ତରର ସାଧାରଣ କର୍ମୀ ସମସ୍ତଙ୍କୁ ନିୟମ ପାଳନ କରିବାକୁ ପଡ଼ିଥାଏ। ଶୃଙ୍ଖଳା ପାଇଁ ଏହା ଜରୁରୀ ମଧ୍ୟ। ଏହାକୁ ବଜାୟ ରଖିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏପରି ଏକ ନିୟମ ଉଲ୍ଲଙ୍ଘନ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦଣ୍ଡ ପାଇଛନ୍ତି। ଆଉ ଏଥିପାଇଁ ତାଙ୍କୁ ୧୦ ପୁଶ୍-ଅପ୍ ମାରିବାର ଦଣ୍ଡ ମଧ୍ୟ ମିଳିଛି। ରାହୁଲ ଏହି ଦଣ୍ଡ ଭୋଗିଛନ୍ତି ମଧ୍ୟ। ସମସ୍ତଙ୍କ ସାମ୍ନାରେ ୧୦ ପୁଶ୍-ଅପ୍ ମାରିଛନ୍ତି। ସେ ଏପରି କରି ନିୟମକୁ ସମ୍ମାନ ଦେଇଛନ୍ତି ଏବଂ ଅନୁଶାସନହୀନତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ହିଲ୍ ଷ୍ଟେସନ ପଚମଢୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶନିବାର ହୋଟେଲ ହାଇଲାଣ୍ଡରେ ଅନୁଷ୍ଠିତ କଂଗ୍ରେସ ଜିଲ୍ଲାଧ୍ୟକ୍ଷଙ୍କ ପ୍ରଶିକ୍ଷଣ ଶିବିରକୁ ଦୁଇ ମିନିଟ ବିଳମ୍ବରେ ପହଞ୍ଚିଥିବାରୁ ରାହୁଲଙ୍କୁ ଏହି ଦଣ୍ଡ ଦିଆଯାଇଥିଲା। କଂଗ୍ରେସ ପ୍ରଶିକ୍ଷଣ ବିଭାଗର ମୁଖ୍ୟ ସଚିନ ରାଓ କହିଥିଲେ ଯେ ଅନୁଶାସନ ପାଳନ ନ କଲେ ପ୍ରଶିକ୍ଷଣ ଶିବିରରେ ଏହି ଦଣ୍ଡ ଦିଆଯାଇଥାଏ। ଆଉ ରାହୁଲ ଏହି ଦଣ୍ଡକୁ ସ୍ୱୀକାର କରିଥିଲେ।

## ବେଙ୍ଗାଲୁରୁ ଜେଲ୍‌ରେ ଦୁର୍ଦ୍ଦାନ୍ତ କଏଦୀଙ୍କ ମସ୍ତି



ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ଚଳଚ୍ଚିତ୍ରରେ ଜେଲ୍‌ରେ ଜୀବନକୁ ଅତ୍ୟନ୍ତ କଷ୍ଟକର ଭାବେ ଦେଖାଯାଇଥାଏ। କିନ୍ତୁ ବାସ୍ତବରେ ଏହା ବୀପରିତ ହୋଇଥାଏ। ଜେଲ୍ ଭିତରେ ଗରିବ କଏଦୀଙ୍କୁ କୌଣସି ସୁବିଧା ମିଳୁନଥିବାବେଳେ ଟଙ୍କା ଦେଇପାରୁଥିବା ଦୁର୍ଦ୍ଦାନ୍ତ ଆତଙ୍କବାଦୀ, ଅପରାଧୀଙ୍କୁ ସବୁ ବିଳାସପୂର୍ଣ୍ଣ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ବେଙ୍ଗାଲୁରୁର ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ ଜେଲ୍‌ରୁ ଏଭଳି ମାମଲା ସାମ୍ନାକୁ ଆସିଛି। ଏଠାରେ ଆଇଏସଆଇଏସ ଆତଙ୍କବାଦୀ ଜୁହେବ ହମିଦ ସକିଲ ମନ୍ନା ଫୋନ ବ୍ୟବହାର କରୁଥିବା ଦେଖାଯାଉଛି। ୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ବିମାନବନ୍ଦରରୁ ସକିଲକୁ ଏନଆଇଏ ଗିରଫ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଆତଙ୍କବାଦରେ ସାମିଲ କରିପାଣ୍ଠି ସଂଗ୍ରହର ଅଭିଯୋଗ ଲାଗିଛି। ଏହା ବ୍ୟତୀତ ସିରିଏଲ କିଲର ତଥା ଦୁଷ୍କର୍ମକାରୀ ଉମେଶ ରେଡ୍ଡୀକୁ ମଧ୍ୟ ମୋବାଇଲ ଫୋନ ବ୍ୟବହାର କରୁଥିବା ଦେଖାଯାଉଛି। ଆଉ କିଛି କଏଦୀ ଜେଲ୍ ଭିତରେ ଟିଭି ଦେଖୁଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଜେପି ବିଧାୟକ ବିଜେନ୍ଦ୍ର ୟେଦିୟୁରପ୍ପା ଏହି ଭିଡିଓ ସେୟାର କରିଛନ୍ତି। କର୍ଣ୍ଣାଟକ ଜେଲ୍ ଏବେ ରିସୋର୍ଟରେ ବଦଳି ଯାଇଛି ବୋଲି ସେ ଲେଖିଛନ୍ତି। ଏହି ଜେଲ୍‌ରେ ଦେଶଦ୍ରୋହୀ, ଆତଙ୍କବାଦୀ, ଦୁଷ୍କର୍ମକାରୀ, ଚୋର ଏବଂ ହତ୍ୟାକାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଉଥିବା ସେ କହିଛନ୍ତି। ବିବାଦ ବଢିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମାମଲାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ସେ ଘଟଣାର ରିପୋର୍ଟ ମାଗିଛନ୍ତି।

ଏହି ଭାଇରାଲ ଭିଡିଓ ଜେଲ୍ ସୁରକ୍ଷା ବ୍ୟବସ୍ଥା ଏବଂ ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଜେଲ୍‌ଅଧିକାରୀମାନେ କହିଛନ୍ତି ଯେ ଏହି ଭିଡିଓଗୁଡ଼ିକର ସତ୍ୟତା ଯାଞ୍ଚ କରିବା ପାଇଁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରାଯାଇଛି।ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ପୂର୍ବରୁ କିଛି ଦିନ ତଳେ ଗୁଜ୍ଜାଚି ସିନା ନାମକ ଜଣେ କୁଖ୍ୟାତ ଅପରାଧୀ ଜେଲ ଭିତରେ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଥିଲା। ସେ କେକ୍ କାଟି ସାଥୀ କଏଦୀମାନଙ୍କ ସହିତ ଉତ୍ସବ ମନାଉଥିଲା।

## ଭାରତରେ କେହି ଅଣହିନ୍ଦୁ ନୁହନ୍ତି: ମୋହନ ଭାଗବତ

ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ନୀତିକୁ ସମର୍ଥନ ଦିଏ। କୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳକୁ ସଂଘ ସମର୍ଥନ ଦିଏ ନାହିଁ। ଯଦି କଂଗ୍ରେସ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଦାବିକୁ ମାନି ନେଇଥାଆନ୍ତା ତେବେ ଆରଏସଏସ କର୍ମୀ ଏହି ଦଳକୁ ମଧ୍ୟ ସମର୍ଥନ ଦେଇଥାନ୍ତେ। ଆରଏସଏସକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ମୁଖ୍ୟ ମୋହନ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଆରଏସଏସ କୌଣସି ରାଜନୈତିକ ଦଳକୁ ସମର୍ଥନ ଦିଏ ନାହିଁ। ନିର୍ବାଚନ ରାଜନୀତିରେ ସଂଘ ଅଂଶଗ୍ରହଣ କରେନାହିଁ। ସଂଘ ସମାଜକୁ ଯୋଡ଼ିବା ପାଇଁ କାମ କରିଥାଏ। କିନ୍ତୁ ରାଜନୀତି ବିଭାଜନକାରୀ ହୋଇଥାଏ। ଆମେ ଦେଶକୁ ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗରେ ନେବାକୁ ପ୍ରୟାସ କରୁଛୁ। ଯିଏ ଏହି ଦିଗରେ କାର୍ଯ୍ୟ କରିବ ଆରଏସଏସ ତାହାକୁ ସମର୍ଥନ ଦେବ। ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଦେଇଥିବା ଦଳକୁ ସ୍ୱୟଂସେବକ ଭୋଟ କରିଥିଲେ। ସେହିପରି ଭାରତରେ କେହି ଅଣହିନ୍ଦୁ ନୁହନ୍ତି। ସଂଘ କାହାର ବିରୋଧୀ ନୁହେଁ। ଶାଖାକୁ ମୁସଲମାନ, ଖ୍ରୀଷ୍ଟିଆନ ଏବଂ ହିନ୍ଦୁ ବି ଆସନ୍ତି। କିଏ କ'ଣ ବୋଲି କାହାକୁ କେତେବେଳେ ବି ପ୍ରଶ୍ନ କରାଯାଇ ନ ଥାଏ। ଆମେ ସମସ୍ତେ ଭାରତ ମାତାଙ୍କ ସନ୍ତାନ। ଏହା ହିଁ ସଂଘର କାର୍ଯ୍ୟଶୈଳୀ। ସଂଘ ଗେରୁଆକୁ ଗୁରୁ ମାନୁଛି ଏବଂ ତ୍ରିରଙ୍ଗାକୁ ବହୁତ ସମ୍ମାନ ଦେଉଛି ବୋଲି ଭାଗବତ କହିଛନ୍ତି।



# ଚିନ୍ତା ବଢ଼ାଉଛି ବାଂଲା-ପାକ୍ ସମ୍ପର୍କ



- ବାଂଲାଦେଶରେ ପହଞ୍ଚିଲା ପାକିସ୍ତାନ ଯୁଦ୍ଧ ଜାହାଜ
- ୧୯୭୧ ଯୁଦ୍ଧ ପରେ ପ୍ରଥମ ଘଟଣା

ଢ଼ାକା, ୯।୧୧ (ଏଜେନ୍ସି): ପାକିସ୍ତାନର ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ଭାରତ ୧୯୭୧ରେ ସ୍ୱତନ୍ତ୍ର ସେନା ଅଭିଯାନ ଆରମ୍ଭ କରିଥିଲା। ପାକିସ୍ତାନ ସେନାକୁ ଧୂଳି ଚଟାଇ ବାଂଲାଦେଶ ଗଠନ କରିଥିଲା। କିନ୍ତୁ ଏବେ ଭାରତ ଅବଦାନକୁ ବାଂଲାଦେଶ ଭୁଲି ଯାଇଛି। ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ବିତାଡ଼ିତ କରିବା ପରେ ମହମ୍ମଦ ୟୁନୁସ କାମଚଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ଜଣେ ପାକିସ୍ତାନ ପ୍ରେମୀ ଭାବେ ପରିଚିତ। କ୍ରମାଗତ ଭାବେ ୟୁନୁସ ଭାରତ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି। ବିଭ୍ରାନ୍ତିକର ଦାବି କରିବା ସହିତ ଭାରତ ସହ ସମ୍ପର୍କ ଖରାପ କରିବାରେ ଲାଗିଛନ୍ତି। ଯେଉଁ ଦେଶ ବାଂଲାଦେଶରେ ଅତ୍ୟାଚାର କରି ଲକ୍ଷ ଲକ୍ଷ ମହିଳାଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରିଥିଲା ସେହି ଦେଶ ସହ ୟୁନୁସ ସମ୍ପର୍କ ବୃଦ୍ଧି କରି ନିଜ ଜନତାଙ୍କୁ ବି ଧୋକା ଦେଉଛନ୍ତି। ସେ ଅଞ୍ଚଳରେ ନୂଆ କ୍ଷମତା କେନ୍ଦ୍ର ଗଠନ କରିବାକୁ ଚାହୁଁଛନ୍ତି। ଏହି କ୍ରମରେ ପାକିସ୍ତାନ ସହ ସାମରିକ ସମ୍ପର୍କ ବଢାଇ ଚାଲିଛନ୍ତି। ଏବେ ସେ ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି। ୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ପାକିସ୍ତାନର ଏକ ଯୁଦ୍ଧ ଜାହାଜ ଶନିବାର ବାଂଲାଦେଶରେ ପହଞ୍ଚିଛି। ଏହି ଯୁଦ୍ଧ ଜାହାଜ 'ପିଏନଏସ ସୈଫ' ବଙ୍ଗୋପସାଗର ଉପକୂଳ ଦେଇ ଚଟ୍ଟଗାଁଓ ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ଏଠାରେ ଚାରି ଦିନ ରହିବ। ଏହା ସଦ୍ଭାବନା ଯାତ୍ରା ବୋଲି କୁହାଯାଉଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ବନ୍ଧକୁ ବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି।

ବାଂଲାଦେଶ ନୌସେନାର ସୂଚନା ଅନୁଯାୟୀ, ସୁଜାତ ଅବାସ ଏହି ଜାହାଜର କ୍ୟାପ୍‌ଟେନ ଅଛନ୍ତି। ଚଟ୍ଟଗାଁଓ ପହଞ୍ଚିବା ପରେ ବାଂଲାଦେଶ ଜାହାଜ ବିଏନଏସ ସାଧିନୋତା ସମୁଦ୍ରରେ ଏହାକୁ ସଲାମୀ ଦେଇଥିଲା ଏବଂ ବନ୍ଦର ପର୍ଯ୍ୟନ୍ତ ମାର୍ଗଦର୍ଶନ କରିଥିଲା। ଏହି ଗସ୍ତ ସମୟରେ ଦୁଇ ଦେଶର ନୌସେନା ଅଧିକାରୀ ପରସ୍ପରକୁ ଭେଟି ବିଭିନ୍ନ ପ୍ରସଙ୍ଗରେ ସହଯୋଗ ଉପରେ ଚର୍ଚ୍ଚା କରିବେ। ୧୨ ତାରିଖରେ ଏହି ଯାତ୍ରା ଶେଷ ହେବ।

୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନପରଠାରୁ ପ୍ରଥମ ଦେଶ ଭାବେ ବାଂଲାଦେଶର ଅନ୍ତରୀଣ ସରକାରକୁ ପାକିସ୍ତାନ ସ୍ୱାଗତ କରିଥିଲା। ଏହା ପରଠାରୁ ଢାକା ଏବଂ ଇସଲାମାବାଦର ସମ୍ବନ୍ଧ ମଜବୁତ ହେବାରେ ଲାଗିଛି। କିନ୍ତୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ମହମ୍ମଦ ୟୁନୁସଙ୍କ ସରକାର ନିକଟରେ ଭାରତର ଅନେକ ଅଞ୍ଚଳକୁ ବାଂଲାଦେଶରେ ସାମିଲ କରିଥିବା ମାନଚିତ୍ର ଜାରି କରିଥିଲେ। ଏହାକୁ ପାକିସ୍ତାନ ସେନା ଅଧିକାରୀଙ୍କୁ ସେ ପ୍ରଦାନ କରିଥିଲେ। ଭାରତର ଚିକେନ ନେକ୍ ଅଞ୍ଚଳରେ ମଧ୍ୟ ବାଂଲାଦେଶ କୁଟୀଳ ପ୍ରୟାସ କରୁଛି। ସେଠାରେ ଥିବା ନିଜ ଏୟାରବେସର ସମ୍ପ୍ରସାରଣ କରୁଛି। ଅନ୍ୟପଟେ ଏବେ ପାକିସ୍ତାନ ବାୟୁସେନାର ପ୍ରମୁଖ ଆଡମିରାଲ ନଭେଜ ଅସରଫ ମଧ୍ୟ ଚାରି ଦିନିଆ ବାଂଲାଦେଶ ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ପାକିସ୍ତାନର ପ୍ରମୁଖ ମିଲିଟାରୀ କମାଣ୍ଡର ଜେନେରାଲ ସାହିର ସମସାଦ ମିର୍ଜା ବାଂଲାଦେଶ ଯାଇଥିଲେ। ଏହି ଚାରି ଦିନିଆ ଗସ୍ତରେ ସେ ମହମ୍ମଦ ୟୁନୁସଙ୍କୁ ଭେଟି ପ୍ରତିରକ୍ଷା ସମ୍ବନ୍ଧ ବୃଦ୍ଧି ନେଇ ଆଲୋଚନା କରିଥିଲେ। କିନ୍ତୁ ବାଂଲାଦେଶରେ ପାକିସ୍ତାନ ଯୁଦ୍ଧ ଜାହାଜ ପହଞ୍ଚିବା ଭାରତ ପାଇଁ ଚିନ୍ତାର ବିଷୟ। ପାକିସ୍ତାନ ସହ ବାଂଲାଦେଶ ଦ୍ରୁତଗତିରେ ସମ୍ବନ୍ଧ ସୁଧାରୁଛି ବୋଲି ଏହା ପ୍ରମାଣ ଦେଉଛି। ଏହି ଜାହାଜକୁ ଚୀନ୍ ନିର୍ମାଣ କରିଥିଲା। ଏହା ଦ୍ୱାରା ବାଂଲାଦେଶରେ ଚୀନ୍ ସାମରିକ ଉପସ୍ଥିତି ଜାହିର କରିପାରେ। ଏହା ବ୍ୟତୀତ ଚଟ୍ଟଗାଁଓ ବିମାନବନ୍ଦର ଭାରତର ପୂର୍ବ ଉପକୂଳ ନିକଟରେ ରହିଛି। ଏଥିପାଇଁ ପାକିସ୍ତାନ ଏବଂ ଚୀନ୍ ଜାହାଜ ଭାରତର ସାମୁଦ୍ରିକ ସୁରକ୍ଷା ଉପରେ ବିପଦ ସୃଷ୍ଟି କରିପାରନ୍ତି। ମାସେ ତଳେ ମଧ୍ୟ ଆମେରିକାର ଏକ ଜାହାଜ ଏଠାରେ ପହଞ୍ଚି ଥିଲା।

## 'ଭୋଟ ପାଇଁ ଲୋକଙ୍କୁ ହରିୟାଣାରୁ ବିହାର ଅଣାଯାଇଛି'

- ରେଳବାଇ, ଇସିଙ୍କ ଉପରେ ପ୍ରଶ୍ନ ଉଠାଇଲେ ସିବଲ
- ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ହୋଇଥିଲା

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ନିର୍ବାଚନ କମିଶନର (ଇସି)ଙ୍କ ନିରପେକ୍ଷତା ଉପରେ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି। ବିଜେପି ସପକ୍ଷରେ ଇସି କାମ କରୁଛନ୍ତି ବୋଲି ସେ ଅଭିଯୋଗ ଲଗାଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସିବଲ ରବିବାର କହିଥିଲେ ଯେ ହରିୟାଣାରୁ ହଜାର ହଜାର ଯାତ୍ରୀଙ୍କୁ ଧରି ଅନେକ ଟ୍ରେନ ସନ୍ଦେହଜନକ ସ୍ଥିତିରେ ବିହାରରେ ପହଞ୍ଚିଛି। ଏହା ଉପରେ ଇସି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କି? ଇସି ଆଉ ବିଜେପି ଏଜେଣ୍ଟ ଭଳି କାମ କରୁନାହାନ୍ତି ତ? ସିବଲ କହିଥିଲେ ଯେ ଗତ ୩ ତାରିଖରେ ୪ଟି ଟ୍ରେନ ୬ ହଜାର ଯାତ୍ରୀଙ୍କୁ ଧରି ବିହାରରେ ପହଞ୍ଚି ଥିଲା। ଏହି ଲୋକମାନେ କାହିଁକି ଯାତ୍ରା କରୁଥିଲେ? ଏମାନେ ବିହାରର ପ୍ରକୃତ ଭୋଟର କି? ଏମାନେ କୌଣସି ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶ ନୁହଁନ୍ତି ତ? ଏହି ସ୍ୱତନ୍ତ୍ର ଟ୍ରେନଗୁଡିକୁ କାହିଁକି ଚଲା ଯାଇଥିଲା? ଯଦି ଏହା ସ୍ୱତନ୍ତ୍ର ଟ୍ରେନ ଥିଲା ତେବେ କେବଳ ହରିୟାଣାରୁ ବିହାର କାହିଁକି ଆସିଥିଲା? ସ୍ୱତନ୍ତ୍ର ସେବା ପାଇଁ ଏହି ଟ୍ରେନ ନ ଥିଲା ତ? ଛଟ୍ ସମୟରେ ଏପରି କାହିଁକି କରାଯାଇ ନ ଥିଲା? ଏ ସବୁର ଉତ୍ତର ରେଳମନ୍ତ୍ରୀ ଦେବା ଉଚିତ। ପ୍ରକୃତ ଭୋଟରଙ୍କୁ କୌଣସି ସ୍ୱତନ୍ତ୍ର ଟ୍ରେନର ଆବଶ୍ୟକତା ନ ଥାଏ। ଏହି ଟ୍ରେନରେ ଆସିଥିବା ୬ ହଜାର ଲୋକ କୁଆଡେ ଗଲେ? ଏହି ଟ୍ରେନକୁ କିଏ ବୁକ୍ କରିଥିଲା? ଜେଡିୟୁ କି ବିଜେପି ଏହି ଟ୍ରେନ ବୁକ୍ କରିଥିଲେ କି?

ସିବଲ ଅଭିଯୋଗ କରିଛନ୍ତି ଯେ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ହରିୟାଣା ବିଜେପି ଅଧ୍ୟକ୍ଷ ମୋହନ ଲାଲ ଏବଂ ଅନ୍ୟ ଦଳୀୟକର୍ମୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ବିଜେପି ଏଥିପାଇଁ ଟଙ୍କା ଦେଇଥିଲା। କିନ୍ତୁ ଏବେ ରେଳମନ୍ତ୍ରୀ ଏହା ସ୍ପଷ୍ଟ କରିବା ଉଚିତ। ସିବଲଙ୍କ ଅନୁଯାୟୀ, ଟ୍ରେନରେ ଆସିଥିବା ବ୍ୟକ୍ତି ହେଉଛନ୍ତି ବୃତ୍ତିଗତ ଭୋଟର। ଏମାନେ ନିର୍ଦ୍ଦିଷ୍ଟ ତାରିଖରେ ବିଭିନ୍ନ ବିଧାନସଭା କ୍ଷେତ୍ରକୁ ଯାଇ ଭୋଟ ଦେଇଥାନ୍ତି।

## ଶାଶୂଙ୍କୁ ଜିଅନ୍ତା ଜାଳିଦେଲା ବୋହୂ

ବିଶାଖାପାଟଣା, ୯।୧୧ (ଏଜେନ୍ସି): ବିଶାଖାପାଟଣାର ପେନ୍ଦୁର୍ଥୀ ଥାନା ଅଧୀନସ୍ଥ ଭେପାଗୁଣ୍ଟା ନିକଟସ୍ଥ ଆପ୍ପାପାଲେମରର ଏକ ଆପାର୍ଟମେଣ୍ଟରୁ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବୋହୂ ନିଜ ପିଲାମାନଙ୍କୁ 'ଚୋରପୁଲିସ' ଖେଳିବାକୁ ପଠାଇ ଜଘନ୍ୟ କାଣ୍ଡ କରିଛି। ପିଲାଙ୍କ ଅନୁପସ୍ଥିତିରେ ଶାଶୂ ଜୟନ୍ତୀ କାନାକା ମହାଲକ୍ଷ୍ମୀ (୬୩) ଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛି। ଶାଶୁ ହତ୍ୟା କେମିତି କରାଯିବ ତାହାର ଶିକ୍ଷା ବୋହୂ ୟୁଟ୍ୟୁବ୍‌ରୁ ନେଇଥିଲା। ୟୁଟ୍ୟୁବ ଦେଖିବା ପରେ ହତ୍ୟା ଷଡ଼ଯନ୍ତ୍ର କରିଥିଲା।



ପଶ୍ଚିମ ଜୋନ୍ ଏସିପି ପ୍ରଦୀପ ତେଜା କହିଛନ୍ତି ଯେ ମହାଲକ୍ଷ୍ମୀ ତାଙ୍କ ପୁଅ ଜୟନ୍ତୀ ସୁବ୍ରମଣ୍ୟମ, ବୋହୂ ଲଳିତା ଦେବୀ (୩୦), ନାତି ଈଶ୍ୱର ଚନ୍ଦ୍ର ଏବଂ ନାତୁଣୀ ଶ୍ରୀନୟନା ତଥା ପୁତୁରା ଶରତଙ୍କ ସହ ଆପାର୍ଟମେଣ୍ଟରେ ରହୁଥିଲେ। ୧୨ ବର୍ଷ ତଳେ ସୁବ୍ରମଣ୍ୟମ ଏବଂ ଲଳିତାଙ୍କ ବିବାହ ହୋଇଥିଲା। କିନ୍ତୁ ପ୍ରଥମ ଦିନରୁ ଶାଶୁବୋହୂଙ୍କ ସମ୍ପର୍କ ଠିକ୍ ନ ଥିଲା। ପ୍ରାୟ ସବୁଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିରେ ଅତିଷ୍ଠ ହୋଇ ଲଳିତା ତାଙ୍କ ଶାଶୂଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ଗତ ୬ ତାରିଖରେ ଲଳିତା ସିଂହାଚଳମ୍ ଗୋଶାଳା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଲିଟରେ ପେଟ୍ରୋଲ ଆଣିଥିଲେ। ଏହା ପରଦିନ ସକାଳେ ସ୍ୱାମୀ ଏବଂ ପୁତୁରା କାମକୁ ଗଲାପରେ ବୋହୂ ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ। ପ୍ରଥମେ ପିଲାମାନଙ୍କୁ ଚୋର-ପୁଲିସ ଖେଳିବାକୁ କହି ଜେଜେମାଙ୍କ ହାତ ବାନ୍ଧି ଆଖିରେ ପଟି ଭିଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଶାଶୂ ଏହାକୁ ଖେଳ ଭାବି ଏପରି କରିବାକୁ ରାଜି ହୋଇ ଯାଇଥିଲେ। କିନ୍ତୁ ପିଲା ଲୁଚିବାକୁ ଯିବା ପରେ ବୋହୂ ପେଟ୍ରୋଲ ଢାଳି ଏକ ଦୀପ ଆଣି ତାଙ୍କ ଉପରେ ପକାଇ ଦେଇଥିଲେ। ଶାଶୂଙ୍କ ଚିତ୍କାର ଶୁଣି ପଡୋଶୀ ନିଆଁ ଲିଭାଇବାକୁ ଧାଇଁ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେରା ସମୟରେ ଲଳିତା ଅପରାଧ ସ୍ୱୀକାର କରିଥିଲେ। ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୁଲିସ ଲଳିତାଙ୍କୁ ଗିରଫ କରି ନ୍ୟାୟିକ ହେପାଜତକୁ ନେଇଛି।

## ବିଦେଶରେ ୨ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ସୁରକ୍ଷା ଏଜେନ୍ସିକୁ ବଡ଼ ସଫଳତା ମିଳିଛି। ବିଦେଶରେ ରହି ଆପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ଭାରତର ଦୁଇ ମୋଷ୍ଟ ୱାଣ୍ଟେଡ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରାଯାଇଛି। ହରିୟାଣା ପୁଲିସ ସହିତ ସୁରକ୍ଷା ଏଜେନ୍ସି ଅଧିକାରୀମାନେ ଗ୍ୟାଙ୍ଗଷ୍ଟର ଭେଙ୍କଟେଶ ଗର୍ଗକୁ ଜର୍ଜିଆରୁ ଏବଂ ଭାନୁ ରାଣାକୁ



ଆମେରିକାରୁ ଗିରଫ କରାଯାଇଛି। ରାଣା ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ। ଖୁବଶୀଘ୍ର ରାଣା ଏବଂ ଗର୍ଗକୁ ଭାରତ ପ୍ରତ୍ୟର୍ପଣ କରାଯିବ। ଏବେ ଦେଶର ୨୪ରୁ ଅଧିକ ଗ୍ୟାଙ୍ଗଷ୍ଟର ବିଦେଶରେ ଅଛନ୍ତି। ସେମାନେ ବିଦେଶରେ ରହି ଗ୍ୟାଙ୍ଗ ସଦସ୍ୟଙ୍କୁ ନିଯୁକ୍ତି କରି ଭାରତରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି।ଗିରଫ ପାଇଁ ଆରମ୍ଭ କରାଯାଇଥିବା ଅଭିଯାନରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଜର୍ଜିଆରୁ ଗିରଫ ହରିୟାଣା ନାରାୟଣଗଡ଼ର ବାସିନ୍ଦା ଗର୍ଗ ବିରୋଧରେ ଭାରତରେ ୧୦ରୁ ଅଧିକ ମାମଲା ରହିଛି। ସେ ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟରୁ ଗ୍ୟାଙ୍ଗ ସଦସ୍ୟ ନିଯୁକ୍ତି କରୁଥିଲା। ଗୁରୁଗ୍ରାମର ବିଏସ୍‌ପି ନେତା ହତ୍ୟା ମାମଲାରେ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ସେ ଜର୍ଜିଆ ପଳାଇ ଥିଲା। ସେଠାରେ ଗ୍ୟାଙ୍ଗଷ୍ଟର କପିଲ ସାଙ୍ଗୱାନ ସହ ମିଶି ଦାଦାବଟି ଆଦାୟ କରୁଥିଲା। ସେହିପରି କର୍ଣ୍ଣାଲର ବାସିନ୍ଦା ରାଣା ଆମେରିକାରେ ରହି ଭାରତରେ ଆପରାଧିକ ସାମ୍ରାଜ୍ୟ ଚଳାଇ ଥିଲା। ହରିୟାଣା, ପଞ୍ଜାବ ଏବଂ ଦିଲ୍ଲୀରେ ତା ବିରୋଧରେ ମାମଲା ରହିଛି। ପଞ୍ଜାବରେ ହୋଇଥିବା ଗ୍ରେନେଡ ଆକ୍ରମଣରେ ସେ ସାମିଲ ଥିଲା।

## ଆଡଭାନୀଙ୍କୁ ଥରୁରଙ୍କ ପ୍ରଶଂସା, ଦୂରେଇଲା କଂଗ୍ରେସ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଜନ୍ମଦିନ ଅବସରରେ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ କଂଗ୍ରେସ ସାଂସଦ ଶଶୀ ଥରୁର ଶୁଭକାମନା ଜଣାଇଛନ୍ତି। ତେବେ ତାଙ୍କର ଏହି ଶୁଭେଚ୍ଛା ବାର୍ତ୍ତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ଓକିଲଙ୍କ ସମେତ ଅନେକ ନେତା ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଉ ସ୍ଥିତି ଏପରି ହୋଇଛି ଯେ କଂଗ୍ରେସ ଦଳ ଥରୁରଙ୍କ ଏହି ଟିପ୍ପଣୀଠାରୁ ନିଜକୁ ଦୂରେଇ ନେଇଛି। ଏହା ଥରୁରଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କୁହାଯାଇଛି। ଥରୁର ସାମାଜିକ ଗଣମାଧ୍ୟମ ପୋଷ୍ଟରୁ ଏହି ବିବାଦ ଆରମ୍ଭ ହୋଇଥିଲା। ସେ ଲେଖିଥିଲେ ଯେ ୯୮ତମ ଜନ୍ମଦିନରେ ଆଡଭାନୀ ଜୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଜନସେବା ପ୍ରତି ଅତୁଟ ପ୍ରତିବଦ୍ଧତା, ବିନମ୍ରତା, ଶାଳୀନତା ଏବଂ ଆଧୁନିକ ଭାରତର ମାର୍ଗ ଧାର୍ଯ୍ୟ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଜଣେ ସଚ୍ଚୋଟ ରାଜନେତା ଭାବେ ତାଙ୍କ ଜୀବନ ଅନୁକରଣୀୟ। ଥରୁରଙ୍କ ଏହି ମନ୍ତବ୍ୟକୁ ସୁପ୍ରିମକୋର୍ଟ ଓକିଲ ସଞ୍ଜୟ ହେଗଡେ ବିରୋଧ କରିଥିଲେ। ଆଡଭାନୀ ଘୃଣାର ମଞ୍ଜି ବୁଣିଥିବା ଉଲ୍ଲେଖ କରିଥିଲେ। ଏହାର ଜବାବରେ ଥରୁର କଂଗ୍ରେସ ଦୁଇ ନେତା ଜବାହାରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ଜୀବନର ଉଦାହରଣ ଦେଇଥିଲେ। ଜଣେ ବ୍ୟକ୍ତିଙ୍କୁ କେବଳ ଗୋଟିଏ ଘଟଣାରେ ସୀମିତ ନ ରଖିବା ଉଚିତ ବୋଲି କହିଥିଲେ। ସେ ଓକିଲଙ୍କ କଥାରେ ସହମତ ହୋଇ କହିଥିଲେ ଯେ ଆଡଭାନୀଙ୍କ ସେବାକୁ ଗୋଟିଏ ଘଟଣାରେ ସୀମିତ ରଖିବା ଅନୁଚିତ। ଏପରି କରିବା ଭୁଲ୍। ଚୀନ୍ ବିଫଳତାକୁ ନେଇ ନେହେରୁ ଏବଂ ଏମର୍ଜେନ୍ସିକୁ ନେଇ ଇନ୍ଦିରାଙ୍କ ସମ୍ପୂର୍ଣ୍ଣ କ୍ୟାରିୟରର ଆକଳନ କରାଯାଇପାରିବ ନାହିଁ।

## 'ଇନ୍ଦିରାଙ୍କ ପାଇଁ ପାକିସ୍ତାନ ହେଲା ପରମାଣୁ ରାଷ୍ଟ୍ର'

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତର ଭୁଲ୍ ନିଷ୍ପତ୍ତି ପାଇଁ କିଭଳି ପାକିସ୍ତାନ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ରରେ ପରିଣତ ହେଲା ତାହାର ଗୁମର ଖୋଲିଛନ୍ତି ଆମେରିକା ସିଆଇଏର ପୂର୍ବତନ ପରମାଣୁ ପ୍ରତିରୋଧ ଅଧିକାରୀ ରିଚାର୍ଡ ବାର୍ଲୋ। ସେ କହିଛନ୍ତି ଯେ ଅଶୀ ଦଶକରେ ପାକିସ୍ତାନର ଗୁପ୍ତ ପରମାଣୁ କାର୍ଯ୍ୟକ୍ରମର ମୁଖ୍ୟକେନ୍ଦ୍ର ଥିବା କାହୁଟା ଉପରେ ଭାରତ ଓ ଇସ୍ରାଏଲ ମିଳିତ ଭାବେ ବିମାନ ଆକ୍ରମଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେତେବେଳେ ଏହା ହୋଇ ନ ଥିଲା। ଚାପ ପଡ଼ିବାରୁ ଭାରତ ଏହି ସୁଯୋଗକୁ ହାତଛଡ଼ା କରି ଦେଇଥିଲା। ଯଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହି ସୁଯୋଗକୁ ହାତଛଡ଼ା କରିନଥାନ୍ତେ ତେବେ ଦକ୍ଷିଣ ଏସିଆ ଏବଂ ବିଶ୍ୱ ସୁରକ୍ଷା ଏବେ ଭିନ୍ନ ହୋଇଥାନ୍ତା ବୋଲି ସେ କହିଛନ୍ତି।

କାହୁଟା ସ୍ଥିତ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ବୈଜ୍ଞାନିକ ଏ.କ୍ୟୁ. ଖାନ୍‌ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା। ଏହା ପାକିସ୍ତାନ ୟୁରାନିୟମ ହାସଲ ପ୍ରୟାସର କେନ୍ଦ୍ରବିନ୍ଦୁ ଥିଲା। ଭାରତ ଏହି କେନ୍ଦ୍ରକୁ ଧ୍ୱଂସ କରିବା ନିଷ୍ପତ୍ତିରୁ ଓହରିବାରୁ ପାକିସ୍ତାନ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇ ପାରିଥିଲା। ଏହା ପରେ ପାକିସ୍ତାନ ପରମାଣୁ ପରୀକ୍ଷଣ କରି ଇରାନ ପରି ଦେଶମାନଙ୍କୁ ଜ୍ଞାନକୌଶଳ ଯୋଗାଣ କରୁଥିଲା।




କଟକ ବାଲିଯାତ୍ରାରେ ରବିବାରିଆ ଭିଡ଼

# ଘଉଡ଼ାଇବା ବେଳେ ଦଳିଦେଲା ହାତୀ

ବିଶୋଇ/ରାଇରଙ୍ଗପୁର, ୯।୧୧(ସମିସ): ଘଉଡ଼ାଇବା ବେଳେ ଦଳିଦେଲା ହାତୀ। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଅନ୍ତର୍ଗତ ତୁଳସୀବଣି ବିଟ୍ ଅଞ୍ଚଳରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୋଡ଼ାଗଡ଼ ପଞ୍ଚାୟତସ୍ଥିତ ରାଜପାଳ ଗ୍ରାମର ସଙ୍ଗା ବାରି (୫୫)।



ସୂଚନାନୁଯାୟୀ, ଶନିବାର ରାତିରେ ଏକ ଦନ୍ତା ଓ ମାଇହାତୀ ରାଜପାଳ ଗ୍ରାମ ନିକଟସ୍ଥ ବିଲରେ ପଶି ପାଚିଲା ଧାନ ଖାଉଥିଲେ। ଖବର ପାଇ ଗାଁଲୋକ ହାତୀଦ୍ୱୟକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗା ମଧ୍ୟ ସାମିଲ ଥିଲେ। ତେବେ ହାତୀଦ୍ୱୟ ହଠାତ୍ ଗ୍ରାମବାସୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ସମସ୍ତେ ସୁରକ୍ଷିତ ଭାବେ ଦୌଡ଼ି ପଳାଇଥିବା ବେଳେ ସଙ୍ଗା ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଏସିଏଫ୍ ତଥା ମଣଦା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରିଣୀ ସୁଶ୍ରୀ ଧରିତ୍ରୀ ମୁର୍ମୁଙ୍କ ସମେତ ମଣଦା ଓ ବରେହିପାଣି ରେଞ୍ଜର ସମସ୍ତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ

**ଧାନ ଫସଲ ସୁରକ୍ଷା କରିବାକୁ ଯାଇଥିଲେ**

କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ସଙ୍ଗାଙ୍କ ପରିବାର ଗରିବ ଶ୍ରେଣୀର। ଚାଷବାସ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ତେଣୁ, ସଙ୍ଗାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବନବିଭାଗ ପକ୍ଷରୁ ତାଙ୍କ ଶବ ସତ୍କାର ନିମନ୍ତେ ୯ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଘଟଣାରେ ଯଶିପୁର ପୁଲିସ ନଂ ୩୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦନ୍ତା ଆକ୍ରମଣରେ ଚାଷୀଙ୍କ ଗୋଡ଼ ଦୁଇଗଡ଼

ନୀଳଗିରି, ୯।୧୧ (ସମିସ): ରାତିରେ ହାତୀ ଉପଦ୍ରବରୁ କ୍ଷେତକୁ ବଞ୍ଚାଇବାକୁ ଯାଇ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି, ନୀଳଗିରିର ଶୈବପୀଠ ପଞ୍ଚଲିଙ୍ଗେଶ୍ୱରଠାରେ। ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ତଳେ ତଥା ପାର୍କିଂଷ୍ଟାଣ୍ଡ ନିକଟରେ ଥିବା କେନ୍ଦୁନାଳ ଗାଁର ଯୋଗେନ୍ଦ୍ର ସିଂ (୪୦) ତାଙ୍କ କ୍ଷେତକୁ ଜଗି ରହିଥିଲେ। ଶନିବାର ରାତି ପ୍ରାୟ ୧୦ଟା ବେଳେ କୁଲଡିହା ଜଙ୍ଗଲରୁ ଏକ ଦନ୍ତାହାତୀ ଉକ୍ତ କ୍ଷେତରେ ପଶି ଉପଦ୍ରବ କରିଥିଲା।



ଯୋଗେନ୍ଦ୍ରଙ୍କ ସମେତ ଅନ୍ୟ ୧୫/୨୦ ଜଣ ଚାଷୀ ଓ ବନ କର୍ମଚାରୀ ହାତୀକୁ ଘଉଡ଼ାଇଥିଲେ। ପାଟି କରିବା ସହ ହାତୀ ମୁହଁକୁ ଟର୍ଚ୍ଚ ମାରିଥିଲେ। ତେବେ ହାତୀଟି ପାଲଟା ଆକ୍ରମଣ କରିଥିଲା। ଯୋଗେନ୍ଦ୍ର ଦୌଡ଼ି ନପାରି କ୍ଷେତରେ ପଡ଼ିଯିବାରୁ ହାତୀଟି ତାଙ୍କୁ ଦଳି ଦେଇଥିଲା। ଯୋଗେନ୍ଦ୍ରଙ୍କ ଗୋଡ଼ ଦୁଇଗଡ଼ ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ସେପଟେ ଅନ୍ୟ ଚାଷୀ ଓ ବନ କର୍ମଚାରୀ ଆହତ ହୋଇଥିଲେ ହେଁ ହାତୀକୁ ପାଟି କରି ଘଉଡ଼ାଇବାରୁ ଚାଷୀଜଣଙ୍କ ଅଳ୍ପକେ ବଞ୍ଚି ଯାଇଛନ୍ତି। ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

**ବାଲି ଟ୍ରାକ୍ଟର୍ ଜବତରୁ ପୁଲିସ-ଗ୍ରାମବାସୀ ମୁହାଁମୁହିଁ**

# ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ

ମୋରଡ଼ା, ୯ ।୧୧(ସମିସ): ବାଲି ବୋଝେଇ ଟ୍ରାକ୍ଟର୍ ଜବତକୁ ନେଇ ପୁଲିସ ସହ ଗ୍ରାମବାସୀଙ୍କ ମୁହାଁମୁହିଁ। ଏପରିକି, ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ସଂପୃକ୍ତ ଟ୍ରାକ୍ଟର୍‌ର ମାଲିକଙ୍କୁ ଗିରଫ କରିଛି। ଏହାସହ ପୁଲିସ ୧୦ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

- ୧୦ଜଣଙ୍କ ନାମରେ ମାମଲା
- ଟ୍ରାକ୍ଟର୍ ମାଲିକ ଗିରଫ

ସୂଚନାନୁଯାୟୀ, ଜମ୍ବୀରା ନଦୀର ଠେଙ୍ଗାତାଣ୍ଡି ନଦୀଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଏହି ସମୟରେ ପୁଲିସ ସେଠାରୁ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଜବତ କରି ଥାନାକୁ ନେଉଥିଲା। କିନ୍ତୁ ଗ୍ରାମବାସୀ ସେଠାରେ ପହଞ୍ଚି ପୁଲିସକୁ ଅଟକାଇଥିଲେ। ଉକ୍ତ ଟ୍ରାକ୍ଟର୍‌କୁ ଛାଡ଼ି ନଥିଲେ। ଫଳରେ ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀମାନେ ପୁଲିସକୁ ପାଖାପାଖି ୧ଘଣ୍ଟା ଧରି ଅଟକ ରଖିଥିଲେ। ତେବେ ଥାନା ଅଧିକାରୀ ସୁମିତ କୁମାର ସୋରେନ୍‌ଙ୍କ ନିର୍ଦ୍ଦେଶରେ ଏକ ସେକ୍ସନ୍ ଫୋର୍ସ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଜବତ



ବାଲି ଟ୍ରାକ୍ଟର୍‌କୁ ଥାନାକୁ ଆଣିଥିଲା। ଏହି ଘଟଣାରେ ପୁଲିସ ଟ୍ରାକ୍ଟର୍ ମାଲିକ କୁଆଁର ମୁର୍ମୁକୁ ଗିରଫ କରିଛି। ଏହାସହ ୧୦ ଗ୍ରାମବାସୀଙ୍କ ନାଁରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀ ସୋରେନ ସୂଚନା ଦେଇଛନ୍ତି।

# ବିଶୃଙ୍ଖଳା ପାଇଁ ଛତିଶଗଡ଼ ଅପରାଧୀଙ୍କୁ ନୂଆପଡ଼ା ଆଣିଛି ବିଜେପି: ବିଜେଡି



- ମତଦାନ ନିମନ୍ତେ ଠିକଣା ସମୟରେ ପହଞ୍ଚିଲା ନାହିଁ ଇଭିଏମ
- ଜିଲ୍ଲା ପ୍ରଶାସନ ବିରୋଧରେ ପକ୍ଷପାତିତା ଅଭିଯୋଗ ଆଣିଲା ବିଜୁ ଜନତା ଦଳ
- ବିଭ୍ରାନ୍ତିକର ଏଆଇ ଭିଡିଓ ପ୍ରସାର କରୁଛି ବିଜେପି ଆଇଟି ସେଲ୍

ଭୁବନେଶ୍ୱର, ୯।୧୧(ସମିସ): ନୂଆପଡ଼ା ଉପ ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ଆଜି ବିଜୁ ଜନତା ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପି ବିରୋଧର ଆଣିଛି ସଙ୍ଗୀନ ଅଭିଯୋଗ। ଯଥାଶୀଘ୍ର ନିର୍ବାଚନ ଆୟୋଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦୃଢ଼ ଦାବି ଉପସ୍ଥାପନ କରିଛି ବିଜେଡ଼ି। ଅଭିଯୋଗ ଅନୁସାରେ ନୂଆପଡ଼ା ଉପନିର୍ବାଚନରେ ଅରାଜକତା ଓ ହିଂସା କାଣ୍ଡ ଘଟାଇବା ପାଇଁ ବିଜେପି ନେତାମାନେ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣିଛନ୍ତି। ଭୋଟରଙ୍କୁ ଭୟଭୀତ କରିବା ସେମାନଙ୍କ ଉଦ୍ଦେଶ୍ୟ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲ୍ଲାରୁ ବାହାର କରାଯାଉ ବୋଲି ବିଜେଡି ଦାବି କରିଛି। ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନରେ ଇଭିଏମ ପହଞ୍ଚି ନାହିଁ। ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା ଗୁରୁତର ତ୍ରୁଟି।

ସେହିପରି ଅନ୍ୟ ଏକ ଅଭିଯୋଗ ପତ୍ରରେ ବିଜେଡି ଦର୍ଶାଇଛି ଯେ ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ବିଜେଡି ସହ ପକ୍ଷପାତିତା କରୁଛନ୍ତି। ବିଜେପି ନିର୍ଦ୍ଦେଶରେ ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରିଦିଆ ଯାଉଛି। ମାତ୍ର ବିଜେପି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ରହିଥିଲେ ସୁଦ୍ଧା ତାକୁ ବାହାର କରିବା ପାଇଁ ପ୍ରଶାସନର ହାତ ଯାଉନି। ଏହା ବ୍ୟତୀତ ବିଜେପି ଆଇଟି ସେଲ୍ କୃତ୍ରିମ ବୁଦ୍ଧିମତା (ଏଆଇ)ର ବେଆଇନ ବ୍ୟବହାର କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ବିଜେଡିର ବରିଷ୍ଠ ନେତାମାନଙ୍କ କପୋଳକଳ୍ପିତ ଭିଡିଓ, ଫଟୋ ଆଦି ପ୍ରସ୍ତୁତ କରିବ ସହ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଛି। ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏହା ବିଜେପିର ବହୁତ୍ ବଡ ଷଡ୍‌ଯନ୍ତ୍ର ବୋଲି ବିଜେଡି କହିଛି। ତେଣୁ ତୁରନ୍ତ ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି।

# ଅପଶବ୍ଦ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ଭୁଲ୍ ମାଗନ୍ତୁ: ଭକ୍ତ

ଭୁବନେଶ୍ୱର, ୯।୧୧(ସମିସ): ଏକ ସାଧାରଣ ସଭା ଓ ମା' ଭଉଣୀଙ୍କ ସାମ୍ନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପଶବ୍ଦ ପ୍ରୟୋଗ କରିଛନ୍ତି। ଏଭଳି ଶବ୍ଦ ବ୍ୟବହାର କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ହେଲେ ଜଣେ ମୁଖ୍ୟମନ୍ତ୍ରୀ ହୋଇ ଯେପରି ଅପଶବ୍ଦ ବ୍ୟବହାର କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ।

ରବିବାର ନୂଆପଡ଼ା ଉପନିର୍ବାଚନ ପ୍ରଚାର ଶେଷ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ତାହା ମୁଁ ବ୍ୟବହାର କରି ପାରିବି ନାହିଁ। ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଏପରି ଶବ୍ଦ କିପରି ବ୍ୟବହାର କଲେ ତାହା ଆମକୁ ଆଶ୍ଚର୍ଯ୍ୟ କରିଛି। କୌଣସି ବ୍ୟକ୍ତି ପ୍ରତି ସାଧାରଣ ସ୍ଥାନରେ ଏଭଳି ଅପଶବ୍ଦ ବ୍ୟବହାର ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ ଓ ଏହା ଫୌଜଦାରୀ ଅପରାଧ ଶ୍ରେଣୀ ଅନ୍ତର୍ଭୁକ୍ତ। ସର୍ବସାଧାରଣରେ ମାଆଭଉଣୀଙ୍କ ସାମ୍ନାରେ ଏଭଳି ଅପଶବ୍ଦ ବ୍ୟବହାର କରିବା ଯୋଗୁଁ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ଏଭଳି ଅଶୋଭନୀୟବ୍ୟବହାର ପାଇଁ ରାଜ୍ୟବାସୀଙ୍କ ଆଗରେ ଭୁଲ ପ୍ରାର୍ଥନା କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ହେଲିକପ୍ଟର ଦେଖିବାକୁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଏ ଅଞ୍ଚଳର ଦାଦନ ଦୁଃଖ ଅବର୍ଣ୍ଣନୀୟ। ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ, ତିଖାଲୀ ଡ୍ୟାମରୁ ପାଣି ମିଳୁନାହିଁ, ମହିଳା କଲେଜ ନାହିଁ, ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଉପକରଣ ନାହିଁ, ବିଶେଷଜ୍ଞ ନାହାନ୍ତି, ବେକାରୀ, ଚୁକ୍ତି ଭିତ୍ତିକ ଚାକିରି ଆଦି କଥା କହିଲେ ନ




ସରେ। ଏସବୁ ସମସ୍ୟାର ସମାଧାନ କଥା ନ କହି ମୁଖ୍ୟମନ୍ତ୍ରୀ ନୂଆ ହେଲିକପ୍‌ଟର ଦେଖିବାକୁ ଲୋକଙ୍କୁ

- ହେଲିକପ୍ଟର ଦେଖିବାକୁ କହିବା ନୂଆପଡ଼ାବାସୀଙ୍କୁ ଉପହାସ
- ମୁଖ୍ୟମନ୍ତ୍ରୀଙ୍କ ଏପରି ମନୋଭାବକୁ ଭକ୍ତଙ୍କ ନିନ୍ଦା

କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସୁନାବେଡ଼ା ଉପର ଦେଇ ଶହ ଶହ ବିମାନ ବର୍ତ୍ତମାନ ରାୟପୁର ଗତାଗତ କରୁଛି; ଆଉ ସେ ହେଲିକେପ୍ଟର ଦେଖିବା ଯୁଗ ନାହିଁ। କିଛି ବିକାଶମୂଳକ କାର୍ଯ୍ୟ ଯଦି କରିଥାନ୍ତେ ତେବେ ହେଲିକେପ୍ଟର ଦେଖିବାପାଇଁ ଲୋକଙ୍କୁ ଡାକି ହସର ପାତ୍ର ହେବାକୁ ପଡ଼ି ନଥାନ୍ତା। ବିଜେପି ଗୋଟିଏ ସଭା ପାଇଁ ୧୫/ ୨୦ ଲକ୍ଷ ଟଙ୍କାର ପୋଷ୍ଟର ଓ ହୋର୍ଡିଂରେ ଖର୍ଚ୍ଚ କରୁଛି। ସାରା ସହରର ଗଛ ଓ ବିଜୁଳି ଖୁଣ୍ଟରେ ପୋଷ୍ଟର ଲାଗିଛି। କେବଳ ପୋଷ୍ଟର ଓ ପତାକାରେ ବିଜେପି ଦୁଇ/ ତିନି କୋଟି ଖର୍ଚ୍ଚ କରିଛି। ଡିଜେ ପ୍ରଚାର ଗାଡ଼ି ରାସ୍ତା ଅବରୋଧ କରି ଘଣ୍ଟା ଘଣ୍ଟା ରହୁଛି। ସଭାକୁ ବସରେ ବାହାର ଲୋକଙ୍କୁ ହଜାର ହଜାର ସଂଖ୍ୟାରେ ଅଣାଯାଉଛି। ଲୋକଙ୍କ ଭିଡ ଦେଖି ଦଳ ପ୍ରତି ସମର୍ଥନ ଅଛି ବୋଲି ପ୍ରୋପାଗଣ୍ଡା କରାଯାଉଛି। ମାତ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଟିର ସନ୍ତାନ ଓ ସେ ସତ୍ୟପଥରେ ଅଛନ୍ତି। ତାଙ୍କ ବିଜୟ ନିଶ୍ଚିତ। ବିଜୟ ହେବା ଦିନଠୁ ନୂଆପଡାର ଜୟଯାତ୍ରା ଆରମ୍ଭ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

# ନବୀନଙ୍କ ପ୍ରଚାରରୁ ବିଜେଡିକୁ ମିଳିବ ଫାଇଦା

ଭୁବନେଶ୍ୱର, ୯।୧୧(ସମିସ): ରାଜ୍ୟର ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନରେ ଭୋଟ ପଡ଼ିବାକୁ ୨୪ ଘଣ୍ଟା ବାକି ଥିବାବେଳେ ରବିବାର ସଂଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ନିର୍ବାଚନ ପାଇଁ ତାରିଖ ଘୋଷଣା ଓ ପ୍ରାର୍ଥିପତ୍ର ଦାଖଲ ପରଠାରୁ ଭୋଟରଙ୍କ ମନ ଜିଣିବାରେ ବିଜେଡି କୌଣସି ସୁଯୋଗ ହାତଛଡା କରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଉପନିର୍ବାଚନରେ ବିଜେଡି ପ୍ରାର୍ଥୀସ୍ନେହାଙ୍ଗିନୀ ଛୁରିଆ ଆରମ୍ଭରୁ ହାଇଭୋଲଟେଜ୍ ପ୍ରଚାର ମାଧ୍ୟମରେ ନୂଆପଡ଼ା ବିଧାନସଭା କ୍ଷେତ୍ରର କୋଣ ଅନୁକୋଣରେ ପହଞ୍ଚି ଲୋକଙ୍କ ବିଶ୍ୱାସ ଜିତିବାରେ ବେଶ ସଫଳ ହୋଇଛନ୍ତି।

**ମତଦାନରେ ହେବ ଜନ ଆକ୍ରୋଶର ପ୍ରତିଫଳନ**

ତେବେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁଇ ଦୁଇ ଥର ଦମଦାର ପ୍ରଚାର ପରେ ବିଜେଡି ସପକ୍ଷରେ ନିର୍ବାଚନୀ ହାୱା ବେଶ ଗତିଶୀଳ ଥିବା ଭୋଟରଙ୍କ ହାବଭାବରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ବିଜେଡି ଦାବି କରିଛି। ନୂଆପଡାରେ ପୁଣିଥରେ ନବୀନ ମ୍ୟାଜିକ ଚଳାଇବା ପାଇଁ ଭୋଟର ପ୍ରସ୍ତୁତ ହୋଇସାରିଛନ୍ତି। ରୋଡ୍ ଶୋ', ଜନସଭା, ପଥପ୍ରାନ୍ତ ସଭା, ପଦଯାତ୍ରା କରି ବିଜେଡିର ବରିଷ୍ଠ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଶ୍ରୀମତୀ ଛୁରିଆ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଏହି ସମୟରେ ସେମାନଙ୍କ ସମସ୍ୟା ଦୂର କରିବା ସହ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ବାରମ୍ବାର ଆଶ୍ୱାସନା ଦେଇ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ସେ ନିବେଦନ କରିଛନ୍ତି। ନୂଆପଡାରେ ପାନୀୟ ଜଳ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, ଗାଁରେ କର୍ମନିଯୁକ୍ତି, ସ୍ୱାସ୍ଥ୍ୟ ଓ ରାସ୍ତାଘାଟ ସମସ୍ୟାରୁ ନିସ୍ତାର ଦେବା ପାଇଁ ଶ୍ରୀମତୀ ଛୁରିଆ କଥା ଦେଇଛନ୍ତି। ବିଜେପି ସରକାର ଅଟକାଇ ରଖିଥିବା କାମ ପୁନଃ ଚାଲୁ କରିବା ପାଇଁ ଶ୍ରୀମତୀ ଛୁରିଆ ଦମ୍ଭୋକ୍ତି ପ୍ରକାଶ କରିବା ସହ ବିଜେପି ସରକାରର ଜନବିରୋଧର ଶାସନ ବିରୋଧରେ ନୂଆପଡ଼ା ମାଟିରୁ ଆକ୍ରୋଶର ପ୍ରତିଫଳନ ପାଇଁ ସେ ଆହ୍ୱାନ ଜଣାଇଛନ୍ତି। ବିଜେଡି ନେତୃବୃନ୍ଦ କହିଛନ୍ତି, ବିଜେପି ଯେତେ ପ୍ରକାର ବେଆଇନ କାମ କଲେବି ଲୋକଙ୍କ ହୃଦୟକୁ ଜିତିପାରିବ ନାହିଁ। ଆଜିବି ନୂଆପଡ଼ାବସୀଙ୍କ ଜନମାନସର ନେତା କେବଳ ନବୀନ ପଟ୍ଟନାୟକ। ପୂର୍ବରୁ ସେମାନେ ନବୀନ ବାବୁଙ୍କୁ ଆଶୀର୍ବାଦ କରିଥିଲେ, ଚଳିତ ଉପନିର୍ବାଚନରେ ମଧ୍ୟ ତାହାର ପ୍ରତିଫଳନ ନିଃସନ୍ଦେହ ବୋଲି ବିଜେଡି କହିଛି।

**ନେତାଙ୍କ ଏସ୍କର୍ଟ ନିଶା**

# ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି

ଭୁବନେଶ୍ୱର, ୯।୧୧(ସମିସ): ରାଜ୍ୟରେ ଦିନକୁ ଦିନ ଭିଆଇପି ଓ ଭିଭିଆଇପି କଲ୍‌ଚର ବଢ଼ିବାରେ ଲାଗିଛି । ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନ ନ୍ୟାୟାଧୀଶ ଏବଂ ଭ୍ରମଣକାରୀ ଭିଭିଆଇପିମାନଙ୍କୁ ସରକାର ଏସ୍କର୍ଟ ଓ ସାଇରନ୍ ଥିବା ଗାଡି ପ୍ରଦାନ କରୁଥିଲେ। ବ୍ୟବସ୍ଥା ଅନୁସାରେ ଏହା ଅନିବାର୍ଯ୍ୟ ଥିଲା। ମାତ୍ର ଏବେ ଅନେକ ଅନଧିକୃତ ଭିଆଇପି ଓ ଭିଭିଆଇପିଙ୍କୁ ଏସ୍କର୍ଟ ଓ ସାଇରନଥିବା ଗାଡ଼ି ନେଇ ରାଜ୍ୟ ଓ ରାଜଧାନୀରେ ବୁଲୁଥିବାରୁ ଅଯଥା ସାଧାରଣ ଲୋକଙ୍କୁ ଟ୍ରାଫିକ୍ ସମସ୍ୟା ଭୋଗିବାକୁ ପଡୁଛି। ଏହାକୁ ନେଇ ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି ମାନବାଧିକାର କର୍ମୀ ଅଖଣ୍ଡ । ଗୃହ ବିଭାଗ ଏ ସଂକ୍ରାନ୍ତ ନିୟମର କଡ଼ାକଡ଼ି ଅନୁପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

ଅଭିଯୋଗ ଅନୁସାରେ ପ୍ରଥମେ ଜଣେ ଦୁଇ ଜଣ ନିର୍ବାଚିତ ଲୋକପ୍ରତିନିଧି ଏହି ନିୟମକୁ ଉଲ୍ଲଙ୍ଘନ କରୁଥିଲେ। ଏବେ ଏହି ନିୟମର ବହୁଳ ଭାବେ ଉଲଙ୍ଘନ ହେଉଛି ଓ ଅନେକ ନେତା ଓ କଥିତ ଭିଆଇପିଙ୍କୁ ପୁଲିସ ଏସ୍କର୍ଟ ନିଶା ଲାଗି ଯାଇଛି। ଏପରିକି କିଛି ବିଧାୟକ ଓ ସାଂସଦ ବି ରାଜଧାନୀ ଭିତରେ ସାଇରନ୍ ଥିବା ପୁଲିସ ଏସକର୍ଟ ବ୍ୟବହାର କରୁଛନ୍ତି । ଏଭଳି ଅନଧିକୃତ ଭିଭିଆଇପି ବ୍ୟବସ୍ଥା ଆଇନ୍ ବିରୋଧୀ ହୋଇଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟାକୁ ଦୁଇଗୁଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସରକାରୀ ନିୟମ ଅନୁସାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟଗୁଡ଼ିକର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ସୁପ୍ରିମକୋର୍ଟ ବିଚାରପତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ବ୍ୟକ୍ତି, କ୍ୟାବିନେଟ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ରାଷ୍ଟ୍ରଦୂତ, କନ୍‌ସୋଲେଟ୍ ଅଫିସ୍, ବିଦେଶୀ ଅତିଥିମାନେ ସାଇରନ୍‌ଯୁକ୍ତ ପୁଲିସ ଏସ୍କର୍ଟ ପାଇଥାଆନ୍ତି। ମାତ୍ର ଭୁବନେଶ୍ୱରରେ କେତେକ ବିଧାୟକ, ସାଂସଦ ଏବଂ ଅଧିକାରହୀନ ବ୍ୟକ୍ତିମାନେ ସାଇରେନ ଯୁକ୍ତ ପାଇଲଟ୍ ଯାନ ବ୍ୟବହାର କରୁଥିବାର ଦେଖାଯାଇଛି। ଯାହା ମୋଟର ଯାନ (ଲାଲ୍, ନୀଳ ବା ବିବିଧ ରଙ୍ଗର ଆଲୋକର ବ୍ୟବହାର) ନିୟମ ୨୦୧୭ ଏବଂ ରାଜ୍ୟ ପ୍ରୋଟୋକଲ୍ ନିୟମର ବିରୋଧାଚରଣ କରୁଛି। ଏହି ଅନଧିକୃତ ପୁଲିସ୍ ଏସକର୍ଟ ଯାନର ବ୍ୟବହାର ଜନସାଧାରଣଙ୍କ ମଧ୍ୟରେ ଅସୁବିଧା ଓ ଆତଙ୍କ ସୃଷ୍ଟି କରିବା ସହିତ ରାସ୍ତାରେ ଟ୍ରାଫିକ୍ ପୁଲିସ୍‌ଙ୍କୁ ବି ବିଭ୍ରାନ୍ତ କରୁଛି। ସାଇରେନ ଏବଂ ପାଇଲଟ୍ ଯାନର ବ୍ୟବହାରକୁ ଗୃହ ବିଭାଗର ପ୍ରୋଟୋକଲ୍ ତାଲିକାରେ ଅଧିକୃତ ଭିଭିଆଇପିମାନଙ୍କ ପାଇଁ କଡ଼ାକଡ଼ି ସୀମିତ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଡିଜିପି ଏବଂ ପରିବହନ କମିସନରଙ୍କୁ ଏହି ଅବୈଧ ଅଭ୍ୟାସକୁ ତୁରନ୍ତ ବନ୍ଦ କରିବାକୁ, ଅଧିକାର ରେକର୍ଡ ଯାଞ୍ଚ କରିବାକୁ ଏବଂ ଅନଧିକୃତ ବ୍ୟବହାର ଅନୁମତି ଦେଉଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଦାୟିତ୍ୱ ନିର୍ଦ୍ଧାରଣ କରି ରାସ୍ତାରେ ଜନସାଧାରଣର ସୁରକ୍ଷା ଓ ଶୃଙ୍ଖଳା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

# ଲାଞ୍ଜିଗଡ଼ ବ୍ଲକ୍ ପରିଦର୍ଶନରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ

## ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ
## ତୁର୍କାଗାଁରେ ମେଲେରିଆ ଦମନ କାର୍ଯ୍ୟକ୍ରମ ତଦାରକ

**ଲାଞ୍ଜିଗଡ଼, ୯ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟ କେନ୍ଦ୍ରରେ କିଭଳି ସ୍ୱାସ୍ଥ୍ୟସେବା ଚାଲିଛି। ଡାକ୍ତରମାନଙ୍କ ସ୍ଥିତି କିଭଳି ଅଛି, ଅଞ୍ଚଳର ଜନସାଧାରଣ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ଡାକ୍ତରଖାନାରେ କି ପ୍ରକାର ଔଷଧ ସବୁ ଗଚ୍ଛିତ ଅଛି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଡୋର, ଆଉଟଡୋର ବିଭିନ୍ନ ବିଭାଗ ସମେତ ମା'ଗୃହ, ବାଇକ୍ ଆମ୍ବୁଲାନ୍ସ ବୁଲି ଦେଖିଥିଲେ।ରୋଗୀମାନଙ୍କୁ ଭେଟି କେମିତି ଚିକିତ୍ସା ହେଉଛି ବୋଲି ପଚାରି ବୁଝିଥିଲେ। ଏହି କେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ଓ ଆବଶ୍ୟକ ଥିବା ଅନେକ ଉନ୍ନୟନ କାର୍ଯ୍ୟକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ କେନ୍ଦ୍ରୀୟ ଦଳ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଖାନା ପରିସରର ସ୍ୱଚ୍ଛତ ପରଖିବା ସହ ପାରିପାର୍ଶ୍ୱିକ ବିଷୟ ଗୁଡ଼ିକ ଉପରେ ଡାକ୍ତର ଓ ଷ୍ଟାଫମାନଙ୍କ ସହ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିଥିଲେ।କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସଦସ୍ୟ ଲାଞ୍ଜିଗଡ଼ ବ୍ଲକ ଅଧିନସ୍ଥ ଭଟାଙ୍ଗପଦର ପ୍ରଥମେ ଯାଇ ସେଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଯାଇ ସେଠାରେ ଚାଲିଥିବା ରୋଗୀସେବା ଓ ଗଚ୍ଛିତ ଔଷଧ ବିଷୟରେ ତଦାରଖ କରିବା ପରେ ହାଇସ୍କୁଲକୁ ଯାଇ ସେଠାକାର ପାରିପାର୍ଶିକ ସ୍ଥିତି, ସ୍ୱଚ୍ଛତା, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହାପରେ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ମେଲେରିଆ ଦମନ ପାଇଁ ଚାଲିଥିବା ମେଲେରିଆ ନିରାକରଣ କ୍ୟାମ୍ପ ଓ ସ୍ୱାସ୍ଥ୍ୟ କ୍ୟାମ୍ପ ବିଷୟରେ ଡ଼. ହରିଶଙ୍କର ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ।ଏହା ପରେ ମୂଷାନାଳ ପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଆଲୋଚନା କରି ସେଠାରେ ଥିବା ଆୟୁଷ୍ମାମାନ ଆରୋଗ୍ୟ ମନ୍ଦିରକୁ ଯାଇ ରୋଗୀ ସେବା, ଷ୍ଟାଫ ସ୍ଥିତି ପଚାରି ବୁଝି ରୋଗୀଙ୍କୁ ଫୁର୍ଡ ବଣ୍ଟନ କରିଥିଲେ।ଏହାପରେ ବିଜେପୁର ପଞ୍ଚାୟତ କରଣମୁଣ୍ଡା ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ସହଯୋଗରେ ଚାଲିଥିବା ବଙ୍କାକୁଣ୍ଡରୁ ମା' ସନ୍ତୋଶି ଚିକିତ୍ସାଳୟର ଏମଏଚ୍ୟୁ ଟିମ୍ କିଭଳି ରୋଗୀ ସେବା ଯୋଗାଉଛି ତଦାରଖ କରିଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସଦସ୍ୟ ଭାବେ ଡ଼.ତମନ୍ନା ଶର୍ମା, ଡ଼. ସମ୍ବିତ ପ୍ରଧାନ, ଡ଼. ବିଦ୍ୟାଭୂଷଣ ତ୍ରିପାଠୀ ରହିଥିବା ବେଳେ ରାଜ୍ୟସ୍ତରୀୟ ଅଧିକାରୀ ଭାବେ ଭୁବନେଶ୍ୱରରୁ ଅବନୀ ମହାପାତ୍ର, ସୁକାନ୍ତ ନାୟକ ରହିଛନ୍ତି।ସେହିପରି ଜିଲ୍ଲାସ୍ତରୀୟ ଦିନେସ ପ୍ରହରାଜ, ରଶ୍ମିରଞ୍ଜନ ମହାନ୍ତି ଆସି ସମସ୍ତ ସ୍ଥିତି ପରଖିଥିଲେ। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ରର ଚିକିତ୍ସାକାରୀ ଡ଼. ଭବାନୀ ଶଙ୍କର ଲେଙ୍କାଙ୍କନେତୃତ୍ୱରେ ବିପିଏମ୍ ମାନସ ନୟନ ସ୍ୱାଇଁ, ପିଡ଼ିଏମ୍ ମକରଧ୍ୱଜ ନାଏକ, ବାମ ମିତ୍ରଭାନୁ ଦାସ, ପିଏଚଇଓ ଦିବାକର ପ୍ରଧାନ, ଡ଼.ସୁଭମ ବେହେରା, ସେମାଙ୍କ ମାଣିକସଙ୍ଗ, ଡ଼. ସୁମୀରନ ରାଉତ ଓ ସମସ୍ତ କର୍ମଚାରୀ ପ୍ରମୁଖ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରି ସହଯୋଗ କରିଥିଲେ।



# ଅଜଣା ରୋଗରେ ପୀଡ଼ିତ ସସ୍ମିତାଙ୍କୁ ଉଦ୍ଧାର ପରେ ଚିକିତ୍ସା

**ଲାଞ୍ଜିଗଡ଼, ୯ ।୧୧(ସମିସ):** ଅଜଣା ରୋଗରେ ପୀଡ଼ିତ ହୋଇ ଦୀର୍ଘ ଦିନ ଧରି ଯନ୍ତ୍ରଣା ଭୋଗୁଥିବା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଦୋରାସାର୍ଲି ଗାଁର ସସ୍ମିତା ସାହୁଙ୍କୁ ଶେଷରେ ଉଦ୍ଧାର କରାଯାଇଛି। ସସ୍ମିତାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଗଣମାଧମରେ ପ୍ରକାଶ ପରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶଲ୍ୟ ଚିକିତ୍ସକ ଡ.ସୁନୀଲ କର ଦେବଦୂତ ଭାବେ ଆଗେଇ ଆସିବା ସହିତ ତାଙ୍କ ଚିକିତ୍ସା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାପରେ ତାଙ୍କ ଆଗ୍ରହ କ୍ରମେ ସସ୍ମିତାଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏ ଦିଗରେ ଆଗକୁ ଆସି ସାମ୍ବାଦିକ ସୁଶୀଲ କୁମାର ବାଗ ତୁଳସୀରାମ ପ୍ରଧାନୀ, ଦିଲୀପ ନାଏକ, ମନୋଜ ଦୋରା ପ୍ରମୁଖ ସସ୍ମିତାଙ୍କୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ।ଯୋଗାଯୋଗ ପରେ ବେଦାନ୍ତ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଶେଷରେ ସମସ୍ତଙ୍କ ଉଦ୍ୟମରେ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ଶଲ୍ୟ ଚିକିତ୍ସା ବିଭାଗରେ ସସ୍ମିତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଡା. କରଙ୍କ ପ୍ରମୁଖ ତତ୍ୱାବଧାନରେ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି। ସେହିପରି ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ନାଏବ ସରପଞ୍ଚ ବୈଦ୍ୟନାଥ ନାଏକ ପ୍ରମୁଖ କ୍ରାଉଡ଼ ଫଣ୍ଡିଂ ଜରିଆରେ ଦଶ ହଜାର ଟଙ୍କା ସଂଗ୍ରହ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଡ.କର ସସ୍ମିତାର ଚିକିତ୍ସା ଦାୟିତ୍ୱ ନିଜେ ନେଇଥିବା ବେଳେ ସସ୍ମିତାଙ୍କ ପରିବାର ଡ. କରଙ୍କ ସମେତ ଅନ୍ୟ ସମସ୍ତଙ୍କୁ ଏହି ମାନବିକତାପୂର୍ଣ୍ଣ କାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇଛନ୍ତି।



# ୧୨ଜଣ ଟ୍ରେନି ଆଇଏଏସ୍ ଅଧିକାରୀଙ୍କ କଳାହାଣ୍ଡି ଗସ୍ତ

## ବ୍ଲକ୍ କାର୍ଯ୍ୟାଳୟରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

**କେସିଙ୍ଗା, ୯ ।୧୧(ସମିସ):** ୧୨ ଜଣ ଭାରତୀୟ ପ୍ରଶାସନିକ ପ୍ରବେଶନର (ଟ୍ରେନି) ଅଧିକାରୀ ଉମେଶ କୁମାର ମୀନା, ଛାୟା କୁମାରୀ, ଅକ୍ଷତ ମଣ୍ଡିୱାଲା, ଗୁରକନୱାଲ ସିଂ, ନେହା କୋର, ଶ୍ରେୟାସ ରାଓ, ଜାବେଦ ଅହମ୍ମଦ ଖାନ, ରାଗିଣୀ ଗୋୟଲ, ଅଭିଷେକ ଚୌଧୁରୀ, ବିକାଶ କୁମାର ମୀନା, ସଞ୍ଜୟ ଶଶିକାନ୍ତ ଓ ଗୋସିକା ପିଆର ୬ ଦିନିଆ କଳାହାଣ୍ଡି ଜିଲ୍ଲା ଗ୍ରସ୍ତ ରେ ଆସି ରବିବାର ଦିନ ସମତା ଏକ୍ସପ୍ରେସ୍ ଯୋଗେ କେସିଙ୍ଗା ରେଳଷ୍ଟେସନରେ ଓହ୍ଲାଇ ଥିଲେ।ଅଧିକାରୀଙ୍କ ସ୍ୱାଗତ ପାଇଁ କେସିଙ୍ଗା ରେଳ ଷ୍ଟେସନରେ ଜିଲ୍ଲା ଏପିଡି ବିମ୍ବାଧର ଶବର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦଙ୍କ ସମେତ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।୧୨ ଅଧିକାରୀ ଟ୍ରେନରୁ ଓହ୍ଲାଇବା ପରେ ତାଙ୍କୁ ସସମ୍ମାନେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା।ବ୍ଲକ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ବ୍ଲକ କର୍ମଚାରୀମାନେ ସମ୍ବର୍ଦ୍ଧନା କରିଥିଲେ।ପରେ ବିଡ଼ିଓଙ୍କ ଚାମ୍ବରରେ ପ୍ରାୟ ଏକ ଘଣ୍ଟା ଅଧିକାରୀମାନେ କେସିଙ୍ଗା ବିଷୟରେ ବିଡିଓ ଏବଂ ସଂସ୍କୃତି ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। କେସିଙ୍ଗା ବିଡିଓ କେସିଙ୍ଗାର ଇତିହାସ, ଭୂଗୋଳ, ଜନସଂଖ୍ୟା ଓ ଅନ୍ୟାନ୍ୟ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ।ପରେ ଅଧିକାରୀମାନେ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ଅଭିମୁଖେ ଗସ୍ତ କରିଥିଲେ।ଉକ୍ତ ଅଧିକାରୀମାନେ ୬ ଦିନର ରହଣି ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଜିଲ୍ଲାର ପ୍ରମୁଖ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଏବିଡିଓ ସିଦ୍ଧେଶ୍ୱର ମେହେର, କନିଷ୍ଠ ଯନ୍ତ୍ରୀ ଜଳେଶ୍ୱର ନାଏକ, ତ୍ରିଲୋଚନ ବେହେରା, ସ୍ଥିତି ପ୍ରଜ୍ଞା ମୋଲା, ଯୋଗେଶ୍ୱରି ଭୋଇ ଓ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ଆଇନ ସେବା ଦିବସ



**ଧର୍ମଗଡ଼, ୯ ।୧୧ (ସମିସ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ପକ୍ଷରୁ ଧର୍ମଗଡ଼ ଆକାଶ କଲେଜରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭାରପ୍ରାପ୍ତ ତାଲୁକ ଆଇନ ସେବା ସମିତିର ଅଧକ୍ଷ୍ୟା ପି. ଶୀତାଲକ୍ଷ୍ମୀ ଯୋଗଦେଇ ଜାତୀୟଆଇନ ସେବା ଦିବସର ମହତ୍ୱ ବିଷୟ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ରିଟେନର କମଳିନୀ ରଥ, ବରିଷ୍ଠ ଓକିଲ ତଥା ତାଲୁକ ଆଇନସେବା ସମିତିର ପାନେଲ ଓକିଲ ହରିଶ ଚନ୍ଦ୍ର ବାଗ, ଆକାଶ କଲେଜର ଅଧକ୍ଷ ଆଶିଷ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ପ୍ରେମାଞ୍ଜଳି ଶବର ସଭାକୁ ପରିଚାଳନା କରିଥିଲେ। ଅଧକ୍ଷ୍ୟ ଆଶିଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**କେସିଙ୍ଗା:** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ରବିବାର ଦିନ ଅଦାଲତ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳନ ହୋଇଯାଇଛି।ଅଧକ୍ଷା ତଥା କେସିଙ୍ଗା ବିଚାର ବିଭାଗୀୟ ବିଚାରପତି ଦୀପ୍ତା ସେଠୀ ଙ୍କ ଅଧକ୍ଷତା ଅନୁଷ୍ଠିତ ଉକ୍ତ ଶିବିରରେ ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଏବଂ ତତ ସଂଲଗ୍ନ ବିଭିନ୍ନ ଉପକ୍ରମ ଉପରେ ଆଲୋଚନା କରାଯାଇଥିଲା।ଏଥିରେ ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର, ଆଲୋକ ରଞ୍ଜନ ଦାସ, ରାକେଶ କୁମାର ପାତ୍ର, ସନ୍ଦୀପ କୁମାର ବାନାର୍ଜୀଙ୍କ ସମେତ ଅଦାଲତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



# କଳାହାଣ୍ଡି ଯୁବ ଲେଖକ ସମାବେଶ

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା




**ଭବାନୀପାଟଣା, ୯ ।୧୧(ସମିସ):** ସାହିତ୍ୟ ହିଁ ସଭ୍ୟତାର ଉଜ୍ୱଳ ସ୍ୱାକ୍ଷର। ସମ୍ପ୍ରତି ମନନଶୀଳ, ଜୀବନଧର୍ମୀ ସାହିତ୍ୟରେ ଅନ୍ୱେଷଣ ଏବଂ ଅନୁଶୀଳନରୁ ବୌଦ୍ଧିକ କଳା କୌଶଳର ସିଦ୍ଧି ପ୍ରାପ୍ତ କରିଥିବା କବି ରାଜେନ୍ଦ୍ର କିଶୋର ପଣ୍ଡା। ଓଡ଼ିଆ କବିତା ଜଗତରେ ନିଜର ସ୍ୱତନ୍ତ୍ର ଶୈଳୀ ସହିତ ନିଜର ସ୍ୱକୀୟ ଭାବଭଙ୍ଗୀର ପରିପ୍ରକାଶ କରିବାରେ କବି ଶ୍ରୀ ପଣ୍ଡା ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ତାଙ୍କର ଲେଖନୀ ଚାଳନା ସଫଳତା ଲାଭ କରିଥିଲା। କାରଣ ସେ ଜାଣିଥିଲେ କବିତାରେ ଭରି ରହିଛି। ତାଙ୍କ ପ୍ରତିଟି କବିତା ମନ୍ମୟ, ତନ୍ମୟ ଏବଂ ଜୀବନ୍ମୟ କରି ପାଠକଙ୍କୁ କାବ୍ୟିକ ସମ୍ମୋହନରେ ଭିନ୍ନ ଜଗତକୁ ନେଇଯାଇଥାଏ। ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି ହୋଇଥିବାବେଳେ ସାହିତ୍ୟ କୃତୀ ତାଙ୍କୁ ଚିରଅମର କରି ରଖିବ ବୋଲି ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଓ ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିରେ ଆଜି ସ୍ଥାନୀୟ ଗ୍ରୀନ ଭେଲି ପବ୍ଲିକ ସ୍କୁଲରେ ଅନୁଷ୍ଠିତ'କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା'ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଯୁବ ଲେଖକ ସମାବେଶ ଦ୍ୱାରା ଅନୁଷ୍ଠିତ ଏହି ସ୍ମୃତିସଭାରେ ଗାଳ୍ପିକ ତଥା 'ମହୁରି' ଓ 'ସମୟର ଆକାଂକ୍ଷା' ପତ୍ରିକାର ସମ୍ପାଦକ ସୁକାନ୍ତ ସାହୁ, କବି ଓ ଗବେଷକ ଡ. ପରମେଶ୍ୱର ମୁଣ୍ଡ, ଦ୍ୱିଭାଷୀ କବି ଡ. ତପନ କୁମାର ରଥ, କବି ସକିତ ରତେ, ପ୍ରକାଶ ନିଶଙ୍କ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଗ୍ରୀନ ଭେଲି ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ମନୋରଞ୍ଜନ ବଛା, ସ୍କୁଲର ଅଧକ୍ଷ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଲେଖକୀୟ କୃତୀ ଓ ସ୍ୱୀକୃତି ସମ୍ପର୍କରେ ଚର୍ଚ୍ଚା କରିଥିଲେ। କଳାହାଣ୍ଡି ଯୁବ ଲେଖକ ସମାବେଶର ସଭାପତି ତଥା ଯୁବକବି ଯାଦବେନ୍ଦ୍ର ସାହାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କଳାହାଣ୍ଡି ଯୁବ ଲେଖକ ସମାବେଶର ଉପଦେଷ୍ଟା ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଏଥିରେ କବି ଯୁଧିଷ୍ଠିର ମୁଦୁଲି, ଐଶ୍ୱର୍ଯ୍ୟା ପ୍ରଧାନଙ୍କ ସମେତ ଅନ୍ୟମାନେ କବିଙ୍କ ସ୍ମୃତିଚାରଣ ସହିତ କବିଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ସଭାପତି ଶ୍ରୀ ସାହା ସାମୁହିକ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ପ୍ରଧାନଶିକ୍ଷକ ଓ ବିଇଓଙ୍କୁ ସମ୍ବର୍ଦ୍ଧନା

**କର୍ଲାମୁଣ୍ଡା, ୯ ।୧୧(ସମିସ):**କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସ୍ଥିତ ସରକାରୀ ହାଇସ୍କୁଲରେ ଗତ କିଛିଦିନତଳେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗୀତାକୁ ସଫଳତାର ସହ ଆୟୋଜନ କରିଥିବାରୁ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ତେରେସିଂହା ହାଇସ୍କୁଲର ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର ଓ କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭବାନୀପାଟଣା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲାଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ଭାବେ ଅତିଥି ଭାବେ ଯୋଗଦେଇ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୧୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

## ଧର୍ମଗଡ଼ରେ କାଳୀକୃଷ୍ଣ ସଂଘର ଯୁବ ସମାବେଶ

# 'ସାଂସାରିକ ସୁଖ ଠାରୁ ନିତ୍ୟ ଆନନ୍ଦ ଦେବ ଆଧ୍ୟାତ୍ମିକ ସୁଖ'





**ଧର୍ମଗଡ଼, ୯ ।୧୧(ସମିସ)**

ଧର୍ମଗଡ଼ସ୍ଥିତ ଶ୍ରୀରାମ କୁଟୀର ଠାରେ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘ ଆନୁକୂଲ୍ୟରେ ଧର୍ମୀୟ ଜାଗରଣ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘମୁଖ୍ୟ ଗୁରୁଜୀ ଜଗଦାନନ୍ଦଜୀ ମହାରାଜ କଳାହାଣ୍ଡିର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଆଧ୍ୟାତ୍ମିକ, ଶିକ୍ଷା ସଂସ୍କାର ଚେତନା ଜାଗ୍ରତ ପାଇଁ କାଳୀକୃଷ୍ଣ ପ୍ରଚାର ରଥର ଉଦ୍‌ଘାଟନ କରିଥିଲେ। ପ୍ରକୃତି ସୁରକ୍ଷା ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିଥିଲେ।ଯୁବ ସମାବେଶର ଉଦ୍‌ଘାଟନ କରି ଶ୍ରୀ ଜଗଦାନନ୍ଦଜୀ ମହାରାଜ କହିଥିଲେ-ଆଧ୍ୟାତ୍ମିକତା ମାଧ୍ୟମରେ ସେ ପରିବାର, ସମାଜ ଓ ଦେଶ ମଧ୍ୟରେ ଶ୍ରଦ୍ଧା, ସ୍ନେହ, ସମ୍ମାନରେ ବଞ୍ଚିବାର କୌଶଳ ଯୁବା ଶିଖିବା ଶିକ୍ଷା, ବୃତ୍ତିଗତ ଓ ପାରିବାରିକ ଜୀବନକୁ ସରସସୁନ୍ଦର କରିବା କଳାକୁ ଆୟତ୍ତ କରିବା ଜୀବନକୁ ଆନନ୍ଦ ହିଁ ଆନନ୍ଦ କରିବାର ସୁତ୍ର ସେ ଜାଣିପାରିବ। ବାସ୍ତବରେ ଜଣେ ଯୁବା ଅନୁଭବ କରିବାର ଅଛି ଯେ ତାକୁ ସାଂସାରିକ ସୁଖ ଯେତେ ଆନନ୍ଦ ଦେବ ତାଠାରୁ ନିତ୍ୟ ଆନନ୍ଦ ଦେବ ଆଧ୍ୟାତ୍ମିକ ସୁଖ। ସେବା ଓ ପରୋପକାରୀ ହେବା ଦ୍ୱାରା ଯେଉଁ ନୈସର୍ଗିକ ଆନନ୍ଦ ପ୍ରାପ୍ତି ହୋଇଥାଏ। ଜଣକର ସବୁ ଥାଇ ମଧ୍ୟ ଆଧ୍ୟାତ୍ମିକ ନାହିଁ ତାହେଲେ ସେ ଜୀବନରେ ଅନନ୍ତ ସୁଖ ଓ ମହାଆନନ୍ଦର ପ୍ରାପ୍ତି ସମ୍ଭବପର ନୁହେଁ। ସମସ୍ତ ଯୁବପିଢି ଜାଗୃତ ହୁଅନ୍ତୁ। ନିଜ ଭିତରେ ହିଁ ସବୁକିଛି ଅଛି। ଦୁଃଖ ଯେମିତି ନିଜେ ଭୋଗକରୁ ସୁଖ ମଧ ସେମିତି।କ୍ଷଣିକ ସୁଖ, ଆନନ୍ଦ, ଭୋଗ, ବାସ୍ନା ଠାରୁ ଉାରୁକୁ ଉଠିଲେ ଅନନ୍ତ ସୁଖ, ମହାଆନନ୍ଦ ପ୍ରାପ୍ତି ପାଇଁ ଧାବମାନ ହୁଅନ୍ତୁ ବୋଲି କହିଥିଲେ।ଏହି ଅବସରରେ ସମାଜସେବୀ କିଶୋର ଅଗ୍ରୱାଲ, ସଂଘର ସଭାପତି ସଞ୍ଜୟ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରିୟା ନନ୍ଦ, ସମ୍ପାଦକ ମାଧବା ନନ୍ଦ, କୋଷାଧକ୍ଷ ଲକ୍ଷ୍ମୀକାନ୍ତ ଖମାରୀ, ସହ ସମ୍ପାଦକ ଜିତେନ୍ଦ୍ର ପଣ୍ଡା ଉପସ୍ଥିତ ଥିବାବେଳେ ମିଡିଆସେଲର ପ୍ରମୁଖ ଜନ୍ମେଜୟ ଦାଶ ମଞ୍ଚ ପରିଚାଳନା, ସୁଶ୍ରୀ କ୍ରିଷ୍ଣା ମେହେର ଯୁବ ସମାବେଶର ଉଦ୍ଦେଶ୍ୟ ଓ ମନୋଜ କୁମାର ରଥ କୃତଜ୍ଞତାଜ୍ଞାପନ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସୁଜିତ କୁମାର ଠାକୁର, ପ୍ରଦ୍ୟୁମ୍ନ ପଣ୍ଡା, ନାରାୟଣ ସାହୁ, ନବୀନ ମେହେର, ତନୁକଲାଲ ନାଗ, ନବୀନ ରାଉତ ସମେତ ମିଡିଆ ସେଲ, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।ସମାବେଶରେ କଳାହାଣ୍ଡି, ନବରଙ୍ଗପୁର ଓ କରୋପୁଟ ଜିଲ୍ଲାରୁ ୫ଶହ ଯୁବା ଯୋଗଦାନ କରିଥିଲେ।

## ୧୭ରୁ କୁଷ୍ଠ ନିରାକରଣ ଅଭିଯାନ

# ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶାଙ୍କ ପ୍ରଶିକ୍ଷଣ ଶିବିର

**ସିନାପାଲି, ୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ବ୍ୟାପି ଆସନ୍ତା ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ନିରାକରଣ ଅଭିଯାନ ହେବାକୁ ଯାଉଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିନାପାଲି ଆନୁକୂଲ୍ୟରେ ସ୍ଥାନୀୟ ସଭାଗୃହରେ ସ୍ୱାସ୍ଥ୍ୟ କର୍ମି ଏବଂ ଆଶାମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଉଯାଇଛି।୨୦୨୭ ମସିହା ସୁଦ୍ଧା କୁଷ୍ଠମୁକ୍ତ ଓଡ଼ିଶା କରିବା ଉଦେଶ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ଥିବା ବେଳେ ଲୁକ୍କାୟିତ ଥିବା କୁଷ୍ଠ, ଛଉର ଚିହ୍ନଟ ଓ ତାର ଚିକିତ୍ସା ସହ ଜନସାଧାରଣଙ୍କର କୁଷ୍ଠରୋଗ ପ୍ରତି ଥିବା ଘୃଣା ଭାବ ଦୂର କରିବା ଓ କୁଷ୍ଠ ସଂକ୍ରମଣକୁ ରୋକିବା କୁଷ୍ଠ ରୋଗ ଦ୍ୱାରା ହୋଇଥିବା ବିକଳାଙ୍ଗ ରୋଗୀକୁ ଚିହ୍ନଟ ଏବଂ ତାର ମାଗଣାରେ ଅସ୍ତ୍ରୋପଚାର କରାଇବା ଭଳି ପ୍ରମୁଖ ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଛଇ।ଏହି ସଂକ୍ରାନ୍ତରେ ୧୭ ଠାରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା ଦିଦି ଏବଂ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସନ୍ଦେହ ଥିବା ଛଉ ଚିହ୍ନଟ କରି ଡାକ୍ତରଖାନାକୁ ପଠେଇବେ ଏବଂ ଡାକ୍ତର ତାଙ୍କୁ ଜଦି କୁଷ୍ଠ ରୋଗୀ ବୋଲି ଚିହ୍ନଟ କଲେ ରୋଗୀକୁ ଔଷଧ ଦେଇ ଚିକିତ୍ସା କରାଯିବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ରହିଛି।ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କୁଷ୍ଠରୋଗ ନିରାକରଣ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଉଥିବା ବେଳେ ଡିଏଲସି ଡାକ୍ତର ଅନିତା ସାହୁ ସହଯୋଗ କରୁଛନ୍ତି।



# କୁଖ୍ୟାତ ଅପରାଧୀ ଗିରଫ; ଚୋରି ସାମଗ୍ରୀ ଜବତ

**ରାଉରକେଲା, ୯।୧୧(ସମିସ)**



ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅନ୍ତର୍ଗତ ରାଜଗାଙ୍ଗପୁର ଅଞ୍ଚଳରେ ଗତ କିଛି ଦିନ ହେବ ବନ୍ଦ ଘରୁ ଚୋରି ହେବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଏନେଇ ପୁଲିସ ତତ୍ପରତା ପ୍ରକାଶ କରି ୨ଜଣଙ୍କୁ ଧରିବା ସହ ଏଥିରେ ଏକ ରାକେଟ କାମ କରୁଥିବା ଜାଣିବାକୁ ପାଇଛି। ଏହି ରାକେଟର ପର୍ଦ୍ଦାଫାସ କରିବା ସହ ୨ଦୁର୍ଦ୍ଦାନ୍ତ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ବାରୁପଡ଼ାର ସତୀଶ ସା(୨୪) ଏବଂ ସୁରଜ ସିଂ ଓରଫ ସତାର (୨୨)।

ସୂଚନା ମୁତାବକ ରାଜଗାଙ୍ଗପୁର ଥାନା ଆଇଟି କଲୋନୀରେ ଗତ କିଛିଦିନ ତଳେ ଗୃହକର୍ତ୍ତାନ ଥିବାବେଳେ ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଆଇଟି କଲୋନୀ ୱାର୍ଡ ନମ୍ବର ୯ରେ ରହୁଥିବା ସ୍ୱର୍ଗୀୟ ପ୍ରସନ୍ନ କୁମାର ସାମନ୍ତରାୟଙ୍କ ପରିବାର କିଛି ଦିନ ତଳେ ଗାଁକୁ ଯାଇଥିଲେ। ଏହାର ସୁଯୋଗ ନେଇ ବାରୁପଡ଼ାର ସତୀଶ ଏବଂ ସୁରଜ ଘରର ତାଲା ଭାଙ୍ଗି ଟିଭି, ଇନଭର୍ଟର ବ୍ୟାଟେରି, ଇନଭର୍ଟର, ମୋବାଇଲ ଫୋନ୍ ଏବଂ ଆକ୍ଟିଭା ସ୍କୁଟିକୁ ଚୋରି କରିଥିଲେ। ଗୃହକର୍ତ୍ତା ଆସିବା ପରେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ରାଜଗାଙ୍ଗପୁର ଆଇଆଇସି ବିଜୟ କୁମାର ଦାସ ଏକ ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସତୀଶ ଓ ସୁରଜକୁ ପୁଲିସ ଗିରଫ ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଥିଲା। ଉଭୟଙ୍କ ବିରୋଧରେ ରାଜଗାଙ୍ଗପୁର ଥାନାରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ସତୀଶ ସା ନାମରେ ବିଭିନ୍ନ ଥାନାରେ ଅପରାଧରେ ୧୨ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ବେଳେ ସୁରଜ ନାମରେ ୬ରୁ ଅଧିକ ମାମଲା ରହିଥିବା ଜଣାପଡ଼ିଛି।

## ଡକାୟତି ଯୋଜନାବେଳେ ୫ ଗିରଫ



**ରାଉରକେଲା, ୯।୧୧(ସମିସ):** ଡକାୟତି ଯୋଜନା କରୁଥିବାବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୫ ଜଣ ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଓଲ୍‌ଡ ଷ୍ଟେସନ ରୋଡ ନେତାଜୀ ମାର୍ଗର ଏମ୍‌ଡି ସେଫ୍ ଓରଫ ବୁଦିନ (୨୩), ବାସନ୍ତୀ କଲୋନୀ ନଗିର ଖଟାଲର ଓମ୍ ଗୌଡ଼ (୨୩), ଗୋପବନ୍ଧୁପାଲିର ପ୍ରିନ୍ସ ରାଓ ଓରଫ ପିଞ୍ଚୁ (୧୯), ରୋଶନ ସିଂ (୨୦) ଓ ପ୍ଲାଣ୍ଟସାଇଟ୍ ରୋଡ୍‌ର ସୁରଜ ପାତ୍ର (୨୫)। ସେମାନଙ୍କ ଠାରୁ ୨ଟି ରଡ୍, ଗୋଟିଏ ଭୁଜାଲି ଓ ୨ଟି ଛୁରି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗଣେଶ ଛକଠାରେ ଶନିବାର ବିଳମ୍ବିତ ରାତିରେ କିଛି ଯୁବକ ଏକାଠି ବସିଥିବା ସୂଚନା ମିଳିଥିଲା। ଏହି ଆଧାରରେ ପୁଲିସ ଟିମ୍ ଚଢ଼ଉ କରିଥିଲା। ସ୍ଥାନୀୟ କୌଣସି ଦୋକାନ, ପେଟ୍ରୋଲ ପମ୍ପ ଓ ଘରେ ଡକାୟତି ଯୋଜନା କରୁଥିବା ଗିରଫ ଅଭିଯୁକ୍ତମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ସେଫ୍ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୨ଟି, ପିଞ୍ଚୁ ନାଁରେ ୪ଟି, ରୋସନ ନାଁରେ ୨ଟି, ସୁରଜ ନାଁରେ ୮ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ସିଆଇଡି-କ୍ରାଇମ୍ ବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀଙ୍କ ସମୀକ୍ଷା



**ରାଉରକେଲା, ୯।୧୧(ସମିସ):** ରାଜ୍ୟ ପୁଲିସ ବିଭାଗ ସିଆଇଡି-କ୍ରାଇମ୍ ବ୍ରାଞ୍ଚ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ ରାଉରକେଲା ଏସ୍‌ପିଙ୍କ ଅଫିସରେ ଯୋଗଦେଇ ପୁଲିସ ବ୍ୟବସ୍ଥାରେ ବିଭିନ୍ନ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ରାଉରକେଲା ପୁଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପ ବିଷୟରେ ସମୀକ୍ଷା କରିଥିଲେ। ରାଉରକେଲା ପୁଲିସ ମୁଖ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଏସ୍‌ପି ନିତେଶ ୱାଧୱାନୀ ଅଧ୍ୟକ୍ଷତା କରି ରାଉରକେଲା ପୁଲିସ ପକ୍ଷରୁ ସହରବାସୀଙ୍କ ନିକଟରେ ପୁଲିସ ସେବାକୁ ପହଞ୍ଚାଇବା ନିଆଯାଇଥିବା ଅନୁସନ୍ଧାନ ପୋର୍ଟାଲ, ଇ ବିଟ୍, ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ପାର୍କରେ ଲାଗିଥିବା ଟିପ୍ସ, ସାଇବର ଅପରାଧ ରୋକିବା ପାଇଁ ନିଆଯାଇଥିବା ବିଭିନ୍ନ ପ୍ରଯୁକ୍ତି ପଦକ୍ଷେପ, ଚଳିତ ଦୁର୍ଗାପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ଅଭିନବ ପଦକ୍ଷେପ, ସହରରେ ଅପରାଧିକ କାର୍ଯ୍ୟକଳାପ ରୋକିବା, ପେସାଦାର ଅପରାଧୀଙ୍କୁ ଚିହ୍ନଟ କରି ସେମାନଙ୍କ ଅପରାଧିକ ପଦକ୍ଷେପକୁ ଅନୁସରଣ କରି ଠିକଣା ସ୍ଥାନରେ ପୁଲିସକୁ ପହଞ୍ଚାଇବା ଏବଂ ଗିରଫ କରାଯିବା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ, ସିସିଟିଭି ବ୍ୟବସ୍ଥାର, ସିସିଟିଭି କଣ୍ଟ୍ରୋଲ ରୁମ୍ ଆଦି ଉପରେ ସବିଶେଷ ତଥ୍ୟ ଆଇଜି ଡକ୍ଟର ଷଡ଼ଙ୍ଗୀଙ୍କୁ ବିସ୍ତାର ଭାବେ ଅବଗତ କରାଇଥିଲେ। ଏସ୍‌ପି ଶ୍ରୀ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ରାଉରକେଲା ପୁଲିସ ଜିଲ୍ଲାରେ ନିଆହୋଇଥିବା ଏପରି ଅଭିନବ ପଦକ୍ଷେପ ଉପରେ ଆଇଜି ଡକ୍ଟର ଷଡ଼ଙ୍ଗୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ବୁଲି ପରିଦର୍ଶନ କରିଥିଲେ। ଏହି ଅବସରରେ ଏସ୍‌ପି (କ୍ରାଇମ୍ ବ୍ରାଞ୍ଚ) ସ୍ମିତ ପରମାର ମଞ୍ଚାସୀନ ଥିଲାବେଳେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରାବଣୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେକୃଷ୍ଣ ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର୍. କେ. ସାହୁ ଏବଂ ଡିଆଇବି ଡିଏସ୍‌ପି ରାମରାଇ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଫୁଟବଲ ଚୟନ ପ୍ରତିଯୋଗିତା




**କୁତ୍ରା, ୯।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଜିଲ୍ଲାସ୍ତରୀୟ ଫୁଟବଲ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍‌ର ଅଧୀକ୍ଷକ ଅଲେଖ ଦଲାଇ, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ, ସୁନ୍ଦରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା, ତୁନମୁରା ସରପଞ୍ଚ ତରୁଣୀ ସେନ ବରିହା, ଏସ୍‌ଏମ୍‌ସି ସଭାପତି ଶ୍ରୀକାନ୍ତ ମାଝୀ ଓ କୁତ୍ରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଉପସ୍ଥିତ ଥିବା ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଭାରେ ଉପସ୍ଥିତ ଥିବା ଅତିଥିଙ୍କ ପାଇଁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲା ଶାରୀରିକ ଅଧିକାରୀ ଅଜୟ କୁମାର ପ୍ରଧାନ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶାନ୍ତିଶୃଙ୍ଖଳା ଓ ଭାଇଚାରାର ସହିତ ଖେଳ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ ପ୍ରତିଦିନ ଅଭ୍ୟାସ କଲେ ସମସ୍ତେ ଭଲ ଖେଳ ପ୍ରଦର୍ଶନ କରି ପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୭ଟି ବ୍ଲକରୁ ସମୁଦାୟ ୨୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୧୭ଟି ବାଳକ ଦଳ ଓ ୯ଟି ବାଳିକା ଅଂଶଗ୍ରହଣ କରିଥିଲେ। ସାର୍ଗୁକିଶାନ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଓ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଭା ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାକାର୍ଯ୍ୟ ସମାପ୍ତ ପରେ ଚୟନ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଉକ୍ତ ଚୟନ ପ୍ରତିଯୋଗିତାଟି ଦୁଇଦିନ ଧରି ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ତୁନମୁରା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଏନ୍‌ଆଇଟି ରାଉରକେଲାରେ ୩ ଦିନିଆ 'ସାମୁଦ୍ରିକ ମାଟ୍ରିକ୍ସ' ଥିମ୍ ସମ୍ପନ୍ନ



**ରାଉରକେଲା, ୯।୧୧(ସମିସ):** ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାରେ ବହୁ ପ୍ରତୀକ୍ଷିତ ବାର୍ଷିକ ଟେକ୍ନୋ-ପରିଚାଳନା ମହୋତ୍ସବ 'ଇନୋଭିଜନ - ୨୦୨୫' ଆୟୋଜନ ପରିପ୍ରେକ୍ଷୀରେ ୩ ଦିନିଆ 'ସାମୁଦ୍ରିକ ମାଟ୍ରିକ୍ସ' ଥିମ୍ ସମ୍ପନ୍ନ ହୋଇଛି। ଏନଆଇଟି ରାଉରକେଲାର ଭୁବନେଶ୍ୱର ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଉଦ୍‌ଘାଟନ କରିଥିଲେ। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି। ଏନ୍‌ଆଇଟି ଛାତ୍ର କାର୍ଯ୍ୟକଳାପକେନ୍ଦ୍ର (ଏସଏସି) ରଟେକ୍ନିକାଲ୍ ସୋସାଇଟି ଦ୍ୱାରା ଆୟୋଜିତ ଟେକ୍ନିକାଲ୍ ସୋସାଇଟିର ଉପାଧ୍ୟକ୍ଷ ପ୍ରଫେସର ତୀର୍ଥଙ୍କର ସରକାର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଏସ୍‌ଏସିର ସଭାପତି ପ୍ରଫେସର ରାଜୀବ କେ ପଣ୍ଡା ସମାବେଶକୁ ସ୍ୱାଗତ କରିବା ସହ ମହୋତ୍ସବର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଯୁବ ଟେକ୍ନୋକ୍ରାଟ୍, ନବସୃଜନକାରୀ, ଇଞ୍ଜିନିୟର ଏବଂ ସ୍ରଷ୍ଟାମାନେ ସେମାନଙ୍କ ଚିନ୍ତାଧାରା ବାଣ୍ଟିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭା ପ୍ରଦର୍ଶନ କରିବେ, ଯାହା ଅଭିଜ୍ଞତାମୂଳକ ଶିକ୍ଷା, ବ୍ୟବହାରିକ ନବସୃଜନ ଆଦି ସହଯୋଗ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନର ମନୋଭାବକୁ ପ୍ରଶଂସା କରିଥିଲେ। ଏସ୍‌ପି ଶ୍ରୀ ୱାଧୱାନୀ ଆଧୁନିକ ପୁଲିସିଂରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏବଂ ଭୂମିକା ବିଷୟରେ ଆଲୋକପାତ କରି କହିଲେ ଏନ୍‌ଆଇଟି ରାଉରକେଲା ଏବଂ ରାଉରକେଲା ପୁଲିସ ସହଯୋଗରେ ରାଉରକେଲା ପୁଲିସ ଜିଲ୍ଲାରେ ଏକ ଅନଲାଇନ୍ ଏଫ୍‌ଆଇଆର୍ ଟ୍ରାକିଂ ସିଷ୍ଟମ ବିକଶିତ କରାଯାଇଛି ବୋଲି କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ (ଇନ-ଚାର୍ଜ), ଏନ୍‌ଆଇଟି ପ୍ରଫେସର ପ୍ରଦୀପ ସରକାର ଏହିପରି କାର୍ଯ୍ୟକ୍ରମଗୁଡ଼ିକ ସୃଜନଶୀଳତାକୁ ପ୍ରେରଣା ଦେବା ସହ 'ମେକ୍ ଇନ୍ ଇଣ୍ଡିଆ' ଏବଂ ନବସୃଜନରେ ଆତ୍ମନିର୍ଭରଶୀଳତାର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କୁ ନବ ସୃଜନଶୀଳତାର ଦକ୍ଷତା ବୃଦ୍ଧି ଏବଂ ଅତି କମରେ ଗୋଟିଏ ନୂତନ କୌଶଳ ଶିଖିବାର ସୁଯୋଗ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏରୋପିକ୍ସ, ରୋବୋ-ସୁମୋ ଯୁଦ୍ଧ, ମେଜ୍ ହଣ୍ଟରସ କାର୍ ଏବଂ ବାଇକ୍ ଶୋ ଏବଂ ସାଇ-ବିଜ୍ କୁଇଜ୍, ହାଇଡ୍ରୋନଟ୍, ୩ ଡି ପ୍ରିଣ୍ଟିଂ ଏବଂ ଡ୍ରୋନ୍ ତିଆରି ଉପରେ ଅତିଥିମାନେ ବକ୍ତୃତା ଦେଇଥିଲେ। ଇନୋଭିଜନ ୨୦୨୫ ଅଂଶଗ୍ରହଣକାରୀଙ୍କୁ ଏକ ସମୃଦ୍ଧ ଅଭିଜ୍ଞତା ପ୍ରଦାନ କରିଥିଲା। ଏହି ବର୍ଷର ସଂସ୍କରଣରେ ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ, ଉତ୍ତର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡ ସମେତ ରାଜ୍ୟରୁ ୧ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସୃଜନୀ ସାହିତ୍ୟ ସଂସଦର ବାର୍ଷିକ ସମୀକ୍ଷା ବୈଠକ

**ରାଉରକେଲା, ୯।୧୧(ସମିସ):** ଦକ୍ଷିଣରାଉରକେଲାର ଜଣାଶୁଣା ସାହିତ୍ୟ ଅନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ବୈଠକ ଅନୁଷ୍ଠାନର ସଭାପତି ଶଚିନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାରନଗରୀ ସ୍ଥିତ ସଂସଦର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗ ହୋଇଥିବାରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଂସଦର ସାଧାରଣ ସମ୍ପାଦକ କବି ରବୀନ୍ଦ୍ର ବେହୁରିଆ ସଦ୍ୟ ସମ୍ପନ୍ନ ହୋଇଥିବା ବାର୍ଷିକ ଉତ୍ସବର ଆୟବ୍ୟୟ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ପରେ ପରେ ସଂସଦରେ ଖାଲିଥିବା କାର୍ଯ୍ୟକାରୀ ସଭାପତି ପଦରେ ସର୍ବସମ୍ମତି କ୍ରମେ କବି ହରିହର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ ସମ୍ପାଦକ ରବୀନ୍ଦ୍ର ବେହୁରିଆଙ୍କ ସମେତ ଆଦିତ୍ୟ କୁମାର ଷଡ଼ଙ୍ଗୀ, ବସନ୍ତ ଜେନା, ରାଜକିଶୋର ଜେନା, ବେଣୁଧର ମଲ୍ଲ, ଲକ୍ଷ୍ମୀଧର ସ୍ୱାଇଁ, ସୁଧୀର କୁମାର ରଥ, ଲୀଳାବତୀ ମହାପାତ୍ର, ହରପ୍ରିୟା ସାମଲ, ମୀରା ମଲ୍ଲିକ, ଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହରପ୍ରିୟା ସାମଲ ଧନ୍ୟବାଦ ଦେଇଥିଲେ।

# ସାଇବର ସୁରକ୍ଷା ସଚେତନତା ପଦଯାତ୍ରା

### ସାମିଲ ହେଲେ ହଜାରରୁ ଉର୍ଦ୍ଧ୍ୱ ଅଧିକାରୀ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ






**ରାଉରକେଲା, ୯।୧୧(ସମିସ)**

ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସହରବାସୀଙ୍କୁ ସାଇବର ଅପରାଧୀଙ୍କଠାରୁ ସତର୍କ ରହିବା ନିମନ୍ତେ ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ୱାକାଥନ୍ -୨୦୨୫ ଆୟୋଜିତ ହୋଇଥିଲା। ଏହି ବିଶାଳ ସାଇବର ସଚେତନତା ପଦଯାତ୍ରାରେ ୧ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ବୁଦ୍ଧିଜୀବୀ ଓ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆଜି ସକାଳ ୭ଟାରେ ଛେଣ୍ଡ ଛକଠାରୁ ଉଦିତନଗର ଫିଟ୍‌ନେସ୍ ପାର୍କ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ତିନି କିଲୋମିଟର ବ୍ୟାପି ଏହି ପଦଯାତ୍ରାକୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନାଗରିକଙ୍କ ମଧ୍ୟରେ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସାଇବର ଅପରାଧୀଙ୍କ ଠାରୁ ସତର୍କ ରହିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି। ଅଂଶଗ୍ରହଣକାରୀମାନେ ପ୍ଲା କାର୍ଡ ଏବଂ ବ୍ୟାନର ଧରି ନିରାପଦ ଅନ୍‌ଲାଇନ୍ ଅଭ୍ୟାସ, ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଆଚରଣ ଏବଂ ସାଇବର ଅପରାଧ ନିବାରଣ ଉପରେ ପ୍ରମୁଖ ବାର୍ତ୍ତା ପ୍ରଦାନ କରିଥିଲେ। ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ କ୍ଷେତ୍ରରେ ସାଧାରଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ପୁଲିସ ସମସ୍ତ ନାଗରିକଙ୍କୁ ସତର୍କ ରହିବାକୁ, ଅନଲାଇନ୍‌ରେ କ୍ଲିକ୍ କିମ୍ବା ସେୟାର କରିବା ପୂର୍ବରୁ ଚିନ୍ତା କରିବାକୁ ଏବଂ ଯେ କୌଣସି ସନ୍ଦିଗ୍ଧ ସାଇବର କାର୍ଯ୍ୟକଳାପକୁ ତୁରନ୍ତ ନିକଟତମ ପୁଲିସ ଷ୍ଟେସନ କିମ୍ବା ସାଇବର ହେଲ୍ପଲାଇନ୍‌କୁ ରିପୋର୍ଟ କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରାବଣୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେକୃଷ୍ଣ ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର୍. କେ. ସାହୁ ଏବଂ ଉପ-ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ଷଣ୍ଢ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଶୋଭାଯାତ୍ରାରେ ୨୦୦ରୁ ଉର୍ଦ୍ଧ୍ୱ ଅଟୋ ରିକ୍‌ସା





ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଆୟୋଜିତ ପରିପ୍ରେକ୍ଷୀରେ ସହରବାସୀଙ୍କୁ ସାଇବର ଅପରାଧୀଙ୍କ ଠାରୁ ସତର୍କ ରହିବା ନିମନ୍ତେ ଏହି ବିଶାଳ ଅଟୋ ରିକ୍‌ସା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅଟୋ ରିକ୍‌ସା ଶୋଭାଯାତ୍ରାକୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନ ୧୧ଟାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପାର୍କିଂ ନମ୍ବର - ୬ରୁ ଆରମ୍ଭ ହୋଇ ସ୍ୱେସ୍ ଛକରେ ଶେଷ ହୋଇଥିଲା। ସାଇବର ସୁରକ୍ଷା ଏବଂ ଠକେଇ ନିବାରଣ, ଡିଜିଟାଲ ଆରେଷ୍ଟ ସମ୍ବନ୍ଧୀୟ ପ୍ରସଙ୍ଗରେ ବିଭିନ୍ନ ସମ୍ପ୍ରଦାୟକୁ ସଚେତନ କରିବା ପାଇଁ ଏହି ଅଟୋ ରାଲି ଆୟୋଜିତ ହୋଇଥିବା ନେଇ ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଥିଲେ।

## ସୁନ୍ଦରଗଡ଼ରେ ସାଇବର ସୁରକ୍ଷା ସଚେତନତା



**ରାଉରକେଲା, ୯।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସହରବାସୀଙ୍କୁ ସାଇବର ଅପରାଧୀଙ୍କ ଠାରୁ ସତର୍କ ରହିବା ନିମନ୍ତେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପକ୍ଷରୁ ୱାକାଥନ୍ -୨୦୨୫ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ୭୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ବୁଦ୍ଧିଜୀବୀ, ଏନସିସି କାଡେଟସ୍ ଓ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସକାଳ ୯ ଟାରେ ସୁନ୍ଦରଗଡ଼ ପୁଲିସ ମୁଖ୍ୟାଳୟ ଠାରୁ ସୁନ୍ଦରଗଡ଼ ଟାଉନ ଥାନା ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଏହି ସାଇବର ସଚେତନତା ପଦଯାତ୍ରାକୁ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଶୁଭାରମ୍ଭ କରିବା ସହ ନିଜେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ସଚେତନତା ପଦଯାତ୍ରାରେ ପୁଲିସ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ, ଏନ୍‌ସିସି କାଡେଟସ୍ ଏବଂ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ, ସାଧାରଣ ଜନତାଙ୍କ ସମେତ ୭୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରା ସୁନ୍ଦରଗଡ଼ ପୁଲିସ ମୁଖ୍ୟାଳୟରୁ ବାହାରି ଡିଆରଡିଏ ଛକ ହୋଇ ହସ୍ପିଟାଲ ଛକରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା ଉପରେ ଏକ ପ୍ରଦର୍ଶନୀ ଷ୍ଟଲକୁ ଏସପି ଶ୍ରୀମତୀ କୌର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହସପିଟାଲ ଛକରେ ପୁଲିସ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକ ନୁକଡ ନାଟକ ଆୟୋଜିତ ମାଧ୍ୟମରେ ସାଇବର ସୁରକ୍ଷା ନେଇ ସାଧାରଣ ଜନତାଙ୍କୁ ସଚେତନତା କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ଡିଆଇବି ଅତିରିକ୍ତ ଏସପି ମହେନ୍ଦ୍ର ମୁର୍ମୁ, ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଡିଏସପି ସୋମନାଥ ଜେନା ପ୍ରମୁଖଙ୍କ ସମେତ ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।


## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା, ୯।୧୧(ସମିସ):** ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ଜଳଖିଆ କରି ସାରିବା ପରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଉଦିତନଗର ଥାନା ସିଂହାସିନୀ ମନ୍ଦିର ନିକଟରେ ରବିବାର ଏହି ଘଟଣା ଘଟିଛି। ସୂଚନା ମୁତାବକ, ପାୱାର ହାଉସସ୍ଥିତ ନ୍ୟାସନାଲ କ୍ଲବ୍ ଅଞ୍ଚଳର ଦଶରଥ ତନ୍ତୀ ନାମକ ଯୁବକ ଜଳଖିଆ କରିବାକୁ ଆସିଥିଲେ। ଏହାର କିଛି ସମୟ ପରେ ରାସ୍ତା କଡ଼ରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ଦଶରଥ ସହରରେ ଏକାକୀ ରହୁଥିବା ଲୋକେ କହିଛନ୍ତି।

## ଦୋକାନ ଜଳିଗଲା

**ରାଉରକେଲା, ୯।୧୧(ସମିସ):** ଓଲ୍‌ଡ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଥିବା କିଛି ଦୋକାନରେ ରବିବାର ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କିଛି ଘଣ୍ଟାର କସରତ ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ସୌଭାଗ୍ୟବଶତଃ ନିଆଁ ବ୍ୟାପୀ ନଥିଲା। ନଚେତ୍ ବଡ଼ କ୍ଷୟକ୍ଷତି ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମାତ୍ର ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନାହିଁ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ରାଉରକେଲା, ୯।୧୧(ସମିସ): ନୂଆଗାଁ ବ୍ଲକ ସୋରଡ଼ା ଏମ୍‌ଇ ସ୍କୁଲର ପୂର୍ବତନ ଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ବଳରାମ ପଣ୍ଡାଙ୍କର ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ରବିବାର ସକାଳେ ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ପୁତ୍ର ବୀରେନ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପଣ୍ଡା ଦୀର୍ଘ ୪୧ବର୍ଷ ଧରି ସୋରଡ଼ା ଏମ୍‌ଇ ସ୍କୁଲରେ ଶିକ୍ଷୟତା କରି ୨୦୧୧ ମସିହାରେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ କିଛି ବର୍ଷ ପାଇଁ ନୂଆଗାଁସ୍ଥିତ ପଞ୍ଚାୟତ ସମିତି କଲେଜରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ଥିବା ଏହି ବ୍ୟକ୍ତିଙ୍କୁ ହରାଇ ଆଜି ତାଙ୍କର ଶହ ଶହ ଛାତ୍ରଛାତ୍ରୀ ମର୍ମାହତ ହୋଇ ପଡ଼ିଥିବା କହିଛନ୍ତି। ନିଜ ଜନ୍ମ ମାଟି ନୂଆଗାଁ ଅନ୍ତର୍ଗତ ସୋରଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ସମ୍ପାଦକୀୟ



ଲୋକମାନେ ତୁମ ଉପରକୁ ଫିଙ୍ଗିଥିବା ପଥରକୁ ଐତିହ୍ୟ ନିର୍ମାଣରେ ଉପଯୋଗ କର।
-ରତନ ଟାଟା

ସକାଳ THE SAKALA

## ବେଲେମ୍‌ରୁ ଆଶା

ଆଜିଠାରୁ ବ୍ରାଜିଲ୍‌ର ବେଲେମ୍ ସହରରେ ଆରମ୍ଭ ହେଉଥିବା ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍-୩୦) ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଐତିହାସିକ ପ୍ୟାରିସ୍ ଜଳବାୟୁ ଶିଖର ସମ୍ମିଳନୀ ଓ ଚୁକ୍ତିନାମାକୁ ଏକ ଦଶନ୍ଧି ପୂରଣ ହୋଇଛି। ଏହି ଦଶବର୍ଷ ମଧ୍ୟରେ ପରିବେଶ ସୁରକ୍ଷା ଓ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କାରକଗୁଡ଼ିକୁ ପ୍ରତିହତ କରିବାରେ ଦଶନ୍ଧିର ଧାର୍ଯ୍ୟ ଲକ୍ଷ୍ୟ କେତେ ପୂରଣ ହୋଇଛି ତା' ଉପରେ ସମୀକ୍ଷା ଜରୁରୀ। ଏହି ସମୀକ୍ଷାର ନିଷ୍କର୍ଷ ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ ହେବ। ଏଥିସହିତ ସର୍ବାଧିକ ଶିଳ୍ପ ପ୍ରଦୂଷଣ ସୃଷ୍ଟିକାରୀ ରାଷ୍ଟ୍ର ଆମେରିକା ପ୍ୟାରିସ୍ ଚୁକ୍ତିନାମାରୁ ଓହରି ଆସିଥିବାରୁ ପରବର୍ତ୍ତୀ ଯୋଜନା କ'ଣ ହେବ ଏବଂ ଜଳବାୟୁ ପାଣ୍ଠି ସଂଗ୍ରହ ଓ ବିତରଣ ଲକ୍ଷ୍ୟ ପାଇଁ କେଉଁ ପନ୍ଥା ନିର୍ଣ୍ଣୟ କରାଯିବ ତା' ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜରୁରୀ।

ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିତି ଆଧାରରେ ଆଲୋଚନା କଲେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ପ୍ୟାରିସ୍ ସଂକଳ୍ପନାମାର କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଘଟିନାହିଁ। ବିଶେଷକରି ବିଶ୍ୱ ତାପମାନକୁ ଶିଳ୍ପାୟନ ପୂର୍ବ ସମୟରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଆଜିକୁ ୧୦ ବର୍ଷ ତଳେ ଯେଉଁ ଚୁକ୍ତି ହୋଇଥିଲା ତାହାର ଖିଲାପ ହୋଇଛି ଏବଂ ତାପମାତ୍ରା ବଢ଼ି ଚାଲିଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟର ପରିମାଣ ଓ ଅବଧିକୁ ବୃଦ୍ଧି କରିବା ପାଇଁ କୋପ୍ ୩୦ରେ କସରତ ହୋଇପାରେ। ଇତିମଧ୍ୟରେ ପ୍ରାୟ ୬୦ଟି ଦେଶ ସେମାନଙ୍କ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟଯୋଜନା ଓ ସଂକଳ୍ପନାମାର ସଂଶୋଧନ ଆବେଦନ ଦାଖଲ କରିସାରିଥିବା ବେଳେ ଭାରତର ଆଭିମୁଖ୍ୟ ଏ ଯାଏଁ ସ୍ପଷ୍ଟ ହୋଇନାହିଁ। ୨୦୭୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ଶୂନ୍ୟସ୍ତରକୁ ହ୍ରାସ କରିବା ଲାଗି ଭାରତ ସଂକଳ୍ପବଦ୍ଧ ହୋଇଥିବା ବେଳେ ହଠାତ୍ ଜୀବାଶ୍ମ ଇନ୍ଧନକୁ ସମ୍ପୂର୍ଣ୍ଣ ପରିହାର କରିବା ଭଳି ସ୍ଥିତିରେ ନାହିଁ। ତେଣୁ ପରିବେଶ ସୁରକ୍ଷାରେ ଭାରତର ଅଙ୍ଗୀକାରବଦ୍ଧତା ଏହି ଶିଖର ସମ୍ମିଳନୀରେ ସ୍ପଷ୍ଟ ହେବ। ସୁଖର କଥା ଭାରତ ୨୦୩୦ ସୁଦ୍ଧା ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ତାହା ପାଞ୍ଚ ବର୍ଷ ପୂର୍ବରୁ ହାସଲ କରିପାରିଛି।

ଏହା କିନ୍ତୁ ଅସ୍ୱୀକାର କରିବାର ନାହିଁ ଯେ ଗତ ଦଶବର୍ଷ ମଧ୍ୟରେ ବନାଗ୍ନି, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ତଦ୍‌ଜନିତ ଅର୍ଥନୈତିକ ଓ ଜୀବନ କ୍ଷୟକ୍ଷତିରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ତେଣୁ ଦୀର୍ଘକାଳୀନ ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିପାରୁଥିବା ଭଳି ଯୋଜନାମାନ ପ୍ରଣୟନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନୂତନ ସଂକଳ୍ପ ଆବଶ୍ୟକ। ସଂକଳ୍ପର କାର୍ଯ୍ୟକାରିତା ପାଇଁ ଅଙ୍ଗୀକାରବଦ୍ଧତା ମଧ୍ୟ ତତୋଧିକ ଜରୁରୀ। ସବୁଠାରୁ ବଡ଼ କଥା ହେଉଛି ବିକାଶ ଜନିତ ପରିବେଶ ପ୍ରଦୂଷଣ ଏବଂ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ବିପର୍ଯ୍ୟୟକୁ ପ୍ରଶମନ କରିବା ଲାଗି ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଯେଉଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସେଥିରୁ ଓହରି ଯାଉଥିବା ଲକ୍ଷ୍ୟ କରାଯାଉଛି। କୋପ୍ ୩୦ରେ ଏସଂକ୍ରାନ୍ତରେ ଆଲୋଚନା କରାଯିବାର ସୁଯୋଗ ରହିଛି। କାରଣ ବିକଶିତ ରାଷ୍ଟ୍ରମାନେ ଉତ୍ତରଦାୟିତ୍ୱ ଗ୍ରହଣ ନ କଲେ ପରିବେଶ ସୁରକ୍ଷା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ପୃଷ୍ଠଭୂମିରେ ବେଲେମ୍ ସମ୍ମିଳନୀରୁ ଅନେକ କିଛି ଆଶା କରାଯାଉଛି।

## ଚିକେନ୍-ନେକ୍ ଚିନ୍ତା

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ମୂଳ ଭୂଖଣ୍ଡ ସହିତ ଯୋଡୁଥିବା ୬୦ କିମି ଦୈର୍ଘ୍ୟ ଓ ୨୨ କିମି ପ୍ରସ୍ଥ ବିଶିଷ୍ଟ 'ସିଲିଗୁଡ଼ି କରିଡର' ବା 'ଚିକେନ୍ ନେକ୍'ର ସୁରକ୍ଷା ସବୁବେଳେ ଆହ୍ୱାନ ହୋଇ ରହିଛି। ବାଂଲାଦେଶ ସହିତ ସମ୍ପର୍କ ତିକ୍ତ ହୋଇସାରିଥିବାରୁ ଏବେ ଏହି ଅଞ୍ଚଳ ଆହୁରି ବିପଦସଂକୁଳ ହୋଇପଡ଼ିଛି। ନିକଟରେ ଦୁଇଜଣ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ଚିକେନ୍ ନେକ୍‌ରେ ଭାରତ ପ୍ରତିଷ୍ଠା କରିଥିବା ନୂଆ ସାମରିକ ଘାଟି ନିକଟରୁ ଗିରଫ ହେବା ପରେ ଚିନ୍ତା ବଢ଼ିଛି। ବାଂଲାଦେଶୀ ଅନୁପ୍ରବେଶ ଭାରତ ପାଇଁ ଏକ ଚିରସମସ୍ୟା ହୋଇଥିବା ବେଳେ ସେଠାକାର ଶେଖ୍ ହସିନା ସରକାରର ପତନ ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଛି। ଭାରତର ଅବଦାନକୁ ଭୁଲିଯାଇଥବା ଏହି କୃତଘ୍ନ ପଡ଼ୋଶୀର କାମଚଳା ସରକାର ଏବେ ଚୀନ୍, ପାକିସ୍ତାନ ସହିତ ହାତ ମିଳାଇ ବାଂଲାଦେଶରେ ସାମରିକ ଘାଟି ଓ ବିମାନ ବନ୍ଦର ବିକାଶ କରୁଛନ୍ତି ଏବଂ ଏକ ବୃହତ୍ତର ବାଂଲାଦେଶ ଗଠନର ପରିକଳ୍ପନା କରିଛନ୍ତି, ଯାହାର ମାନଚିତ୍ରରେ ଭାରତର ଏପରିକି ଓଡ଼ିଶାର ଅନେକ ଅଞ୍ଚଳ ସ୍ଥାନିତ ହୋଇଛି। ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଓ ଶରଣାର୍ଥୀ ସମସ୍ୟା ନୂଆ ନୁହେଁ। ଏବେ ବାଂଲାଦେଶର କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଏହି ଉଚ୍ଚାଭିଳାଷ ଯୋଗୁଁ ଓଡ଼ିଶା ପ୍ରତି ମଧ୍ୟ ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଆହୁରି ଉତ୍କଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଉତ୍ତରପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ୍‌କୁ ସୀମାପାର ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ବିଶେଷକରି ବାହ୍ୟ ସାମରିକ ଆକ୍ରମଣରୁ ଭାରତକୁ ସୁରକ୍ଷିତ ରଖିବାକୁ ହେଲେ ଚିକେନ୍ ନେକ୍‌ର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏହି ଅଞ୍ଚଳଟି ନେପାଳ, ଭୁଟାନ୍, ବାଂଲାଦେଶ, ଚୀନ୍‌ର ସୀମାକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ସମ୍ବେଦନଶୀଳ ଅଞ୍ଚଳର ବାମୁନି, କିଶାନ୍‌ଗଞ୍ଜ ଓ ଚୋପ୍ରାଠାରେ ଭାରତ ତିନିଟି ପ୍ରତିରକ୍ଷା ସାମରିକ ଘାଟି ପ୍ରତିଷ୍ଠା କରି ତୀକ୍ଷ୍ଣ ନଜର ରଖିଛି। 'ତ୍ରିଶକ୍ତି' ସେନା(୩୩ ୟୁନିଟ୍ ବିଶିଷ୍ଟ) ଏହି ସମ୍ବେଦନଶୀଳ ଅଞ୍ଚଳରେ ଚବିଶଘଣ୍ଟିଆ ସୁରକ୍ଷା, ଯୋଗାଯୋଗ, ସୂଚନା ଆଦିର ସମନ୍ୱୟ ରକ୍ଷା କରି ବିହିତ କାର୍ଯ୍ୟାନୁଷ୍ଠାନର ଦାୟିତ୍ୱ ନେଇଛି ଏବଂ ସଦା ପ୍ରସ୍ତୁତ ରହିଛି। ଜରୁରିକାଳୀନ ସ୍ଥିତିରେ ପଶ୍ଚିମ ବଙ୍ଗ, ସିକ୍କିମ୍ ଓ ଉତ୍ତରପୂର୍ବ ଭାରତରେ ମୁତୟନ ହୋଇଥିବା ସମ୍ପୂର୍ଣ୍ଣ ସୀମା ସୁରକ୍ଷା ଯବାନ ଓ ସେନାକୁ ତତ୍କାଳ ସେଠାକୁ ପଠାଯାଇପାରିବ। ଭାରତ ମଧ୍ୟ ସେଠାରେ 'ବ୍ରହ୍ମୋସ୍', 'ଆକାଶ', କ୍ଷେପଣାସ୍ତ୍ର ସମେତ ଯୁଦ୍ଧବିମାନ, 'ଏସ୍-୪୦୦', 'ଏମ୍ଆରସାମ୍' ଭଳି ବାୟୁପ୍ରତିରକ୍ଷା ପ୍ରଣାଳୀ ମୁତୟନ କରିଛି। 'ଅପରେସନ୍ ସିନ୍ଦୂର' ପରେ ଭାରତ 'ଅଶନି' ପ୍ଲାଟୁନ୍ ଜରିଆରେ ଡ୍ରୋନ୍ ପ୍ରତିରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିଥିବା ବେଳେ ଡ୍ରୋନ୍ ଆକ୍ରମଣ ପାଇଁ 'ଭୈରବ' ବାଟାଲିୟନ୍‌କୁ ସକ୍ରିୟ କରିଛି। ଏହି ଅଞ୍ଚଳର ପ୍ରତିରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିକଟରେ ୮, ୧୬୦ କୋଟି ଟଙ୍କା ମଞ୍ଜୁର ହୋଇଛି।

ସାମାନ୍ୟତମ ଅବହେଳା ଓ ବିଶ୍ରାମ ଭାରତ ପାଇଁ କାରଗିଲ୍ ଯୁଦ୍ଧ ଭଳି ଆଉ ଏକ ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସେନା, ସୀମା ସୁରକ୍ଷା ବାହିନୀର ସକ୍ରିୟତା ସହିତ ଆଞ୍ଚଳିକ ଅଧିବାସୀଙ୍କ ସମୟୋପଯୋଗୀ ସୂଚନା ଓ ସହଯୋଗ ଅତ୍ୟାବଶ୍ୟକ।

# ସ୍ୱେଚ୍ଛାଚାରୀ ଶାସକଙ୍କ ବ୍ୟାଘ୍ରାରୋହଣ

ଡ଼. ପ୍ରଦୀପ କୁମାର ନାୟକ

କେତେକ କ୍ଷମତାପ୍ରମତ୍ତ ରାଷ୍ଟ୍ରମୁଖ୍ୟ ସର୍ବଦା ନିରଙ୍କୁଶ ଓ ଦୀର୍ଘ ଶାସନ ଚାହିଁଥା'ନ୍ତି। ଲୋକଦେଖାଣିଆ କାର୍ଯ୍ୟଗୁଡ଼ିକ(ପପୁଲିଷ୍ଟ ଗିମିକ୍ସ) ଦ୍ୱାରା ନିଜ ନିଜର ବିଶାଳ କାଳ୍ପନିକ ଭାବମୂର୍ତ୍ତି(ଲାର୍ଜର ଦାନ ଲାଇଫ୍ ଇମେଜ୍)କୁ ଲୋକଙ୍କ ସାମନାରେ ଉପସ୍ଥାପିତ କରି ସେମାନଙ୍କୁ ସମ୍ମୋହିତ କରି ରଖନ୍ତି। କ୍ଷମତାର ମୋହ ଯୋଗୁଁ ସେମାନେ ଆବଶ୍ୟକ ହେଲେ ରାଷ୍ଟ୍ରର ସମ୍ବିଧାନ ଓ ଆଇନ ମଧ୍ୟ ନିଜକୁ ସୁହାଇବା ପରି ପରିବର୍ତ୍ତନ କରି ଦେଇପାରନ୍ତି। କ୍ଷମତା ହିଁ ସେମାନଙ୍କୁ ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ଶାସକରେ ପରିଣତ କରିଥାଏ।

ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଚର୍ଚ୍ଚିଲ ଏହି ଏକଛତ୍ରବାଦୀ ଶାସନରେ ଅଧିଷ୍ଠିତ ହେବା ପ୍ରୟାସ ଓ ମାନସିକତାକୁ ବ୍ୟାଘ୍ରାରୋହଣ ସହ ତୁଳନା କରିଛନ୍ତି। ଚର୍ଚ୍ଚିଲଙ୍କ ଉକ୍ତିରେ - 'ଏକଛତ୍ରବାଦୀ ଶାସକ ମାନେ ବ୍ୟାଘ୍ରାରୋହଣ କରୁଛନ୍ତି ଏବଂ ସେଥିରୁ ଓହ୍ଲାଇବାକୁ ତାଙ୍କର ସାହସ ହୁଏ ନାହିଁ। ଏଣେ ବାଘଗୁଡ଼ିକ ମଧ୍ୟ ଭୋକିଲା ହୋଇଗଲେଣି(ଡିକ୍ଟେଟର୍ସ ରାଇଡ୍ ଟୁ ଆଣ୍ଡ ଫ୍ରୋ ଅପ୍‌ଅନ୍ ଟାଇଗର୍ସ ଫ୍ରମ ହ୍ୱିଚ୍ ଦେ ଡେୟାର ନଟ୍ ଡିସ୍‌ମାଉଣ୍ଟ। ଆଣ୍ଡ ଦ ଟାଇଗରସ୍ ଆର ଗେଟିଙ୍ଗ ହଙ୍ଗ୍ରି)। ବାସ୍ତବରେ ଶାସନଗାଦୀ ଓ ନିରଙ୍କୁଶ କ୍ଷମତା ଏକ ଆରାମଦାୟକ ବାଘ ପିଠି ସଦୃଶ, ଯାହାକୁ ଛାଡ଼ିବାକୁ ମନ ହୁଏ ନାହିଁ। ଅନ୍ୟପକ୍ଷରେ ଜନତା ଓ ଭୋଟଦାତାଙ୍କୁ ଭୋକିଲା ବାଘଙ୍କ ସହ ତୁଳନା କରାଯାଇଛି, ଯେଉଁମାନେ କି ସେହି ସ୍ୱେଚ୍ଛାଚାରୀ ରାଷ୍ଟ୍ରମୁଖ୍ୟମାନଙ୍କୁ ଖାଇ ଦେବା ପାଇଁ ଅପେକ୍ଷା କରିଛନ୍ତି। ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଏହିପରି ଅନେକ ଦେଶର ରାଷ୍ଟ୍ରମୁଖ୍ୟ କ୍ଷମତାକୁ ଅପବ୍ୟବହାର କରି ସାଧାରଣ ନାଗରିକମାନଙ୍କୁ ଉପେକ୍ଷା କରିବାର ଉଦାହରଣ ରହିଛି।

ବିରୋଧୀ ଦଳକୁ ଦମନ କରିବା, ଲୋକଙ୍କ ବାଚନିକ ସ୍ୱାଧୀନତାକୁ ସୀମିତ କରିବା, ନିଜର ଆତ୍ମୀୟ ସ୍ୱଜନଙ୍କୁ ଉଚ୍ଚ ପଦବୀରେ ନିଜ ଇଚ୍ଛାରେ ନିଯୁକ୍ତି ଦେବା ଓ ଲୋକଙ୍କ ଇଚ୍ଛା ବିରୁଦ୍ଧରେ କାମ କରିବା, ଲୋକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ କଟକଣା ଲଗାଇବା



ଆଦି ଏହି ସ୍ୱେଚ୍ଛାଚାରୀ ଶାସନର ଲକ୍ଷଣ। ସ୍ୱେଚ୍ଛାଚାରୀ ଶାସନକର୍ତ୍ତାଙ୍କ ଅବୈଧ ଶାସନ ବ୍ୟବସ୍ଥା ପ୍ରତି ସଂଖ୍ୟାଗରିଷ୍ଠ ଲୋକଙ୍କ ସମର୍ଥନ ପ୍ରାୟତଃ ନଥାଏ। ଅନେକେ ଭୟ ଓ ଚାପର ବଶବର୍ତ୍ତୀ ହୋଇ ସେମାନଙ୍କ ସରକାରକୁ ସମର୍ଥନ କରନ୍ତି। କିନ୍ତୁ ସେମାନଙ୍କ ମନରେ ଅସନ୍ତୋଷ ଓ କ୍ରୋଧର ବହ୍ନି ଜଳୁ ଥାଏ, ଯାହା କି ଅନେକ ସମୟରେ ଭୟାବହ ଜନଆନ୍ଦୋଳନ ସୃଷ୍ଟି କରିଥାଏ ଏବଂ ବିଦ୍ରୋହର ରୂପ ନେଇ ଥାଏ। ଏହି ବିଦ୍ରୋହରେ ଅନେକ ସମୟରେ ସ୍ୱେଚ୍ଛାଚାରୀ ଶାସକମାନେ କ୍ଷମତାଚ୍ୟୁତ ମଧ୍ୟ ହୋଇଛନ୍ତି, ଯାହାର ସଦ୍ୟତମ ଉଦାହରଣ ରୂପେ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଆଦି ରାଷ୍ଟ୍ରକୁ ନିଆଯାଇପାରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜର୍ମାନୀରେ ହିଟଲର ୧୯୩୪ ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଯେଉଁ ସ୍ୱେଚ୍ଛାଚାରୀ ଶାସନ କରିଥିଲେ ତାହା ଅମାନବୀୟ, ନିଷ୍ଠୁର ଓ ଅଗଣତାନ୍ତ୍ରିକ ଥିଲା। ଲକ୍ଷ ଲକ୍ଷ ନିରୀହ ଇହୁଦୀମାନଙ୍କୁ ନରଡିକ ଆର୍ଯ୍ୟ ଜାତିର ଜର୍ମାନୀ ଲୋକମାନଙ୍କ ସଂସ୍କୃତିକୁ ପ୍ରଦୂଷିତ କରୁଥିବାର ଅଭିଯୋଗ ଆଣି ଗ୍ୟାସଚାମ୍ବରମାନଙ୍କରେ ନିକ୍ଷେପ କରି ହିଟ୍‌ଲର ହତ୍ୟା କରିଥିଲେ ଏବଂ ହଜାର ହଜାର ଲୋକଙ୍କୁ ଶ୍ରମ ଶିବିର ଓ ଅତ୍ୟାଚାର କ୍ୟାମ୍ପ(କନସ୍ଟ୍ରେସନ୍ କ୍ୟାମ୍ପ) ମଧ୍ୟରେ ମାରିବା ପାଇଁ ଛାଡ଼ି ଦେଇଥିଲେ। ଶେଷରେ ମିତ୍ରପକ୍ଷ ରାଷ୍ଟ୍ରମାନଙ୍କ ଆକ୍ରମଣରେ ହିଟ୍‌ଲର ନିରୁପାୟ ହୋଇ ଆତ୍ମସମର୍ପଣ କରିବା ପୂର୍ବରୁ ଆତ୍ମହତ୍ୟା କରିଥିଲେ। ସେହିପରି ଇଟାଲିରେ ବେନିଟୋ ମୁସୋଲିନି ୧୯୨୪ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏବଂ ଜୋସେଫ୍ ଷ୍ଟାଲିନ ରୁଷ୍‌ରେ ୧୯୨୪ ରୁ ୧୯୫୩ ପର୍ଯ୍ୟନ୍ତ ନିଜ ନିଜର ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରି ଦେଶର କ୍ଷମତା ଅପବ୍ୟବହାର କରିଥିଲେ।

ସେହିପରି ମଧ୍ୟପ୍ରାଚ୍ୟରେ ଇରାକର ସଦ୍ଦାମ ହୁସେନ ୧୯୭୯ ମସିହାରୁ ୨୦୦୩ ମସିହା ଯାଏଁ ଇରାକର ରାଷ୍ଟ୍ରପତି ରୂପେ ଶାସନ କରିଥିଲେ। ତାଙ୍କର ସ୍ୱେଚ୍ଛାଚାରୀ ଶାସନରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ବିରୋଧୀଙ୍କ ଦମନ, ସାଧାରଣ ନାଗରିକଙ୍କ ଗଣହତ୍ୟା ପରି ଅମାନବୀୟ କାର୍ଯ୍ୟ ଓ ମାନବାଧିକାର ଉଲଘଂନ ଅଭିଯୋଗରେ ଶେଷରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ କ୍ଷମତାଚ୍ୟୁତ ହୋଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ୨୦୧୦ ମସିହାରୁ ୨୦୧୨ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ଘଟିଥିବା ଯୁବଗୋଷ୍ଠୀଙ୍କ ଦ୍ୱାରା ସୃଷ୍ଟ ଆରବୀୟ ବସନ୍ତ(ଆରବ ସ୍ପ୍ରିଙ୍ଗ) ନାମକ ଏକ ନିର୍ଣ୍ଣାୟକ ଗଣଆନ୍ଦୋଳନରେ ଅନେକ ଏକଛତ୍ରବାଦୀ ଶାସକ ଯଥା ଲିବିଆର ମୋଆମାର ଗଦ୍ଦାଫି(୨୦୧୧), ଟ୍ୟୁନିସିଆର ଜୈନୁଲ୍ ଆବେଦିନ(୨୦୧୧), ଇଜିପ୍ଟର ହୋସନି ମୁବାରକ (୨୦୧୧), ୟେମେନର ଆଲି ଅବଦୁଲା ସାଲେ(୨୦୧୨) ଶାସନଗାଦିରୁ ବିତାଡ଼ିତ ହୋଇଥିଲେ। ଉପରୋକ୍ତ ବ୍ୟକ୍ତିମାନେ ଦିନେ ବ୍ୟାଘ୍ରାରୋହଣ କରି କ୍ଷମତାର ଅପବ୍ୟବହାର ଜରିଆରେ ବିଳାସମୟ ଜୀବନ ବିତାଉଥିଲେ। ଅବଶେଷରେ ଅତି ଦୁଃଖଦ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିଲା।

ଏଠାରେ ସ୍ମରଣ କରାଯାଇପାରେ ଯେ ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଜନବିରୋଧୀ ନୀତି ଓ କ୍ଷମତାର ଅପବ୍ୟବହାର ଯୋଗୁଁ ଛାତ୍ରଗୋଷ୍ଠୀଙ୍କ ଯେଉଁ ଭୟଙ୍କର ଆନ୍ଦୋଳନ ସୃଷ୍ଟି ହେଲା ତା'ର ଚାପରେ ଶେଖ ହସିନା ନିଜ ଦେଶରୁ ୨୦୨୪ ମସିହା ଅଗଷ୍ଟ ୫ ତାରିଖରେ ପଳାୟନ କରି ଭାରତରେ ଆଶ୍ରୟ ନେଲେ। ସେହିପରି ଆମ ପଡ଼ୋଶୀ ଦେଶ ନେପାଳରେ ଯୁବଗୋଷ୍ଠୀ ବା ଜେନ-ଜେଡ୍‌ଙ୍କ ଦ୍ୱାରା ୨୦୨୫ ସେପ୍ଟେମ୍ବର ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଯେଉଁ ଭୟାବହ ଆନ୍ଦୋଳନ ହେଲା ତା'ର ପରିଣାମ ସ୍ୱରୂପ ସେଠାକାର ସରକାରରେ ଆମୂଳଚୂଳ ପରିବର୍ତ୍ତନ ହୋଇଗଲା। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ନେପାଳ ସରକାର ବିରୁଦ୍ଧରେ ଯୁବପିଢ଼ି ଅଭିଯୋଗ କଲେ ଯେ ସେମାନେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରିଦେଲେ, ଯାହାକି ସ୍ୱେଚ୍ଛାଚାରର ଏକ ନମୁନା ଥିଲା। ଏହାଛଡ଼ା ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପକ ଥିଲା।

ଏହିପରି ପୃଥିବୀରେ ଅନେକ ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି, ପଦବୀ-ପ୍ରଦତ୍ତ କ୍ଷମତାକୁ ବ୍ୟକ୍ତିଗତ କ୍ଷମତା ସଦୃଶ ଏବଂ ରାଷ୍ଟ୍ରର ସମ୍ପତ୍ତିକୁ ବ୍ୟକ୍ତିଗତ ସମ୍ପତ୍ତି ତୁଲ୍ୟ ବ୍ୟବହାର କରି, ଗରିବ ଜନତାଙ୍କୁ ଉପେକ୍ଷା କରି, ଧନୀ ଗୋଷ୍ଠୀଙ୍କୁ ସମର୍ଥନ କରି, ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଓ ଦେଶକୁ କାଙ୍ଗାଳ କରି ନିଜେ ଗାଦିଚ୍ୟୁତ ହେବା ପର୍ଯ୍ୟନ୍ତ କ୍ଷମତାକୁ ଜାବୁଡ଼ି ଧରି ରହିଥିବାର ଉଦାହରଣ ରହିଛି। ଯେଉଁ ରାଷ୍ଟ୍ରଗୁଡ଼ିକରେ ଜନଆନ୍ଦୋଳନ ଦ୍ୱାରା ସରକାର କ୍ଷମତାଚ୍ୟୁତ ହୋଇଛନ୍ତି ସେମାନେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପାଇଁ ଏକ ଚେତାବନୀ ସଦୃଶ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଟ୍ରମ୍ପ ନୀତି ବନାମ ବିଶ୍ୱ ଅର୍ଥନୀତି

ସରୋଜ କୁମାର ଶତପଥୀ

'ଟ୍ରମ୍ପ ନୀତି' କହିଲେ ପ୍ରାୟତଃ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଗ୍ରହଣ କରାଯାଇଥିବା ରାଜନୈତିକ, ଆର୍ଥିକ, ବାଣିଜ୍ୟିକ ଓ ବିଦେଶ ନୀତିଗୁଡ଼ିକୁ ବୁଝାଯାଏ। ଏହି ନୀତିଗୁଡ଼ିକ ଟ୍ରମ୍ପଙ୍କ 'ଆମେରିକା ଫାର୍ଷ୍ଟ' (ଆମେରିକା ସର୍ବସ୍ୱ) ଆଭିମୁଖ୍ୟ ଉପରେ ଆଧାରିତ। ଟ୍ରମ୍ପ ନୀତିର ମୁଖ୍ୟ ଲକ୍ଷ୍ୟ ହେଲା, ଅନ୍ୟ ଦେଶର ହିତଠାରୁ ଆମେରିକାର ହିତକୁ ଅଧିକ ଗୁରୁତ୍ୱ ଦେବା। ଆମେରିକା ସବୁଠାରୁ ଆଗରେ ରହିବା ଉଚିତ। ଟ୍ରମ୍ପ ଜଣେ ରାଜନୀତି ତୁଳନାରେ ଅଧିକ ବ୍ୟବସାୟୀ ମନୋଭାବ ରଖନ୍ତି। ସେ ଦେଶକୁ ଏକ 'କମ୍ପାନୀ' ଭାବେ ଦେଖନ୍ତି ଏବଂ ପ୍ରତ୍ୟେକ ଚୁକ୍ତିକୁ 'ଲାଭ-କ୍ଷତି' ମାପରେ ତଉଲ କରନ୍ତି। ଟ୍ରମ୍ପଙ୍କ ଶୈଳୀ ହେଉଛି ବଳ ପ୍ରୟୋଗ କରି ନିଜ ଇଚ୍ଛା ପୂରଣ କରିବା। ସେ ଗୋଟେ ପଟେ ବିପକ୍ଷକୁ ଚାପ ଦେଇଥା'ନ୍ତି, ଅନ୍ୟପଟେ ନିଜ ପକ୍ଷରେ ଚୁକ୍ତି ହସ୍ତାକ୍ଷର କରାନ୍ତି। ଏହି ପ୍ରକ୍ରିୟା କୂଟନୀତିରେ ଅସୁସ୍ଥ ସଂକେତ ଦିଏ। ଆପୋସ ସମାଧାନଠାରୁ 'ବଳ' ଗୁରୁତ୍ୱପୂର୍ଣ୍ଣ - ଏହା ତାଙ୍କ କାର୍ଯ୍ୟଧାରାରୁ ସ୍ପଷ୍ଟ ବାରି ହେଇପଡ଼େ। ଟ୍ରମ୍ପ ନିଜ ଦେଶର ଗର୍ବ ଓ ସ୍ୱାଭିମାନକୁ ଜୋର ଦେଇଥା'ନ୍ତି। ଏହି ଭାବନା ଅନ୍ୟ ଦେଶମାନଙ୍କ ସହ ମିତ୍ରତାରେ ବାଧା ସୃଷ୍ଟି କରେ। ସେ ଦୁନିଆକୁ ସହଯୋଗୀ ଭାବେ ନୁହେଁ, ବରଂ ଏକ ପ୍ରତିଯୋଗୀ ଭାବରେ ଦେଖନ୍ତି।

ବିଗତ ବର୍ଷମାନଙ୍କରେ ଟ୍ରମ୍ପଙ୍କ ବିଶ୍ୱପ୍ରଭାବୀ ନୀତି ଉପରେ ନଜର ପକାଇଲେ ଆମେ ଜାଣି ପାରିବା ଯେ ଏଗୁଡ଼ିକ ବିଶ୍ୱ ମଞ୍ଚରେ କେତେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। 'ଆମେରିକା ଫାର୍ଷ୍ଟ' ନୀତି ଆଧାରରେ ଟ୍ରମ୍ପ ସମଗ୍ର ବିଶ୍ୱରେ ଆମେରିକାର ସ୍ୱାର୍ଥକୁ ଅଗ୍ରଗଣ୍ୟ କରି ସଂଯୁକ୍ତ ରାଷ୍ଟ୍ର, ନାଟୋ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ସଂସ୍ଥାମାନଙ୍କୁ ହେୟଜ୍ଞାନ କଲେ। ଫଳରେ ବିଶ୍ୱ ଏକତା ଓ ଅନ୍ତର୍ଜାତୀୟ ସହଯୋଗ ଶକ୍ତି ଦୁର୍ବଳ ହୋଇପଡ଼ିଲା। ପରିବେଶ ଓ ଜଳବାୟୁ ସଂକ୍ରାନ୍ତ ପ୍ୟାରିସ ଚୁକ୍ତିରୁ ଆମେରିକା ବାହାରି ଆସିଲା। ଫଳରେ ବିଶ୍ୱ ତାପମାନ ଓ ପରିବେଶ ସୁରକ୍ଷା ଉପରେ ଆଗୁଆ ଅଭିଯାନ ଦୁର୍ବଳ ହେଲା। ବିକାଶଶୀଳ ଦେଶଗୁଡ଼ିକ ପାଇଁ ଅନୁଦାନ ହ୍ରାସ ପାଇଗଲା। ଚୀନ ବିରୋଧୀ ବାଣିଜ୍ୟ ଯୁଦ୍ଧରେ ସମଗ୍ର ଏସିଆ ଅର୍ଥନୀତି ମଧ୍ୟ ପ୍ରଭାବିତ ହେଲା ଏବଂ ବିଶ୍ୱ ବଜାରରେ ମୁଦ୍ରାସ୍ଫୀତି ବଢ଼ିଲା। ସେହିପରି ଆମେରିକାର ଇମିଗ୍ରେସନ୍ ନୀତି, ଇରାନ ଓ ମଧ୍ୟପ୍ରାଚ୍ୟ ନୀତି, ସାମରିକ ଓ ରାଜନୈତିକ ନୀତିଗୁଡ଼ିକ ଆମେରିକାର ଅସ୍ଥାୟୀ ସ୍ୱାର୍ଥକୁ ସବଳ କରିଥିଲେ ହେଁ ବିଶ୍ୱ ଅର୍ଥନୀତିର ସମତା, ପରିବେଶ ସୁରକ୍ଷା ଓ ଅନ୍ତର୍ଜାତୀୟ ନୈତିକ ମୂଲ୍ୟକୁ ଦୁର୍ବଳ କରିଦେଇଛି। ତେଣୁ ତାଙ୍କ ନୀତିର ମୂଳ ଲକ୍ଷ୍ୟ ହେଉଛି 'ଆମେ ହାରିବୁ ନାହିଁ', ଯାହା ଅସ୍ଥିର ଓ ସ୍ୱାର୍ଥପୂର୍ଣ୍ଣ ମନୋଭାବର ପରିପ୍ରକାଶ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ପୁନର୍ବାର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ସେ 'ଆମେରିକା ଫାର୍ଷ୍ଟ' ନୀତି ଅନୁସାରେ ଯେପରି ବିଦେଶୀ ଆମଦାନୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିଛନ୍ତି, ତାହା ଆମେରିକୀୟ ଉପଭୋକ୍ତାଙ୍କୁ ମଧ୍ୟ କଷ୍ଟ ଦେଉଛି। ୱାଶିଂଟନ ପୋଷ୍ଟର ସର୍ଭେ ଅନୁସାରେ, ପ୍ରାୟ ୭୦% ଆମେରିକୀୟ ନାଗରିକ କହିଛନ୍ତି ଯେ ତାଙ୍କ ଜୀବନ ଏବେ ବ୍ୟୟବହୁଳ ହୋଇପଡ଼ିଛି। ଦୋକାନ ଓ ଘରେ ସମସ୍ତେ ଦାମ ବୃଦ୍ଧିର ଚାପ ଅନୁଭବ କରୁଛନ୍ତି। ରାସନ୍, ବିଦ୍ୟୁତ, ଘରଭଡ଼ା, ଇନ୍ଧନ ଓ ସ୍ୱାସ୍ଥ୍ୟସେବା ଉପରେ ମାସକୁ ମାସ ଖର୍ଚ୍ଚ ବଢ଼ୁଛି। ଭାରତ ସହ ଟ୍ରମ୍ପଙ୍କ ନୀତି ଗଭୀର ଭାବେ ପ୍ରଭାବ ପକାଇଛି। ଆମେରିକା ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲାଗୁ କରିଥିବାରୁ ଭାରତର ରପ୍ତାନି ୩୭.୫% କମିଛି। ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭର ରିପୋର୍ଟ ଅନୁସାରେ ମେ' ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଭାରତର ଆମେରିକାକୁ ରପ୍ତାନି ୮.୮ ବିଲିଅନ୍ ଡଲାରରୁ ହ୍ରାସ ପାଇ ୫.୫ ବିଲିଅନ୍ ଡଲାର ହୋଇ ଯାଇଛି। ବୟନ, ରତ୍ନ ଆଭୂଷଣ, ଔଷଧ, ଧାତୁ ଓ ଯନ୍ତ୍ର ପ୍ରତିଷ୍ଠାନଗୁଡ଼ିକ ବହୁମାତ୍ରାରେ ଆର୍ଥିକ କ୍ଷତି କରୁଥିବାର ଦେଖାଯାଉଛି।

ଟ୍ରମ୍ପ ନୀତିର ମୂଳ ଉଦ୍ଦେଶ୍ୟ ଥିଲା ଆମେରିକୀୟ ଉତ୍ପାଦନକୁ ସୁରକ୍ଷିତ କରିବା। ଅର୍ଥାତ 'ମେଡ୍ ଇନ ଆମେରିକା'କୁ ପ୍ରୋତ୍ସାହନ ଦେବା। କିନ୍ତୁ ବିପରୀତ ଭାବେ ବିଦେଶୀ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ଦ୍ୱାରା ନିଜ ଦେଶରେ ଜିନିଷର ଦାମ ବୃଦ୍ଧି ପାଇଛି। ଆମଦାନୀ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଥିବାରୁ ଦୋକାନରେ ଦାମ ଦୁଇଗୁଣ ହେବା ଆରମ୍ଭ ହୋଇଛି। ଆମେରିକାର ଇଲେକ୍ଟ୍ରୋନିକ୍ସ, ଯାନ ଓ ବୟନ ଭଳି ଅନେକ ଶିଳ୍ପ ଯେଉଁମାନେ ବିଦେଶୀ ଆଧାର ଉପରେ ନିର୍ଭରଶୀଳ ସେମାନେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଫଳରେ ପ୍ରତିଯୋଗିତାରେ ରହିପାରୁ ନାହାନ୍ତି। ୬୫% ଆମେରିକୀୟ ଏହି ନୀତିରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଏହା ଅର୍ଥନୀତିକୁ ଆଘାତ ପହଞ୍ଚାଇଛି। ଫଳରେ ବିଶ୍ୱ ବଜାରରେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଇଛି। ଆମେରିକାର ଏକପାଖିଆ ନୀତି ଯୋଗୁଁ ଅନେକ ମିତ୍ର ଦେଶ ଅସନ୍ତୁଷ୍ଟ ହୋଇଛନ୍ତି। ଗୋଟେ ଦେଶ ଯଦି ନିଜ ସୁରକ୍ଷା ପାଇଁ ବାଣିଜ୍ୟ ପ୍ରାଚୀର ତିଆରି କରେ, ତାହାର ପ୍ରତିଫଳ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼େ। ଏହି ନୀତି ବିଶ୍ୱବାଣିଜ୍ୟ ଓ ଜଗତୀକରଣ ପାଇଁ ଏକ ଚେତାବନୀ ସଦୃଶ।

ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ନୀତି ବିଶ୍ୱ ଅର୍ଥନୀତିକୁ ଯେପରି ଆତ୍ମକେନ୍ଦ୍ରିକ ଓ ବିଭାଜନମୁଖୀ କରୁଛି, ତାହା ସମଗ୍ର ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି। ଟ୍ରମ୍ପଙ୍କ ଏହି ନୀତି ବିଶ୍ୱକୁ ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦେଉଛି ଯେ ବିଶ୍ୱ ଅର୍ଥନୀତି ଏବେ ପରସ୍ପର ସହାଭାଗିତା ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଜରୁରୀ। ଏପରି ସମୟରେ ବିଶ୍ୱ ସମୁଦାୟଙ୍କୁ ଏକତା, ବିଚାରଶୀଳତା ଓ ଆଲୋଚନା ମାଧ୍ୟମରେ ଏହି ଚାପକୁ ସମ୍ଭାଳିବା ଆବଶ୍ୟକ। ଆମେରିକାଠାରୁ ଅତିରିକ୍ତ ନିର୍ଭରଶୀଳତା କମାଇ ଅନ୍ୟାନ୍ୟ ଦେଶ ମଧ୍ୟରେ ମିଳିତ ଚୁକ୍ତି ଓ ନୂତନ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣ ହିଁ ସମସ୍ୟାର ଉଚିତ ପ୍ରତ୍ୟୁତ୍ତର ହେବ।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଅପମାରଙ୍ଗ

ସୌଭାଗ୍ୟସୁନ୍ଦର

ଅପମାରଙ୍ଗ ଭାରତ ସମେତ ଅନ୍ୟାନ୍ୟ ଦକ୍ଷିଣ ଏସୀୟ ଦେଶମାନଙ୍କର ମୂଳ ଜାତ ଉଦ୍ଭିଦ। ଏହା ବର୍ତ୍ତମାନ ସମଗ୍ର ବିଶ୍ୱରେ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବିତରିତ। ଅନାବନା ଜମି, ରାସ୍ତାକଡ଼, ପରିତ୍ୟକ୍ତ ସ୍ଥାନଗୁଡ଼ିକରେ ଅପମାରଙ୍ଗ ଏକ ସାଧାରଣ କ୍ଷୁପ ବା ତୃଣ ଭାବରେ ବଢ଼ିଥାଏ। ଏହାକୁ କିଛି ଅଞ୍ଚଳରେ ଏକ ଆକ୍ରମଣାତ୍ମକ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ। ଏହା ଏକ ପାରମ୍ପରିକ ଆୟୁର୍ବେଦିକ ଔଷଧି ଭାବରେ ଜଣାଶୁଣା।

ଅପମାରଙ୍ଗ ଏକ ବହୁବର୍ଷୀୟ ସିଧା କାଣ୍ଡ ବିଶିଷ୍ଟ କ୍ଷୁପ, ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ କଠିନ, ଶାଖାଯୁକ୍ତ, ନଳୀକାର, କୋଣୀୟ, ଲୋମଯୁକ୍ତ, ସବୁଜ, କିନ୍ତୁ ଗଣ୍ଠି ବାଇଗଣୀ କିମ୍ବା ଗୋଲାପୀ ବର୍ଣ୍ଣ। ପତ୍ରଗୁଡ଼ିକ ସରଳ, ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ, ଡେମ୍ଫ ଯୁକ୍ତ, ଅଣ୍ଡାକାର, ଲୋମଶ। ପୁଷ୍ପଗଦମ ଏକ ଲମ୍ବା ଡେମ୍ଫ ବା ସ୍ତବକ, ଅନେକ ଫୁଲ ସହିତ ସଜ୍ଜିତ। ଫୁଲଗୁଡ଼ିକ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗୀ, ସବୁଜ ବା ବାଇଗଣି। ବୃତି ଓ ଦଳ ମଣ୍ଡଳ ୫ ଟି ଟେପାଲ ନେଇ ଗଠିତ। ଫୁଲରେ ୧୦ଟି ପୁଂକେଶର ଥାଏ, ଯେଉଁଥିରୁ ୫ଟି ଉର୍ବର ଓ ୫ଟି ସ୍କେଲ୍ ପରି। ଗର୍ଭକେଶର ଦୁଇଟି ଗର୍ଭକେଶ ଧାରଣ କରିଥାଏ। ଫଳଗୁଡ଼ିକ ଏକବୀଜ ବିଶିଷ୍ଟ। ଫଳ ଏପରି ସ୍ଥାପିତ ଥାଏ, ଯାହା ଦେହରେ ଲାଖି ରହି ବିଜ ବିକ୍ଷେପରେ ସହାୟକ ହୁଏ। ଫୁଲ ଓ ଫଳ ଦେବା ସମୟ ସେପ୍ଟେମ୍ବରରୁ ଏପ୍ରିଲ।

ବିଭିନ୍ନ ରୋଗ ପାଇଁ ପାରମ୍ପରିକ ଔଷଧରେ ଅପମାରଙ୍ଗ ବ୍ୟବହାର ହୋଇ ଆସୁଛି। ଏହା ଏହାର ପ୍ରଦାହ-ବିରୋଧୀ, ମାଂସପେଶୀ ସଙ୍କୋଚନ ରୋଧୀ ଏବଂ ମୂତ୍ରକାରକ ଗୁଣ ପାଇଁ ଜଣାଶୁଣା। ଭାରତରେ ଶୋଥ ରୋଗ ଚିକିତ୍ସାରେ ଏହାର ବିଶେଷ ଉପଯୋଗ ହୁଏ। ଜଳାତଙ୍କ, ସାପ ଓ ବିଛା କାମୁଡ଼ା, ଚକ୍ଷୁ, କ୍ଷତ, ଚର୍ମ ଫୋଟକା, ଚର୍ମ ଜ୍ୱଳନ, କୋଷ୍ଠକାଠିନ୍ୟ, ଅର୍ଶ ଓ ଭଗନ୍ଦର, କୃମି, ଋତୁସ୍ରାବ ଜନିତ ଅନିୟମିତା ଓ ରୋଗ, ଅନ୍ତନାଳୀ ସଂକ୍ରମଣ, ଦାନ୍ତ ବିନ୍ଧା, ବୃକ୍କ, ବନ୍ଧ୍ୟାତ୍ୱ ଆଦି ରୋଗ ଉପଶମରେ ଅପମାରଙ୍ଗ ଏକ ମହୌଷଧୀ। ତଟକା ପତ୍ର ଓ ଫୁଲକୁ ବାଟି ବିଛା କାମୁଡ଼ାରେ ବାହ୍ୟ ଭାବରେ ପ୍ରୟୋଗ କଲେ ଉପଶମ ହୁଏ। ମହୁ ସହିତ ଅପମାରଙ୍ଗ ପାଉଡର ହଜମ ପ୍ରକ୍ରିୟାକୁ ଉନ୍ନତ କରେ। ଏହାର ମଞ୍ଜି ନିୟମିତ ସେବନ ଅତିରିକ୍ତ ଚର୍ବିକୁ ହ୍ରାସ କରି ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅପମାରଙ୍ଗ ପାଉଁଶ ଶରୀରରୁ ଅତ୍ୟଧିକ କଫ ବାହାର କରି ଆରାମ ଦେବା ପାଇଁ ଏକ ପ୍ରଭାବଶାଳୀ ଓ ଶକ୍ତିଶାଳୀ ଔଷଧ। ଏହାର ତେଲ କାନ ଯନ୍ତ୍ରଣା ଉପଶମ କରେ। ଅଧିକ ମାତ୍ରାରେ ଏହାର ବ୍ୟବହାର କାରଣରୁ ବାନ୍ତି ହୋଇପାରେ, ତେଣୁ ଡାକ୍ତରଙ୍କ ସୁପାରିସ ଅନୁସାରେ ଅପାମାରଙ୍ଗ ନେବା ଉଚିତ। ବନ୍ଧ୍ୟାତ୍ୱ ଦୂର ପାଇଁ ଚିକିତ୍ସା କରୁଥିବା ପୁରୁଷ, ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ମହିଳା, ୧୨ ବର୍ଷରୁ କମ୍ ବୟସର ପିଲାମାନଙ୍କ କ୍ଷେତ୍ରରେ ଏହାର ଦୀର୍ଘକାଳୀନ ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ।

ଏହି ଗଛର ପାଉଁଶରୁ ଯଥେଷ୍ଟ ପରିମାଣର ପଟାସ ମିଳିଥାଏ, ଯାହା ପୋଷାକ ଧୋଇବାରେ ବ୍ୟବହୃତ ହୁଏ। ଅପମାରଙ୍ଗରେ ଟ୍ରାଇଟରପେନଏଡ୍ ସାପୋନିନ୍, ଏକଡିଷ୍ଟେରନ୍ ହରମୋନ୍ ମିଳିଥାଏ। ସମ୍ପୂର୍ଣ୍ଣ ଉଦ୍ଭିଦ ଓ ବିହନ କାର୍ବୋହାଇଡ୍ରେଟ୍ ବା ଶର୍କରା, ପ୍ରୋଟିନ୍ ଓ ଫ୍ଲାଭୋନଏଡ୍, ଟାନିନ୍, ସାପୋନିନ୍, ଭିଟାମିନ ପରି କିଛି ଉପାଦାନରେ ଭରପୂର ଥାଏ, ଯାହା ଜଣେ ବ୍ୟକ୍ତିଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଅପମାରଙ୍ଗଙ୍କୁ ବିହନ କିମ୍ବା କଟିଂ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଅପମାରଙ୍ଗ ଉଜ୍ଜ୍ୱଳ, ସିଧାସଳଖ ସୂର୍ଯ୍ୟାଲୋକ ପସନ୍ଦ କରେ। ଏହା ମଧ୍ୟମ ତାପମାତ୍ରାରେ ବଢ଼ିଥାଏ। ଏଥିପାଇଁ ମଧ୍ୟମ ସ୍ତରର ଆର୍ଦ୍ରତା, ଭଲ ଜଳ ନିଷ୍କାସନ ହେଉଥିବା ଦୋରସା ମାଟି ଆବଶ୍ୟକ। ମୂଳ ପଚିବା ରୋକିବା ପାଇଁ ଭଲ ଜଳ ନିଷ୍କାସନ ଜରୁରୀ। ସୁସ୍ଥ ଭାବରେ ଏହାର ବୃଦ୍ଧି ପାଇଁ ବଢୁଥିବା ଋତୁରେ ଏନପିକେ ସାର୍ ଠିକ୍ ଅନୁପାତ ସହିତ ସନ୍ତୁଳିତ ଭାବରେ ପ୍ରୟୋଗ କରାଯାଇପାରିବ। ଏହାକୁ ପ୍ରଭାବିତ କରିପାରୁଥିବା ସାଧାରଣ କୀଟଗୁଡ଼ିକ ମଧ୍ୟରେ ଏଫିଡ୍, କୀଟପତଙ୍ଗ ଏବଂ ପତ୍ରହପର ଅନ୍ତର୍ଭୁକ୍ତ। କୀଟପତଙ୍ଗ ନିୟନ୍ତ୍ରଣ ପାଇଁ ନିମ ତେଲ କିମ୍ବା କୀଟନାଶକ ସାବୁନ ପରି ଜୈବିକ କୀଟନାଶକ ବ୍ୟବହାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୋବାଇଲ୍ ଚୋରି ଅଭିଯୋଗ

# ଥାନାରେ ନାବାଳକଙ୍କୁ ଥାର୍ଡ ଡିଗ୍ରୀ

ଛାତିକୁ ପାଇପ୍‌ରେ ପିଟି ଦେହରୁ ସାର୍ଟ ଖୋଲିଦେଲା ପୁଲିସ

ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଲେ ବାପା




ଭଦ୍ରକ, ୯ ।୧୧(ସମିସ): ଥାନାରେ ନାବାଳକଙ୍କୁ ଥାର୍ଡ ଡିଗ୍ରୀ । ଭଦ୍ରକ ଜିଲ୍ଲା, ତିହିଡ଼ି ବ୍ଲକ୍ ପୀରହାଟ ଥାନା ବିରୋଧରେ ଏଭଳି ସଂଗିନ୍ ଅଭିଯୋଗ ହୋଇଛି । ଏକ ମୋବାଇଲ୍ ଚୋରି ଅଭିଯୋଗରେ ନରେନ୍ଦ୍ରପୁର ଗାଁର ଜଣେ ନାବାଳକଙ୍କୁ ପୁଲିସ ଥାନା ଭିତରେ ନିସ୍ତୁକ ମାଡ଼ ମାରିଛି । ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଜୋରଜବରଦସ୍ତ ତାଙ୍କ ସାର୍ଟ ଖୋଲାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିବା ଅଭିଯୋଗ ହୋଇଛି । ଅବସ୍ଥା ଏପରି ହୋଇଥିଲା ଯେ ନାବାଳକଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏପରି ଅଭିଯୋଗ କରି ନାବାଳକର ବାପା ଶରତ ମାଝୀ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହାର ତଦନ୍ତ କରି ଦୋଷୀ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି ।

ଶରତ ଅଭିଯୋଗରେ ଦର୍ଶାଯାଇଛି ଯେ ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗାଁର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ଏହାର ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ । ଗତ ୨ ତାରିଖ ରାତି ପ୍ରାୟ ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୁଲିସ ଜଣାଇଥିଲା । ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ । ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ । ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍‌ଆଇ ଉତ୍କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିଲେ । ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ନିସ୍ତୁକ ପିଟିବା ସହ ଗାଳିଗୁଲଜ କରିଥିଲେ । ଏଥିସହ ସେହି କର୍ମଚାରୀ ନାବାଳକର ଦେହରୁ କପଡ଼ା ଖୋଲିବାକୁ ଧମକ ଦେବାରୁ ସେ ସାର୍ଟ ଖୋଲିଥିଲେ । ରାତି ୧ଟା ପରେ ବାପ-ପୁଅଙ୍କୁ ପୁଲିସ ଛାଡ଼ିଥିଲା ।

ପୁଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଥାନାର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ରୋଜାଲିନ ବେହେରା କହିଛନ୍ତି ଯେ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା । ମାତ୍ର ପୁଲିସ ମାଡ଼ ମାରିଥିବା ଅଭିଯୋଗ ସତ ନୁହେଁ ।

# ମର୍ମନ୍ତୁଦ ଦୁର୍ଘଟଣାରେ ଯୁବକ ମୃତ

ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ

ବଣାଇଁ, ୯।୧୧(ସମିସ): ବଣାଇଁ ଥାନା ନରେନ୍ଦ୍ର ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଭାରିଯାନ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଜୀବିକା ଗ୍ରାମର ସନ୍ତୋଷ କୁମାର ନନ୍ଦ(୪୮) ତାଙ୍କ ବାଇକ୍ ଯୋଗେ ନରେନ୍ଦ୍ର ଛକକୁ ଆସି ସନ୍ଧ୍ୟା ପ୍ରାୟ ୫ଟାରେ ଘରକୁ ଫେରୁଥିଲେ । ଫେରିବା ବେଳେ ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ବାଇକ୍‌କୁ ଛିଡ଼ା କରି ପରିସ୍ରା ପାଇଁ ଯିବା ବେଳେ ଗୁରୁଣ୍ଡିଆ ପଟୁ ନରେନ୍ଦ୍ର ଅଭିମୁଖେ ଆସୁଥିବା ୧୪ଚକିଆ ଏକ ଟିପ୍ପୁ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଗୁରୁଣ୍ଡିଆ ରାସ୍ତା ସହ ୧୪୩ ନମ୍ବର ଜାତୀୟ ରାଜପଥର ନରେନ୍ଦ୍ର ଛକରେ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହକୁ ପୁଲିସ ଘଟଣାସ୍ଥଳରୁ ନେଇପାରିନଥିଲା ।

# ଦୁର୍ଘଟଣାରେ ଜଣେ ମୃତ

ବାରିପଦା, ୯।୧୧(ସମିସ): ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ନିଚୁଆପଦା ଅଞ୍ଚଳର ଲକ୍ଷ୍ମଣ ଟୁଡୁ । ସେ ତାଙ୍କ ପୁଅଙ୍କ ସହ ବାଇକ୍‌ରେ ଯାଉଥିଲେ । ଏକ ବାଇକ୍ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଭାରସାମ୍ୟ ହରାଇ ସେ ରାସ୍ତାରେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ପିଆର୍‌ଏମ୍ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

# ଉପନିର୍ବାଚନରେ ହିଂସାକାଣ୍ଡ ଆଶଙ୍କା କଲା ବିଜେଡି

ଭୁବନେଶ୍ୱର, ୯।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି କେବଳ ସରକାରୀ କଳର ଦୁରୁପଯୋଗ କରି ନାହିଁ ବରଂ ଅପରାଧୀଙ୍କୁ ଆଣି ନିର୍ବାଚନ କାମରେ ଲଗାଇଛି । ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ ଗୁଣ୍ଡା, ଅପରାଧୀ ଭରିଗଲେଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ସେ କହିଛନ୍ତି ଯେ ବିଜେପି ସବୁ ପ୍ରକାର ବେଆଇନ କାମରେ ଲିପ୍ତ ରହିଛି । ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ବିଜେପି ପଛାଇ ନାହିଁ । ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେପିକୁ ସହଯୋଗ କରିବା ପାଇଁ ଛତିଶଗଡର ଗୁଣ୍ଡା ମାନେ ଆସି ନୂଆପଡାରେ ଡେରା ପକାଇଛନ୍ତି । ଭୋଟ ପୂର୍ବରୁ ସେମାନେ ଅପରାଧ ଘଟାଇବା ସହ ଭୋଟରଙ୍କୁ ଭୟଭୀତ କରିପାରନ୍ତି । ନୂଆପଡାରେ ରକ୍ତପାତ ଆଶଙ୍କା ରହିଛି । ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ବିଜେପି ନୂଆପଡ଼ା ଆଣିଛି । ପୁଲିସ ଓ ଜିଲ୍ଲା ପ୍ରଶାସନକୁ ବିଜେପି ନିଜ ଇସାରାରେ ନଚାଉଛି । ତେଣୁ ଛତିଶଗଡ଼ର ଅପରାଧିକ ପ୍ରବୃତ୍ତିର ଲୋକ ନୂଆପଡ଼ା ନିର୍ବାଚନରେ ଉତ୍ପାତ ଆରମ୍ଭ କରିବା ପାଇଁ ସଜବାଜ ହେଉଥିଲେ ସୁଦ୍ଧା ସବୁ ଜାଣି ପ୍ରଶାସନ ନିରବ ବସିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି । ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ସେମାନଙ୍କୁ ନୂଆପଡ଼ାରୁ ବାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଦ ହଜାଇଛନ୍ତି...

ବେଳେ ସେମାନଙ୍କର ନିଦ ହଜାଇ ଦେଇଛନ୍ତି ମହିଳା ଭୋଟର । ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ରେକର୍ଡ ମତଦାନ ହୋଇଥିଲା, ଯାହାକି ବିହାର ନିର୍ବାଚନ ଇତିହାସରେ ପ୍ରଥମ । ଗତ ୨୦୨୦ ନିର୍ବାଚନ ତୁଳନାର ଏହା ୮ ପ୍ରତିଶତ ଅଧିକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପ୍ରଥମ ପର୍ଯ୍ୟାୟରେ ମହିଳା ଭୋଟରଙ୍କ ସଂଖ୍ୟା ପୂର୍ବ ତୁଳନାରେ ଅଧିକ । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ପ୍ରତି ବୁଥରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଥିଲା ଅଧିକ । ଏଭଳି ମତଦାନ ହାରକୁ ନେଇ ସମସ୍ତ ରାଜନୈତିକ ଦଳ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ସେମାନଙ୍କର ଭୋଟ୍ କୁଆଡ଼େ ଯାଇଛି, ତାହା କେହି ଅନୁମାନ କରିପାରୁ ନାହାନ୍ତି । ଏହାକୁ ନେଇ ସେମାନେ ଗୋଟିଏ ପ୍ରକାର ଆତଙ୍କିତ ଅବସ୍ଥାରେ ଅଛନ୍ତି । ତେବେ ମନ ବୁଝାଇବା ଲାଗି ବିଜୟୀ ହେବେ ବୋଲି ଦାବି କରୁଛନ୍ତି । କ୍ଷମତାସୀନ ଏନ୍‌ଡିଏ କହୁଛି ସେ ନୀତୀଶ ସରକାରଙ୍କ ସୁଶାସନ ସପକ୍ଷରେ ଅଧିକ ଭୋଟ ଯାଇଛି । ଅନ୍ୟପକ୍ଷରେ ବିରୋଧୀ ଆରଜେଡି ନେତା କହୁଛନ୍ତି ଯେ ଏହା ସରକାର ବିରୋଧୀ ଭୋଟ ଆଡ଼କୁ ଇଙ୍ଗିତ କରୁଛି । କିନ୍ତୁ କେହି ନିଶ୍ଚିତ ନୁହନ୍ତି । ଏପରିକି ନିର୍ବାଚନ ବିଶେଷଜ୍ଞମାନେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି । ଏଭଳି ଅତ୍ୟଧିକ ଭୋଟ୍ ହାର କ'ଣ ସୂଚାଉଛି, ସେମାନେ ମଧ୍ୟ ଆକଳନ କରି ପାରୁ ନାହାନ୍ତି । ଏଭଳି ଭୋଟ୍ ହାର ସେମାନଙ୍କ ନିର୍ବାଚନ ଗଣିତକୁ ଓଲଟପାଟ କରିପକାଇଛି ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍‌କୁ ନେଇ ବିବାଦ ମଧ୍ୟରେ ହେଉଥିବା ଏହି ନିର୍ବାଚନର ଫଳାଫଳ ଆସନ୍ତା ୧୪ ତାରିଖରେ ଘୋଷଣା ହେବ । ଉକ୍ତ ଦିନ ଭୋଟଗଣତିରୁ ହିଁ ସ୍ପଷ୍ଟ ହୋଇଯିବ ଭୋଟ୍ କାହା ସପକ୍ଷରେ ଯାଇଛି ।

ଏଭଳି ପରିସ୍ଥିତି ମଧ୍ୟରେ ସମସ୍ତ ରାଜନୈତିକ ଦଳ ପ୍ରଚାରର ଶେଷ ଦିନରେ ନିଜ ନିଜର ସ୍ଥିତିକୁ ମଜବୁତ କରିବା ଲାଗି ସବୁ ପ୍ରକାର ଶକ୍ତି ଖଟାଇ ଦେଇଛନ୍ତି । ବିଜେପି ମେଣ୍ଟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହ ଆଜି ବିଭିନ୍ନ ସ୍ଥାନରେ ରାଲି କରିଥିବା ବେଳେ ଆରଜେଡି ମେଣ୍ଟ ପାଇଁ ତେଜସ୍ୱୀ ଯାଦବ ଓ ରାହୁଲ ଗାନ୍ଧୀ ପ୍ରମୁଖ ବିଭିନ୍ନ ସ୍ଥାନରେ ଜନସଭା କରିଛନ୍ତି ।

ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମଙ୍ଗଳବାର ମତଦାନ ହେବାକୁ ଯାଉଛି । ଏଥିରେ ୧୦୧ଟି ସାଧାରଣ ବର୍ଗ, ୧୯ ଅନୁସୂଚିତ ଜାତି, ୨ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ଏହି ପର୍ଯ୍ୟାୟରେ ୩ କୋଟି ୭୦ ଲକ୍ଷ ୧୩ ହଜାର ୫୫୬ ଭୋଟର ନିଜ ପ୍ରତିନିଧିଙ୍କୁ ନିର୍ବାଚିତ କରିବେ । ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ୬୫.୦୮ ରେକର୍ଡ ମତଦାନ ହୋଇଥିଲେ । ବିହାର ନିର୍ବାଚନ ଇତିହାସରେ ଏହା ପ୍ରଥମ ଘଟଣା । ଏଥିରେ ମହିଳାମାନେ ସର୍ବାଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ ।

### କ୍ଷେତ୍ର ଛାଡ଼ିଲେ...

ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି । ସେହିପରି ଅନ୍ୟ ୮ ଜଣ ପ୍ରାର୍ଥୀ ସ୍ୱାଧୀନ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ନିର୍ବାଚନମଣ୍ଡଳୀର ୩୫୮ଟି ବୁଥରେ ମୋଟ ୨,୫୩,୬୨୪ ଜଣ ମତଦାତା ତାଙ୍କର ମତାଧିକାର ସାବ୍ୟସ୍ତ କରିବେ । ମୋଟ ମତଦାତାଙ୍କ ମଧ୍ୟରେ ୧,୨୪୧୦୮ ପୁରୁଷ, ୧,୨୯,୪୯୫ ମହିଳା ଭୋଟର ଓ ୨୧ ଜଣ ତୃତୀୟଲିଙ୍ଗୀ ରହିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ପ୍ରଚାର ଶେଷ ହେବା ପରେ ଡ଼େରା ପକାଇଥିବା ବାହାର ଜିଲ୍ଲାର ନେତାମାନେ ନୂଆପଡ଼ା ତ୍ୟାଗ କରିଛନ୍ତି । ପ୍ରଚାର ଅବଧି ଶେଷ ହେବା ସାଙ୍ଗକୁ ରବିବାର ଅପରାହ୍ଣ ୪ଟାରୁ ନୂଆପଡ଼ାରେ ନୀରବ ଅବଧି ଆରମ୍ଭ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଳନ ସୂଚନା ଦେଇଛନ୍ତି । ସିଇଓ କହିଛନ୍ତି ଯେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅନ୍ୟ ଜିଲ୍ଲାରୁ ଯେଉଁମାନେ ଯାଇଥିଲେ, ସେମାନେ ଜିଲ୍ଲା ଛାଡ଼ି ଦେଇଛନ୍ତି । ସାଇଲେଣ୍ଟ ଆୱାରରେ ଏକାକୀ ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରିପାରିବେ । ରାତି ୧୦ଟା ପରେ ସମ୍ପୂର୍ଣ୍ଣ ପ୍ରଚାର ବନ୍ଦ ରହିବ । ସେହିପରି ପୋଲିଂ ପାର୍ଟି ସୋମବାର ବାହାରି ସନ୍ଧ୍ୟା ସୁଦ୍ଧା ବୁଥରେ ପହଞ୍ଚିବେ । ସବୁ ବୁଥରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ରହିବେ । ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୫୭ଟି ସମ୍ବେଦନଶୀଳ ବୁଥ୍ ଅଛି ଓ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବ ବୋଲି ସିଇଓ ଆଶା ପ୍ରକଟ କରିଛନ୍ତି ।

ଅନ୍ୟପକ୍ଷରେ ପ୍ରଚାର ଶେଷ ପରେ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଅନ୍ୟ ଅଞ୍ଚଳର ନେତାଙ୍କୁ ନୂଆପଡ଼ା ବିଧାନସଭା କ୍ଷେତ୍ର ବାହାରକୁ ଚାଲିଯିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବିଜେଡି, କଂଗ୍ରେସର ଅଧିକାଂଶ ନେତା ଜିଲ୍ଲା ବାହାରକୁ ଚାଲି ଯାଇଛନ୍ତି । ଅନ୍ୟପକ୍ଷରେ ବିଜେପିର କିଛି ନେତା ଓ ଛତିଶଗଡ଼ ଅଞ୍ଚଳରୁ ଆମଦାନୀ ହୋଇଥିବା ଅନେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଏବେ ମଧ୍ୟ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରହିଥିବା କଂଗ୍ରେସ ଅଭିଯୋଗ କରିଛି । ତେଣୁ ସେମାନଙ୍କୁ ତୁରନ୍ତ ନିର୍ବାଚନମଣ୍ଡଳୀ ବାହାରକୁ ବିଦା କରିବାକୁ କଂଗ୍ରେସ ଦାବି କରିଛି । ଅନୁରୂପ ଭାବରେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏ ସଂକ୍ରାନ୍ତରେ ଫେରାଦ ହୋଇଛି । ଛତିଶଗଡ଼ୀ ଗୁଣ୍ଡାଙ୍କୁ ତୁରନ୍ତ ବିଦା କରିବାକୁ ବିଜେଡି ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି ।

### ଆଗକୁ ବ୍ୟାଙ୍କର...

ଯୋଜନା କେବଳ ଯେ, ଭାରତୀୟ ବ୍ୟାଙ୍କଗୁଡ଼ିକୁ ବିଶ୍ୱର ସର୍ବବୃହତ୍ ଆର୍ଥିକ ପ୍ରତିଷ୍ଠାନଗୁଡିକର ସମକକ୍ଷ କରିବ ତାହା ନୁହେଁ; ବରଂ ଏହା ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ମଧ୍ୟ ପୂରଣ କରିବାରେ ବଡ଼ ଭୂମିକା ନିର୍ବାହ କରିବ । ବାସ୍ତବରେ ବିଶ୍ୱର ଶ୍ରେଷ୍ଠ ୨୦ ବ୍ୟାଙ୍କ ତାଲିକାରେ ଭାରତର କୌଣସି ବ୍ୟାଙ୍କର ନାମ ନାହିଁ । ତେଣୁ ଅତି କମ୍‌ରେ ଏହି ସୂଚୀରେ ଭାରତର ୨ ବିଶ୍ୱସ୍ତରୀୟ ବ୍ୟାଙ୍କ ରହୁ ବୋଲି ସରକାର ଯୋଜନା କରୁଛନ୍ତି । କାରଣ ବିକଶିତ ଭାରତ ୨୦୪୭ର ରୋଡ୍‌ମ୍ୟାପ୍ ଏଭଳି ଏକ ଅର୍ଥନୀତିର କଳ୍ପନା କରେ, ଯାହା ଦେଶର ବିକାଶ ପାଇଁ ନିଜେ ପାଣ୍ଠି ଯୋଗାଇପାରିବ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ବ୍ୟାଙ୍କିଙ୍ଗ ସିଷ୍ଟମ ଏତେ ମଜଭୁତ ହେବା ଦରକାର, ଯେପରି ଗ୍ରୀନ୍ ଏନର୍ଜି, ସ୍ମାର୍ଟ ସିଟି ଏବଂ ଆଡଭାନ୍ସ ମାନୁଫ୍ୟାକ୍‌ଚରିଂ ଭଳି କ୍ଷେତ୍ର ପାଇଁ ବଡ଼ ଆକାରର ଋଣ ଦେଇପାରିବ । ନଭେମ୍ବର ୬ରେ ଏସ୍‌ୟୁଆଇର ଏକ କନ୍‌କ୍ଲେଭରେ ଯୋଗଦେଇ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂକେତ ଦେଇଥିଲେ । ଦେଶକୁ ଅନେକ ବଡ଼, ବିଶ୍ୱସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ଅଛି । ଆମକୁ ଆର୍‌ବିଆଇ ଓ ବ୍ୟାଙ୍କଗୁଡ଼ିକ ସହିତ ବସି ଆଲୋଚନା କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ । ତେବେ ପୂର୍ବରୁ ବି କିଛି ବ୍ୟାଙ୍କର ମିଶ୍ରଣ କରାଯାଇସାରିଛି । ହେଲେ ଏଥର ଯେଉଁ ମିଶ୍ରଣ କରାଯିବ ତା ପଛରେ ଏକ ବଡ଼ ଉଦ୍ଦେଶ୍ୟ ଲୁଚି ରହିଛି । ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦୀର୍ଘ ବର୍ଷରୁ ଖଣ୍ଡବିଖଣ୍ଡିତ ହୋଇ ରହିଆସିଛି । ଅନେକ ସରକାରୀ ବ୍ୟାଙ୍କ ବିଭିନ୍ନ ସ୍ତରରେ ସମାନ ପ୍ରକାରର ସୁବିଧା ଯୋଗାଇ ଆସୁଥିଲେ । ହେଲେ କିଛି ବ୍ୟାଙ୍କ ଦୁର୍ବଳ ପ୍ରଦର୍ଶନ କରୁଥିବାରୁ ସେମାନଙ୍କୁ ମଜଭୁତ ବ୍ୟାଙ୍କ ସହିତ ମିଶାଇ ଦିଆଯାଇଥିଲା । ଫଳରେ ସେମାନଙ୍କ ସ୍ଥିତିରେ ସୁଧାର ଆସିଥିଲା ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣର ପ୍ରଥମ ପର୍ଯ୍ୟାୟ ୨୦୧୯-୨୦ ଆର୍ଥିକ ବର୍ଷରେ ହୋଇଥିଲା । ୨୦୧୯ ଅଗଷ୍ଟରେ ସରକାର ୪ଟି ବଡ଼ ସରକାରୀ ବ୍ୟାଙ୍କର ମିଶ୍ରଣ ଘୋଷଣା କରିଥିଲେ । ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରାଇ ୫ଟି ବଡ଼ ବ୍ୟାଙ୍କ ଗଠନ କରାଯାଇଥିଲା । ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ପୂର୍ବର ୨୭ ରୁ ହ୍ରାସ ପାଇ ମାତ୍ର ୧୨ ହୋଇଯାଇଥିଲା । ଏହି ମିଶ୍ରଣ ୨୦୨୦ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା । ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସକୁ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ସହିତ ବିଲୟ କରାଯାଇଥିଲା । ସେହିପରି ସିଣ୍ଡିକେଟ୍ ବ୍ୟାଙ୍କକୁ କାନାରା ବ୍ୟାଙ୍କ ସହିତ ଏବଂ ଆଲ୍ଲାହାବାଦ ବ୍ୟାଙ୍କକୁ ଇଣ୍ଡିଆନ୍ ବ୍ୟାଙ୍କ ସହିତ ମିଶ୍ରଣ କରାଯାଇଥିଲା । ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ୍ ବ୍ୟାଙ୍କକୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ମିଶ୍ରଣ କରିଥିଲେ ସରକାର । ତେବେ ତା ପୂର୍ବରୁ ୨୦୧୯ ରେ, ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦାରେ ମିଶାଇ ଦିଆଯାଇଥିଲା ।

ଏହାର ଲକ୍ଷ୍ୟ ଥିଲା ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା ଯାହାର ବାଲାନ୍ସ ସିଟ୍ ମଜଭୁତ ହେବ ସହ ଏହା ଅଧିକ ଲୋକଙ୍କୁ ସେବା ଦେଇପାରିବ । ଏହି ପଦକ୍ଷେପ ଦ୍ୱାରା ବ୍ୟାଙ୍କର ଦକ୍ଷତା ସାମାନ୍ୟ ବୃଦ୍ଧି ହୋଇଥିଲା । ଏହା ସହ ଅନେକ ଛୋଟ ବ୍ୟାଙ୍କ ଭଲ ସ୍ଥିତିକୁ ଆସିଥିଲେ । ତଥାପି, ଏହି ସଂସ୍କାର ପରେ ମଧ୍ୟ ଭାରତ ବିଶ୍ୱ ବ୍ୟାଙ୍କିଂ ର୍‍ୟାଙ୍କିଙ୍ଗରେ ଉଲ୍ଲେଖନୀୟ ଭାବରେ ଅଭିବୃଦ୍ଧି ହୋଇ ନ ଥିଲା । ସେହି ମିଶ୍ରଣ ପରଠାରୁ ଭାରତରେ ବର୍ତ୍ତମାନ ମୋଟ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବା ପିଏସ୍‌ୟୁ କାର୍ଯ୍ୟ ଜାରି ରଖିଛନ୍ତି । କିନ୍ତୁ ସମ୍ପ୍ରତି ଅନୁସାରେ ବିଶ୍ୱ ବ୍ୟାଙ୍କର ଶ୍ରେଷ୍ଠ ୫୦ ତାଲିକାରେ ଭାରତର କେବଳ ଗୋଟିଏ ପିଏସ୍‌ୟୁ ସ୍ଥାନ ପାଇଛି । ତାହା ହେଉଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) । ଏସ୍‌ଆଣ୍ଡପି ର୍‍ୟାଙ୍କିଙ୍ଗ୍ ଅନୁସାରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୪୩ତମ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୭୩ତମ ସ୍ଥାନ ସହ ଶ୍ରେଷ୍ଠ ୧୦୦ ବିଶ୍ୱ ବ୍ୟାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ବିଶ୍ୱସ୍ତରୀୟ ବ୍ୟାଙ୍କ ତାଲିକାରେ ଶ୍ରେଷ୍ଠରେ ଚୀନ୍‌ର ବ୍ୟାଙ୍କ ରହିଥିବା ବେଳେ ଶୀର୍ଷ ୨୦ ଭିତରେ ମଧ୍ୟ ଚୀନ୍‌ର ୭ଟି ବ୍ୟାଙ୍କ ରହିଛି । ଭାରତରେ ଥିବା ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୋଟ ସମ୍ପତ୍ତି ସମ୍ପତ୍ତି ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୧୭୧ ଟ୍ରିଲିୟନ ଟଙ୍କା ବା (୧.୯୫ ଟ୍ରିଲିୟନ ଡଲାର) ରହିଛି ।

### ଡିସେମ୍ବରରୁ ମୋବାଇଲ...

ଲାଗୁ ହେବା ପରେ ଉପଭୋକ୍ତାଙ୍କୁ ରିଚାର୍ଜ କରିବା ପାଇଁ ପୂର୍ବ ଅପେକ୍ଷା ୧୦-୧୨ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡ଼ିପାରେ । ଏମିତିକି ବର୍ତ୍ତମାନ ଚାଲୁଥିବା ୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୨୯ ଟଙ୍କା ହୋଇଯିବ । ଏହାଛଡା ୮୪ ଦିନିଆ ବୈଧତା ବିଶିଷ୍ଟ ୨ ଜିବି ଦୈନିକ ଡାଟା ପ୍ଲାନର ମୂଲ୍ୟ ୯୪୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ହୋଇପାରେ । ଏଣୁ ଗ୍ରାହକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପଯୋଗ କରୁଥିବା ପ୍ଲାନ୍‌ଗୁଡିକ ଲାଗି ଆଗକୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିପାରେ । ତେବେ ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହି ଦର ବୃଦ୍ଧିରୁ ବାହାରେ ରହିପାରେ ।

### ସୁଖଦୁଃଖର ସାଥୀ...

ଓ ଦୁଃଖର ସାଥୀ ହୋଇ ରହିବେ । ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ମା' ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ମିଶନ ଶକ୍ତି ମା'ମାନେ ହଇରାଣ ହୋଇ ଚାଲୁଛନ୍ତି; ଓଡ଼ିଶାର ସୁନାମ ନଷ୍ଟ ହେଉଛି । ଏମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରି ଦେଇଛନ୍ତି । ଏଥିପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି । ଏ ସରକାର ମହିଳା, ଆଦିବାସୀ ଓ ବିକାଶର ବିରୋଧୀ । ତେଣୁ ଆପଣମାନଙ୍କ ସହଯୋଗରେ ବିଜେପିର ପରାଜୟ ନୂଆପଡ଼ାରୁ ହିଁ ଆରମ୍ଭ ହେବ । ତେଣୁ ଆଗାମୀ ୧୧ ତାରିଖରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଆଶୀର୍ବାଦ କରିବାକୁ ନବୀନ ଅନୁରୋଧ କରିଛନ୍ତି । ଏହାସହ ତାଙ୍କର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଓଡ଼ିଶା ମା' ଓ ନୂଆପଡ଼ାବାସୀଙ୍କ ସେବା କରି ଚାଲିବେ ବୋଲି ନବୀନ ନିଜ ବାର୍ତ୍ତାରେ କହିଛନ୍ତି ।

### ଗାଡ଼ି ଧକ୍କାରେ...

ବାଇକ୍‌ରେ ଯାଇଥିଲେ । ସାଥିରେ ତାଙ୍କ ମା' ମଞ୍ଜୁ ମଧ୍ୟ ଯାଇଥିଲେ । ସେଠାରୁ ଖୁସିରେ ଫେରିବା ବେଳେ ରେଢ଼ାଖୋଲ ସହରର ଡିମିରିକୁଦା ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଢାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ସେଠାରେ ଡାକ୍ତର ମଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ବାଇକ୍ ଧକ୍କାରେ...

ଗାଁକୁ ଫେରୁଥିଲେ । ଏତିକିବେଳେ ଖଜାପଲ୍ଲୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ । ଫଳରେ ଉଭୟ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ମିଟୁଙ୍କୁ ପୋଲସରା ମେଡ଼ିକାଲକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି କାଶୀନାଥଙ୍କୁ କୋଦଳା ମେଡ଼ିକାଲରେ ମୃତ ଘୋଷଣା କରାଯାଇଥିଲା ।

### ୧୫ ଡିଗ୍ରୀ ତଳେ...

ହୋଇଛି । ଏହାବ୍ୟତୀତ ବର୍ତ୍ତମାନ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଡ଼ୋଶୀ ଛତିଶଗଡ଼ ସାଙ୍ଗକୁ ଝାଡ଼ଖଣ୍ଡରେ ଶୀତ ଲହରୀ ପରିସ୍ଥିତି ସମ୍ଭାବନା ସୃଷ୍ଟି ହୋଇଛି । ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ସୂଚନା ଅନୁଯାୟୀ ରାଜ୍ୟରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ସହ ରାଜ୍ୟକୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେଉଛି । ତେଣୁ ଅନେକ ସ୍ଥାନରେ ତାପମାତ୍ରା ହ୍ରାସ ଘଟିବାରେ ଲାଗିଥିବା ବେଳେ ଚଳିତ ସପ୍ତାହ ଶେଷ ଆଡ଼କୁ ରାଜ୍ୟରେ ମଧ୍ୟ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବାର ସମ୍ଭାବନା ରହିଛି ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ରହିଛି । ତେଣୁ ଏହି ସମୟରେ ଫୁଲବାଣୀ ଓ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସକୁ ଖସିବାର ଆଶଙ୍କା ରହିଛି । ସେହିଭଳି ଅନୁଗୋଳରେ ୧୩ ଡିଗ୍ରୀ, କୋରାପୁଟ, ରାଉରକେଲା ଓ ଝାରସୁଗୁଡାରେ ୧୪ ଡିଗ୍ରୀ, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକରେ ୧୫ ଡିଗ୍ରୀ ଏବଂ ସୁନ୍ଦରଗଡରେ ୧୬ ଡିଗ୍ରୀ ତାପମାତ୍ରା ରହିପାରେ ।

### ଲୁଟ୍ ପାଇଁ ଗୁଳି...

କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା କେନ୍ଦୁଆ ପୋଲ ପାର୍ ହେଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବାଟ ଓଗାଳିଥିଲେ । ହାରା କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ତାଙ୍କ ପାଖରେ ଥିବା ୫୦ ହଜାର ଟଙ୍କା ଲୁଟିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏଥିରେ ହାରା ବାଧା ଦେବାରୁ ସେମାନେ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ । ହାରା ତଳେ ପଡ଼ି ଛଟପଟ ହେଉଥିବା ଦେଖି ସେମାନେ ଟଙ୍କାତକ ଲୁଟି ନେଇ ସେଠାରୁ ଫେରାର୍ ହୋଇଯାଇଥିଲେ । ଅପରପକ୍ଷେ, ଗୁଳିକାଣ୍ଡ ଯୋଗୁଁ ହାରାଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତେବେ ଖବର ଲେଖା ହେବା ସୁଦ୍ଧା ହତ୍ୟାକାରୀଙ୍କ ସଂପର୍କରେ ପୁଲିସ୍ ଟେର୍ ପାଇପାରିନାହିଁ । କେତେଜଣ ଦୁର୍ବୃତ୍ତ ଏହି ହତ୍ୟାକାଣ୍ଡରେ ସାମିଲ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଚଳାଇଛି ।

### ଚାଷୋପଯୋଗୀ ହେଉନି...

କେଜି ଲେଖାଏଁ ମାଗଣା ବିହନ ପ୍ରଦାନ କରୁଛନ୍ତି । ଚଳିତ ବର୍ଷ କେବଳ ରବି ଋତୁରେ ପ୍ରାୟ ୬୩୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପ୍ରାୟ ୧୨୬୦ କୁଇଣ୍ଟାଲ୍ ବିହନ ଚାଷୀଙ୍କୁ ମାଗଣାରେ ପ୍ରଦାନ କରାଯିବ । ସରକାର ସାର୍ଟିଫାଏଡ୍ ମୁଗ ବିହନ ପ୍ରଦାନ କରୁଛନ୍ତି । ଏହାର ମୋଟ୍ ୭ଟି ପ୍ରକାରଭେଦ ରହିଛି । ରାଜ୍ୟର ଜଳବାୟୁ ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ମୁଗ ବିହନ ପ୍ରଦାନ କରାଯାଉଛି । ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି । ଏତେସବୁ ପ୍ରୋତ୍ସାହନ ସତ୍ତ୍ୱେ ମଧ୍ୟ ସରକାରୀ ବିହନ ଲାଭଜନକ ହୋଇପାରୁନି । ଅନେକ ସ୍ଥାନରେ ବିହନ ଗଜା ହେଉନି । ଉତ୍ତମ ଅଙ୍କୁରୋଦ୍‌ଗମ ହେଉଥିବା ସ୍ଥାନରେ ଗଛ ବଡ଼ ହେବା ପରେ ପୋକ ଲାଗୁଛନ୍ତି । ଧଳା ମାଛି କୁହାଯାଉଥିବା ଏକ ପୋକ ସହଜରେ ଓ ଅଧିକ ମାତ୍ରାରେ ଲାଗୁଛନ୍ତି । ଫଳରେ ଗଛର ପତ୍ର ହଳଦିଆ ପଡ଼ିଯାଉଛି । ଆବଶ୍ୟକତା ଅନୁସାରେ ଗଛ ବଢ଼ି ନ ପାରିବା ସହ ଫଳ ମଧ୍ୟ କମୁଛି । ଯେତିକି ଫଳ ଆସୁଛି, ତହିଁରେ ମଞ୍ଜି ପଡୁନାହିଁ । ବହୁ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିବାରୁ ସରକାରୀ ବିହନକୁ ଚାଷୀମାନେ ଭରଷା କରିପାରୁ ନାହାନ୍ତି ।

ବିଶେଷଜ୍ଞଙ୍କ କହିବା କଥା, ମୁଗ ଚାଷ ମାଟି ବାରେ । ଅର୍ଥାତ୍ ଗୋଟିଏ ଅଞ୍ଚଳର ମୁଗକୁ ଆଉ ଗୋଟିଏ ଅଞ୍ଚଳରେ ଚାଷ କଲେ ଆଶାଜନକ ଫସଲ ହୋଇ ନ ଥାଏ । ସେହିପରି ଚାଷ ପଦ୍ଧତି ମଧ୍ୟ ନିୟମିତ ଭାବେ ପରିବର୍ତ୍ତନ କରିବାକୁ ପଡ଼େ । ସରକାରୀ ବିହନ ଚାଷ କଲେ ବୁଣିବା ସମୟରେ ଥଣ୍ଡା ପାଗ ଆବଶ୍ୟକ । ଫୁଲ ହେବା ସମୟରେ ପାଣି ମଧ୍ୟ ଆବଶ୍ୟକ କରିଥାଏ । ମୁଖ୍ୟତଃ ରାଜ୍ୟର ଉପକୂଳ ଅଞ୍ଚଳରେ ମୁଗ ଚାଷ କରାଯାଉଥିବାବେଳେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ । ଏଣୁ ଫୁଲ ଆସିବା ସମୟରେ ଜଳସେଚନ ଏକ ପ୍ରକାର ଅସମ୍ଭବ ହେଉଛି । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରି ରାଜ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ବର୍ଷା ହେଉଛି, ତାହା ଫର୍ଟିଫାଏଡ୍ ବିହନ ପାଇଁ ବରଦାନ ସାବ୍ୟସ୍ତ ହେବା ସହ ଉତ୍ତମ ଫଳ ଦେଉଛି । ଓଡ଼ିଶାରେ ମାଟିର ଆର୍ଦ୍ରତା ଓ କାକରକୁ ଭିତ୍ତିକରି ହିଁ ମୁଗ ଚାଷ କରାଯାଉଥିବାରୁ ସରକାରୀ ବିହନ ଲାଭଦାୟକ ହେଇପାରୁ ନାହିଁ ।

ଅପରପକ୍ଷରେ ସରକାର ଯୋଗାଉଥିବା ବିହନର ଉତ୍ପାଦନ କ୍ଷମତା ଆମ ରାଜ୍ୟର ବିହନ ବା ଦେଶୀ ବିହନ ଠାରୁ ଯଥେଷ୍ଟ ଅଧିକ । ସରକାରୀ ବିହନ ଏକର ପ୍ରତି ୫ରୁ ୬ କୁଇଣ୍ଟାଲ ପର୍ଯ୍ୟନ୍ତ ମଧ୍ୟ ଅମଳ ଦେଉଥିବାବେଳେ ରାଜ୍ୟର ବିହନ ବା ଦେଶୀ ବିହନ ମାତ୍ର ୩ରୁ ୩.୫ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଉଛି । ସରକାରୀ ବିହନ ଦୁଇଗୁଣା ଅମଳକ୍ଷମ ହୋଇଥିଲେ ମଧ୍ୟ ଓଡ଼ିଶାରେ ଫଳପ୍ରଦ ହୋଇପାରୁନି । ଚାଷୀମାନେ ସରକାରୀ ବିହନ ଚାଷ କରି କ୍ଷତି ସହୁଥିବାରୁ ଆଉ କେହି ଚାଷ କରୁ ନାହାନ୍ତି । ନିଜେ ରଖିଥିବା ବିହନକୁ ଚାଷ କରୁଛନ୍ତି । ସରକାର ଦେଉଥିବା ବିହନକୁ ଡାଲି କରି ଖାଇବାକୁ ଉଚିତ୍ ମଣୁଛନ୍ତି । ଗବେଷକଙ୍କ ମତରେ ସରକାର ପ୍ରଦାନ କରୁଥିବା ବିହନର ରୋଗ ପ୍ରତିରୋଧକ ଶକ୍ତି ଦେଶୀ ବିହନ ତୁଳନାରେ କମ୍ ରହୁଛି । ଏଣୁ ଧଳା ପୋକ ଲାଗିଲେ ଖୁବ୍‌ଶୀଘ୍ର ପତ୍ର ହଳଦିଆ ହୋଇଯାଉଛି । ଯାହା ଦେଶୀ ବିହନ କ୍ଷେତ୍ରରେ ପ୍ରାୟତଃ ହୋଇ ନ ଥାଏ । ଏଣୁ ରାଜ୍ୟରେ ମୁଗ ଉତ୍ପାଦନକୁ ବ୍ୟାପକ କରିବାକୁ ହେଲେ ସ୍ଥାନୀୟ ବିହନକୁ ପ୍ରାଥମିକତା ଦେବାକୁ ପଡ଼ିବ । ଦେଶୀ ବିହନ ଉପରେ ଗବେଷଣା କରି ଅଧିକ ଅମଳକ୍ଷମ କରିବାକୁ ହେବ । ବିଭିନ୍ନ ଜଳବାୟୁରେ ହେଉଥିବା ମୁଗକୁ ସଂଗ୍ରହ କରି ଅଧିକ ଗବେଷଣା କଲେ ଅଧିକ ଅମଳକ୍ଷମ ବିହନ ପ୍ରସ୍ତୁତ ହୋଇପାରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବୈଜ୍ଞାନିକ ପ୍ରଫେସର ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ସେହିପରି ଜଳସେଚନ ଥିବା ଜମିରେ ସରକାରୀ ବିହନକୁ ଚାଷ କରି ଯତ୍ନ ନେଲେ ଭଲ ଅମଳ ହୋଇପାରିବ ବୋଲି ବୈଜ୍ଞାନିକ ସୀମାଞ୍ଚଳ ସାହୁ କହିଛନ୍ତି । ଜଳବାୟୁ ଉପଯୋଗୀ ଉନ୍ନତ ବିହନ ଯୋଗାଇ ଦିଆଗଲେ ମୁଗ ଉତ୍ପାଦନ ବଢ଼ିବା ସହ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି ।


**AFFIDAVIT**

By virtue of an affidavit No.sworn before NotaryPublic, Biswanathpur, Kalahandi, on dt.06.11.2025, I, Chaitanya Sahu, At–Palam, Po–Palam, Ps–Kesinga, Dist- Kalahandi, PIN-766101, do hereby declare that I have changed my name from Chitanya Sahu to Chaitanya Sahu & Date of Birth from 17.07.2005 to 24.06.2005. Henceforth I shall be known as Chaitanya Sahu & my DOB is 24.06.2005 for all purposes.

**NOTICE**

By virtue of an affidavit sworn before the Executive Magistrate Talcher dt. 13.10.2025, I, KALANDI CHARAN SETHI, S/o- Chandramani Sethi, of Vill- Karnapal, PO- Seepur, PS- Samal, SD- Talcher, Dist- Angul, Odisha, Pin- 759103, declare that I have changed my name from KALINDI CHARAN SETHY (old name) to KALANDI CHARAN SETHI (new name). Henceforth I shall be known as KALANDI CHARAN SETHI (new name) for all purposes.

**Kalandi Charan Sethi**

**AFFIDAVIT**

I JAYANTA SAHOO, S/o- JOGI NATH SAHOO, resident of At/Po./Ps.- Kalimela, Dist. - Malkangiri - 764 047, Odisha declare by this Affidavit No.1872, Dated- 08/11/2025, that now onwards I shall be known as **JAYANT SAHOO** for all future purpose.

**AFFIDAVIT**

By virtue of an affidavit before the Notary Public dt. 09/10/25, Basta, Balasore, I, JAMUNA JENA, M/O- Ganesh Chandra Jena of Vill- Guhalipada, P.O-Jamsuli, P.S-Singla, Balasore, Odisha, do hereby solemnly affirm that I have changed my name from **YAMUNA MANI JENA** to **JAMUNA JENA** & D.O.B **28/01/1960** to **11/02/1963**.Hence **YAMUNA MANI JENA**, D.O.B **28/01/1960** & **JAMUNA JENA**, D.O.B **11/02/1963** is one and same person. I request that please update and rectify my name is **JAMUNA JENA**, D.O.B **11/02/1963** in all respects.

**AFFIDAVIT**

By virtue of an affidavit sworn before Court of Notary Soro on dt.1.11.2025 I, Ananga Manjari Dasmukh, W/o- Late Maheswar Dasmukh, At- Bagalpur, Po- Bahanaga, Ps- Khantapada, Dist- Balasore, declare that I have changed my name from Ananga Manjari Desmukh to Ananga Manjari Dasmukh, DOB- 01.01.1967 as per my Adhar Card. Henceforth, I shall be known as Ananga **Manjari Dasmukh** for all purposes.

**AFFIDAVIT**

By virtue of an affidavit no.1527 sworn before the Executive Magistrate Boudh, dtd. 07.11.2025 I, Bijaya Dipa, Village/PO/PS - Purunakatak, Dist- Boudh- 762013, do hereby declare that I have changed my name from Sri Bijay Naik (old name) to Bijaya Dipa (new name). Henceforth I shall be known and called as Bijaya Dipa for all purposes.

**Sd/- Bijaya Dipa**

**NOTICE**

By virtue of an affidavit sworn before The Notary Public, Sunabeda dated 07/11/2025 I Sri. Goura Hingoi, S/o- Balabhadra Hingoi, Vill.- Talageruput, Po.- Malibelgaon, Ps.- Nandapur, District- Koraput declare that, I have changed my daughter's name from **Parml Hingol** to **Pramila Hingoi**. Henceforth, my daughter shall be known as **Pramila Hingoi** for all purposes.

Sd/- Goura Hingoi

● ଯୁବ ସାମ୍ବାଦିକଙ୍କ ମାନବିକତା

## ଦୁର୍ଘଟଣାଗ୍ରସ୍ତ ବୁଲା କୁକୁରର କରାଇଲେ ଚିକିତ୍ସା

ଝାରସୁଗୁଡ଼ା, ୯।୧୧(ସମିସ): ଝାରସୁଗୁଡ଼ାର ଦୁଇ ଯୁବ ସାମ୍ବାଦିକଙ୍କ ମାନବିକତା ଚର୍ଚ୍ଚାକୁ ଆସିଛି। ରବିବାର ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଏକ ବୁଲା କୁକୁରକୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ସାମ୍ବାଦିକ ଗୁରୁଚରଣ ବାଘ ଓ ପୂଜା ଚୌଧୁରୀ ଆଗେଇ ଆସିଛନ୍ତି। ଖବର ସଂଗ୍ରହ ପାଇଁ ସକାଳୁ ଉଭୟେ ବାହାରିଥିଲେ। ଏହି ସମୟରେ ଝାରସୁଗୁଡ଼ା ସରକାରୀ ଉଦ୍ୟାନ ବିଭାଗ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରେ ଅଜଣା ଗାଡି ଧକ୍କାରେ ଏକ ବୁଲା କୁକୁର ଗୁରୁତର ଆହତ ହୋଇଥିବା ଦେଖିଥିଲେ। କୁକୁରଟି ରାସ୍ତା ମଝିରେ କାହାରି ସହାୟତାତ ନ ପାଇ ଦୀର୍ଘ ସମୟ ଧରି ଛଟପଟ ହେଉଥିଲା। ସାମ୍ବାଦିକ ଦ୍ୱୟ ଆହତ କୁକୁରକୁ ଦେଖି କାଳବିଳମ୍ବ ନକରି ତାକୁ ବଞ୍ଚାଇବା ପ୍ରୟାସ ଆରମ୍ଭ କରିଥିଲେ।



ପ୍ରଥମେ ଜିଲ୍ଲା ମୁଖ୍ୟ ଭେଟ୍‌ନାରୀ ଅଧିକାରୀଙ୍କୁ ଏହି ବାବଦରେ ଅବଗତ କରାଇଥିଲେ। ଏହା ପରେ ସିଡିଭିଓଙ୍କ ଠାରୁ ଚିକିତ୍ସା ପାଇଁ ପରାମର୍ଶ ନେଇ ତୁରନ୍ତ ୧୯୬୨ ପ୍ରାଣୀ ଚିକିତ୍ସା ସହାୟତା ଟୋଲଫ୍ରୀ ନମ୍ବରରେ ଯୋଗାଯୋଗ କରିଥିଲେ। ସୂଚନା ପାଇ ୨ଜଣିଆ ଚିକିତ୍ସା ଟିମ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ କର୍ମଚାରୀଙ୍କ ଅଭାବ ଯୋଗୁଁ ଗୁରୁଚରଣ କୁକୁରର ଚିକିତ୍ସାରେ ଏହି ଟିମକୁ ସହଯୋଗ କରିଥିଲେ। ଏହା ଦେଖି ଡାକ୍ତର ପ୍ରକାଶ ରଣା ଏବଂ ସ୍ଥାନୀୟ ଲୋକମାନେ ମଧ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିଲେ। ଦୁଇ ଯୁବ ସାମ୍ବାଦିକଙ୍କ ଏପରି ମାନବୀୟ ସହାୟତା ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସାର ପାତ୍ର ହୋଇଛି।

# ବାଲି ଚାଲାଣ ୪ ହାଇୱା ଅଟକ ରଖିଲେ ଗ୍ରାମବାସୀ

କୋଲାବିରା, ୯।୧୧(ସମିସ): ବାଲି ଚୋରା ଚାଲାଣରେ ସମ୍ପୃକ୍ତ ୪ଟି ହାଇୱା ଗାଡିକୁ ଜବତ୍ କରିଛି ଖଣି ବିଭାଗ। ଜବତ୍ ପରେ ଗାଡି ଗୁଡ଼ିକୁ କୋଲାବିରା ଥାନାରେ ଜିମା ଦିଆଯାଇଛି। ଘଟଣାମତେ କୋଲାବିରା ଥାନା ଅଧୀନ ଭେଡେନ ନଦୀ ଭୀମ ଯୋର ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଇଆସୁଥିଲା। ଚୋରା ଚାଲାଣକାରୀ ଗାଡ଼ି ଗୁଡ଼ିକ କୁଲିତା ସମାସିଂହା ଗାଁ ଦେଇ ଯାଉଥିବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ରବିବାର ସକାଳେ ୩ଟି ବାଲି ବୋଝେଇ ହାଇୱା ଭୀମଯୋର ଘାଟରୁ ବାହାରି କୁଲିତା ସମାସିଂହା ଦେଇ ଯାଉଥିବା ସମୟରେ ଗ୍ରାମବାସୀ ଗାଡି ଗୁଡ଼ିକୁ ଅଟକ ରଖି କୋଲାବିରା ଥାନା ଏବଂ ଖଣି ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଦିନ ସାଢ଼େ ଗୋଟାଏ ବେଳକୁ ଖଣି ବିଭାଗର ଅଧିକାରୀ ଏବଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଆଞ୍ଚଳିକ ଖଣି ବିଭାଗର କନିଷ୍ଠ ଅଧିକାରୀ ଶୁଭମ ପଟ୍ଟନାୟକ, ଚନ୍ଦ୍ରସେନ କେଉଁଟ ଏବଂ ସୁଲଭ ପଟେଲ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ହାଇୱା ୩ଟିକୁ ଜବତ କରି ଥାନାରେ ଅଟକ ରଖିଛନ୍ତି। ଏହାସହ ଘଟଣା ସ୍ଥଳରୁ ଫେରିବା ସମୟରେ ବଡବାହାଲ ନିକଟରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଯାଞ୍ଚ କରିଥିଲେ। ମାତ୍ର ଗାଡିରେ ଅବଶ୍ୟକ କାଗଜପତ୍ର ନଥିବାରୁ ଉକ୍ତ ଗାଡିକୁ ମଧ୍ୟ ବେଆଇନ ବାଲି ଚାଲାଣକାରୀ ଭାବେ ଅଧିକାରୀ ମାନେ ଜବତ୍ କରି ଥାନାରେ ଅଟକ ରଖିଛନ୍ତି। ଏସକ୍ରାନ୍ତରେ ଆଞ୍ଚଳିକ ଖଣି ଅଧିକାରୀ ଚୁଡାମଣୀ ବିଶ୍ୱାଲଙ୍କୁ ପଚାରିବାରୁ ସେ ଜବତ ଗାଡିରେ ଦିନ ଗୋଟାଏ ସମୟର ଟ୍ରାନଜିଟ ପାସ ରହିଥିବା ଖବର ରହିଛି ବୋଲି କହିଛନ୍ତି। ତେବେ ଗ୍ରାମବାସୀ କେତେବେଳେ ଗାଡି ଅଟକ ରଖିଥିଲେ ସେ ବିଷୟରେ ଜାଣି ନଥିବା କହିଛନ୍ତି। ଗାଡିଗୁଡିକ କିନ୍ତୁ ଦିନ ୧୦ଟାରୁ ଗାଁ ମଝିରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ରଖାଯାଇଥିବାର ଭିଡିଓ ଏବଂ ଫଟୋ ଗ୍ରାମବାସୀଙ୍କ ନିକଟରେ ରହିଛି। ଅନ୍ୟ ପକ୍ଷରେ ଗାଡି ଗୁଡିକ ଅଟକ କରାଯିବା ପରେ ଗାଡିର ଚାଳକ ଘଟଣାସ୍ଥଳରୁ ଖସି ଯାଇଥିଲା। ଦିନ ଗୋଟାଏ ସମୟର ଟ୍ରାନଜିଟ ପାସ କରାଇ ବିଭାଗୀୟ ଅଧିକାରୀଙ୍କୁ ଦେଖାଇଥିବା ଅଭିଯୋଗ ହୋଇଛି। ଆଞ୍ଚଳିକ ଖଣି ଅଧିକାରୀ ଶ୍ରୀ ବିଶ୍ୱାଲଙ୍କ କହିବାନୁଯାୟୀ ଯଦି ତାଙ୍କ ନିକଟରେ ଦିନ ଗୋଟାଏରେ ଗାଡି ଅଟକର ସୂଚନା ସହିତ ଦିନ ଗୋଟାଏର ଟ୍ରାନଜିଟ ପାସ ରହିଛି ତେବେ ଗାଡିରେ ଚାଲାଣ ହେଉଥିବା ବାଲି ବେଆଇନ ନୁହେଁ। କିନ୍ତୁ ଗାଡି ବାଲାକୁ ସୁରକ୍ଷା ଦେବାକୁ ଯାଇ ଏପରି କୁହାଯାଉଛି ବୋଲି ଗ୍ରାମବାସୀଙ୍କ କହିଛନ୍ତି। ଗ୍ରାମବାସୀଙ୍କ ଅନୁଯାୟୀ ଦିନ ୧୦ ଟାରୁ ଗାଡି ଗୁଡିକ ଅଟକ ରଖାଯାଇ ଖଣି ବିଭାଗ ନିକଟକୁ ସୂଚନା ଦିଆଯାଇଥିଲା। ତେବେ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଗାଡି ଗୁଡିକ ଉପଯୁକ୍ତ କାଗଜପତ୍ର ଥିବା ଦର୍ଶାଇ ଛାଡି ଦିଆଯିବା ବୋଲି ସନ୍ଦେହ ଜାତ ହୋଇଛି। ତେବେ ରବିବାର ଚଢ଼ଉରେ ଜବତ୍ ହୋଇଥିବା ଗାଡିଗୁଡିକ ବର୍ତ୍ତମାନ କୋଲାବିରା ଥାନାରେ ଅଟକ ଥିବା ପୁଲିସ ସୂତ୍ରରୁ ପ୍ରକାଶ।



## ହାତର ଶିରା କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୯।୧୧(ସମିସ): ଦେବଗଡ଼ ଥାନାଞ୍ଚଳ ବିଜୟନଗର ଗାଁରେ ଥିବା ଏକ ପାଳଛତୁ ଫାର୍ମରେ କାର୍ଯ୍ୟରତ ଜଣେ ଯୁବକ ରବିବାର ନିଜର ଦୁଇ ହାତର ଶିରା କାଟି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି।

ବାରକୋଟ ଥାନା ଜାଲିସୁଆଁ ଗାଁର ବନ୍ଧୁ ମହାକୁଳଙ୍କ ପୁଅ ପ୍ରଦୀପ ମହାକୁଳ(୨୮) କିଛିମାସ ହେଲା ବିଜୟନଗର ସ୍ଥିତ ଏକ ଛତୁ ଫାର୍ମରେ କାମ କରୁଥିଲେ। ତେବେ ଆଜି ସଂଧ୍ୟାରେ ସେ କୌଣସି କାରଣରୁ ନିଜର ଦୁଇ ହାତର ଶିରା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକଥା ଜାଣିବା ପରେ ସମ୍ପୃକ୍ତ ଛତୁ ଫାର୍ମର ମାଲିକ ପ୍ରଦୀପଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପ୍ରଦୀପଙ୍କ ପିତାଙ୍କୁ ସୂଚନା ଦେଇଥିଲେ। ପ୍ରଦୀପଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରଦୀପ କେଉଁ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଭଇଁରଖୋଲ ଓ ଜାମଗାଁ ସ୍କୁଲର ସଫଳତା



ଝାରସୁଗୁଡ଼ା, ୯।୧୧(ସମିସ): ଭଇଁରଖୋଲ ବିପିଏମ ଏବଂ ଜାମଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସ୍କୁଲ ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରଛନ୍ତି। ବିପିଏମ ହାଇସ୍କୁଲର ଛାତ୍ରୀ ଅନିମା ମୁଣ୍ଡା ବାଳିକା ବିଭାଗର ୧୭ ବର୍ଷରୁ କମ ବର୍ଗ ସନ୍ତରଣ ପ୍ରତିଯୋଗିତରେ ୪୦୦ ମିଟର ରେ ତୃତୀୟ ଏବଂ ୨୦୦ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ପ୍ରୀତି ବାରିକ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ସାଗରିକା ସାହୁ ୧୪ ବର୍ଷରୁ କମ ବର୍ଗରେ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପଟେ ବାଳକ ବିଭାଗରେ ଜାମଗାଁ ହାଇସ୍କୁଲର କସମିନ ଖମାରୀ ୧୭ ବର୍ଷରୁ କମ ବର୍ଗରେ ୨୦୦ ମିଟର ଏବଂ ୧୦୦ ମିଟର ବ୍ରେଷ୍ଟ ଷ୍ଟୋକ ସନ୍ତରଣରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତା ଦୁଇଦିନ ଧରି ସମ୍ବଲପୁର ଝସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଥିଲା।

## ବାବା ପଶ୍ଚିମେଶ୍ୱର ଯୁବକ ସଂଘର ନୂଆଁଖାଇ ଭେଟ

ଇବଥର୍ମାଲ, ୯।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତ ବାବା ପଶ୍ଚିମେଶ୍ୱର ଯୁବକ ସଂଘ ପକ୍ଷରୁ ତେଲେନପାଲି ବଜାର ପଡିଆ ଠାରେ ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୩ଟା ସମୟରେ ମାଁ ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମାଁଙ୍କ ପ୍ରତିମୂର୍ତ୍ତି ଅଣାଯାଇ ମଞ୍ଚ ଉପରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସୁଧାକର କୁମ୍ଭାର, ମୋର ସମିତି ଏଡିଟର ଦେବେଶ ପାଣିଗ୍ରାହୀ, ତେଲେନପାଲି ସରପଞ୍ଚ ଆକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ଶଙ୍କର ଖମାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସୁରେଶ ତ୍ରିପାଠୀ, ଉମାକାନ୍ତ ପଣ୍ଡା, ଦାମୋଦର ବଢ଼େଇ, ଅଶୋକରାଜ, ସାହାଜାଦ୍ ବାସ୍ମା, ରବୀନ୍ଦ୍ର ସାହୁ, ଆଲୋକ ତ୍ରିପାଠୀ, ସୀତମ ପ୍ରଧାନ, ନିଳେନ୍ଦ୍ର ଗଜେନ୍ଦ୍ର, ସମିର ଛୋଟୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୁଲିସ ବିଭାଗର ତଥା ଅଞ୍ଚଳର ସାହିତ୍ୟ ସ୍ରଷ୍ଟା, କଳାକାର, ଜନ ପ୍ରତିନିଧି, ସମାଜସେବୀ ମଧ୍ୟରେ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ, ସଂଯୁକ୍ତା ହୋତା, ବଳରାମ ସାହୁ, ମୁନିରାମ ପ୍ରଧାନ, ସୌଦାଗର ହାତୀ, ନିବେଶ ପାଣିଗ୍ରାହୀ, ଅରୁଣ ପ୍ରଧାନ, ସୁଦାମ ସାହୁ, ନରେନ୍ଦ୍ର ସାହୁ, ନେତ୍ରାନନ୍ଦ ସାହୁ, କେଶବ ଗହିର, ଜନ୍ମଜୟ ଭୋଇ, ପଦ୍ମିନୀ ସିଂ, ଡିଲେଶ୍ୱର ପୂଜାରୀ, ସନତ ପୂଜାରୀ, ସୁପ୍ରଭାତ ପଣ୍ଡା, ସୁକଦେବ ସା, ଚତୁର୍ଭୁଜ ସାହୁ, ମନବୋଧ ତଣ୍ଡକାର, ସୁଶିଳା ଭଇଁସାଲ, ତୋଳାମଣୀ ପ୍ରଧାନ, ମୁନ୍ନ ମିଶ୍ର, ଭୁତେଶ ପ୍ରଧାନ, ଚତୁର୍ଭୁଜ ସାହୁ, ରାହାସ ନାଏକ, କୀର୍ତ୍ତନ ବାଗ, ପିଣ୍ଟୁ ଖମାରୀ, ରାଜେଶ ସାହୁ, କ୍ଷେତ୍ରବାସୀ ଦାଶ, ଶଶିରଣା, ମହାବିର ସାହୁ, ବିଦ୍ୟାଧର ଗୁଡାରୀ, ରାହୁଲ ଓଝା, ରଘୁମଣି ପ୍ରଧାନ, ନରେନ୍ଦ୍ର ପଣ୍ଡା, ଜୀବର୍ଦ୍ଧନ ପ୍ରଧାନଙ୍କୁ ସମ୍ମାନିତ କରା ଯାଇଥିଲା।



କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ବାଙ୍କେଶ୍ୱର ଖମାରୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଲୋକଙ୍କ ମନୋରଞ୍ଜନର ସକାଶେ ଉମାକାନ୍ତ ବାରିକ ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବକ ସଂଘ ସଦସ୍ୟ ଗୌତମ ଚନ୍ଦନ, ଦିନେଶ ସା, ଅଜୟ ସ୍ୱାଇଁ, ମଣ୍ଟୁ ହାତୀ, ଦୀପକ ମିଞ୍ଜ, ଅଶ୍ୱିନୀ ସେଟ୍, ବବି ବୋର୍ଡ, ସଞ୍ଜିବ ପ୍ରଧାନ ସହଯୋଗ କରିଥିଲେ।

# ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼, ୯।୧୧(ସମିସ): ପୌରାଞ୍ଚଳ କ୍ଲଷ୍ଟର ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ହେଲେ ମନ୍ଦାକିନୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୀବ ବ୍ରହ୍ମା, ବାଳକ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ମହାପାତ୍ର, ଭୂୟାଁ ସାହି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ତ୍ରିପାଠୀ, ଗୋକନେଶ୍ୱର ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଓ ରେଙ୍ଗାଲି କଲୋନୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଦେବକଲ୍ୟାଣୀ ସାହୁ। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୌରାଞ୍ଚଳ ସିଆର୍‌ସିସି ଚୂଡାମଣି ସାହୁ ସଭାପତିତ୍ୱ କରିଥିଲେ। ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ତିଲେଇବଣି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ ନନ୍ଦ, ସମ୍ପାଦକ ଡୋଳାଧର ସ୍ୱାଇଁ, ଏନପିସ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ତ୍ରିନାଥ ଖୁଣ୍ଟିଆ, ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ମାନେ ସମ୍ବର୍ଦ୍ଧନା ଗୀତ ପରିବେଷଣ କରିଥିଲେ। ମନ୍ଦାକିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ନନ୍ଦ, ଭୂୟାଁ ସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧାଂଶୁ ସାହୁ, ବାଳକ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଅମିତା ନାୟକ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କ୍ଲଷ୍ଟର ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଘନଶ୍ୟାମ ବେହେରା ପରିଚାଳନା କରିଥିଲେ। ବାଳକ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



ପର୍ଶୁରାମ ବାହିନୀର ବୈଠକ

## ବ୍ରାହ୍ମଣ ସମାଜ ସଂସ୍କୃତିକୁ ବଞ୍ଚାଇବା ପାଇଁ ଆହ୍ୱାନ



ଦେବଗଡ଼, ୯।୧୧(ସମିସ): ଦେବଗଡ଼ ପର୍ଶୁରାମ ବାହିନୀ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ବସନ୍ତନିବାସ ଠାରେ ବ୍ରାହ୍ମଣ ସମାଜ ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବଗଡ଼ ଜିଲ୍ଲାର କୋଣ ଅନୁକୋଣରେ ଥିବା ବ୍ରାହ୍ମଣ ସମାଜକୁ ସଂଗଠିତ କରାଯିବା ନେଇ ଆଲୋଚନା ହୋଇଥିଲା। ବ୍ରାହ୍ମଣ ପରିବାରର ପୁରୁଷ ସଦସ୍ୟ ମାନେ ନିଜ ସଂସ୍କୃତିକୁ ବଞ୍ଚାଇବା ପାଇଁ ଧୋତି ପରିଧାନ ସହ ପଇତା ତିଆରି କରିବା କୌଶଳ ଜାଣିବା ପାଇଁ ଆହ୍ୱାନ ଦିଆ ଯାଇଥିଲା। ସେହିପରି ଦେବଗଡ଼ ପୌରାଞ୍ଚଳରେ ପର୍ଶୁରାମଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ସହ ସହରର କୌଣସି ଛକକୁ ପର୍ଶୁରାମଙ୍କ ନାମରେ ନାମିତ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ପର୍ଶୁରାମ ବାହିନୀର ସରକାରୀ ସ୍ତରରେ ପଞ୍ଜୀକରଣ କରାଯିବା ନେଇ ମଧ୍ୟ ବୈଠକରେ ଉପସ୍ଥିତ ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଗୁରୁ, ସିଦ୍ଧେଶ୍ୱର ଗୁରୁ, ପ୍ରଣବ କିଶୋର ଗୁରୁ, ଚିନୁ ଦାଶ, ପ୍ରକାଶ ଆଚାର୍ଯ୍ୟ, ବାବୁଲି କର, ତରଣୀ ଦାଶ, ମୋତିଲାଲ ଶର୍ମା, ସରୋଜ ପାଢ଼ୀ, ସନ୍ତୋଷ ଦେବତା, ମାନସ ଦେବତା, ଅଭୟ ନନ୍ଦଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ଦେବଗଡ଼, ୯।୧୧(ସମିସ): ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତିଲେଇବଣି ଏବଂ ଦେବଗଡ଼ ପୌରାଞ୍ଚଳର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବାରକୋଟ ଏବଂ ରିଆମାଳ ବ୍ଲକ୍‌ରେ ଉକ୍ତ ଖେଳ ମହୋତ୍ସବ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। ଦୁର୍ଗମ ଅଞ୍ଚଳରେ ଲୁକ୍କାୟିତ ଥିବା କ୍ରୀଡା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଏହି ସାଂସଦ କ୍ରୀଡା ମହୋତ୍ସବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତିରେ କ୍ରୀଡା ଏବଂ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ଲକ୍‌ସ୍ତରରୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତା ଦିନରେ ସଂସଦ ସ୍ତରୀୟ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ। ବିକାଶ ପାଉଣ୍ଡେସନର କର୍ମକର୍ତ୍ତା ଏବଂ ଶିକ୍ଷା ବିଭାଗ ପକ୍ଷରୁ ନିୟୋଜିତ ଖେଳ ଶିକ୍ଷକ ମାନେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଖୋ ଖୋ, କବାଡି, ଦୌଡକୁଦ ସମେତ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସାଇକଲ ରାଲିରେ ସାଇବର କ୍ରାଇମ୍ ସଚେତନତା



ଝାରସୁଗୁଡ଼ା, ୯।୧୧(ସମିସ): ଝାରସୁଗୁଡ଼ା ସହର ସ୍ଥିତ ବିଟିଏମ ପଡିଆ ଠାରୁ ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ସାଇକଲ ରାଲି ଦ୍ୱାରା ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ପୁଲିସ ଦ୍ୱାରା ରବିବାର ଅନୁଷ୍ଠିତ ହୋଇ ଯାଇଛି। ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଲିରେ ଯୋଗଦେଇଥିବା ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ପୁଲିସ ଅଧିକାରୀ ତଥା ଉପସ୍ଥିତ ଜନସାଧାରଣଙ୍କୁ କିପରି ସାଇବର କ୍ରାଇମ ହେଉଛି ଏବଂ ଏହାକୁ କିପରି ରୋକଯାଇ ପାରିବ ସେ ନେଇ ବୁଝାଇଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ରାଲି କରାଯାଇଥିଲା। କାର୍ଯ୍ୟକ୍ରମରେ ଓଏସଏପି କମାଣ୍ଡାଣ୍ଟ ପ୍ରସାଦ ତମଙ୍ଗ, ଝାରସୁଗୁଡ଼ା ପୁଲିସ ବିଭାଗର ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଡିଏସପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଡିଏସପି ଉମାଶଙ୍କର ସିଂ, ଟାଉନ ଆଇ ଆଇ ସିରଞ୍ଜନ ବରିହାଙ୍କ ସହିତ ପୁଲିସ ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ। ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ୍ ସେବା ଦିବସ

ଝାରସୁଗୁଡ଼ା, ୯।୧୧(ସମିସ)

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ରବିବାର ଜାତୀୟ ଆଇନ୍ ସେବା ଦିବସ ବ୍ରଜରାଜନଗର ସ୍ଥିତ ଡାନିଏଲ୍ ପବ୍ଲିକ ସ୍କୁଲ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନ୍ ସଚେତନତା ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ସଦାଶିବ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଦେୱାନୀ ବିଚାରପତି ସନ୍ଧ୍ୟା ରଥ, ଦେୱାନୀ ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଉପସ୍ଥିତ ଥିଲେ। ଡାନିଏଲ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ୍ ସେବା ଓ ପରାମର୍ଶ, ଓକିଲ ଯୋଗାଇ ଦେବା, ନ୍ୟାୟ ସଂଯୋଗ, ନାଲସା ମାଗଣା ହେଲ୍ପ ଲାଇନ ୧୫୧୦୦, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକର ସମାଧାନ ଇତ୍ୟାଦି ବିଷୟରେ ସ୍ଲୋଗାନ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ପଞ୍ଚାୟତ କର୍ମଚାରୀ ପିଅନ ସଂଘର ବୈଠକ

**ବୌଦ୍ଧ, ୯ ।୧୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ଓଡ଼ିଶା ପଞ୍ଚାୟତ କର୍ମଚାରୀ ପିଅନ ସଂଘର ଏକ ବୈଠକ ସଭାପତି ଦୟାନିଧି ଜାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଓଡ଼ିଶାର ୬୭୯୪ ପଞ୍ଚାୟତ ମାନଙ୍କରେ ଗୋଟିଏ ଲେଖାଏଁ ପିଅନ ପଦ ସୃଷ୍ଟି କରିବା ସହିତ ପ୍ରତି ପଞ୍ଚାୟତରେ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା, ଓଡ଼ିଶା ଗ୍ରାମ ପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମକୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନା କରାଯାଇ ସଂଶୋଧନ କରିବା ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା । ପ୍ରତି ମାସରେ ନିୟମିତଭାବେ ପଞ୍ଚାୟତ ପିଅନ ମାନଙ୍କୁ ଅନଲାଇନ ମାଧ୍ୟମରେ ଦରମା ପ୍ରଦାନ କରିବା ବ୍ୟବସ୍ଥା ରଖିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ବୈଠକ କରାଯାଇ ଏହାର ଚୂଡ଼ାନ୍ତ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ନିଆଗଲା । ବୈଠକରେ ସମ୍ପାଦକ ଦିଲୀପ କ୍ଷେତି, କୋଷାଧକ୍ଷ କେଶବ ଖମାରି, ଆର୍ତ୍ତତ୍ରାଣ ଖଟୁଆ, ରଘୁନନ୍ଦନ ଭୋକ୍ତା, ଦ୍ୱିତୀୟଲା ନାଏକ, ଜୟନ୍ତ ବେହେରା, ଚତୁରୁ ପ୍ରଧାନ, ଦଶରଥ ଖମାରି, ହୃଷିକେଶ ପରିଡ଼ା, ନୀଳାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



## ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣରେ ବିଳମ୍ବ

# ଦୁଇ ବର୍ଷ ହେଲା କାମ ବନ୍ଦ, ଠିକାଦାର ଗାଏବ

**ଲାଞ୍ଜିଗଡ଼, ୯ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଣା କୋଠା ଏଯାଏଁ ହସ୍ତାନ୍ତର ହୋଇନି ।ତେବେ ପୁଣି ଏକ ନୂଆ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ନିମ୍ନ ମାନର କାମକୁ ନେଇ ପଞ୍ଚାୟତବାସୀ ବିରୋଧ କରିଥିଲେ । ଫଳରେ ବର୍ଷେ ହେଲା କାମ ବନ୍ଦ କରିଛି ଠିକାଦାର । ଏଣୁ ଜରୁରୀ କାଳୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ରହିଛି ଲାଖବାହାଲି ପଞ୍ଚାୟତ । ଏହି ପଞ୍ଚାୟତରେ ୧୭ଟିଗାଁ ରହିଥିବା ବେଳେ ବାରଗୁଡା, ପଣସ ପଦର, ପଟାଙ୍ଗ ପଦର, ସରଗୁଡା, ତିର୍କୀଝୁଲା, ବଣ୍ଡେଲ, ଡକରିଗୁଡା ଓ ମୁଣ୍ଡାଙ୍ଗ ପଦର ଗାଁ ମାନଙ୍କୁ ରାସ୍ତା ନାହିଁ। ଏହି ଗାଁ ଲୋକେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥିବା ଦୃଶ୍ୟମାନ ବାରମ୍ବାର ଦେଖିବାକୁ ମିଳିଥିଲା । ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବା ବେଳେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପଞ୍ଚାୟତବାସୀ ଏହାକୁ ନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗସ୍ତରରେ ବାରମ୍ବାର ଅଭିଯୋଗ ପରେ ୨୦୧୫ ମସିହାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ସରକାର ଅନୁମତି ଦେଇଥିଲେ ।ଏଥିପାଇଁ କୋଠା ନିର୍ମାଣ ହୋଇଥିଲା । ଭବାନୀପାଟଣାର ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ୨୦୧୭ ମସିହାରେ ସମ୍ପୂର୍ଣ୍ଣ କରିଥିଲେ । କିନ୍ତୁ ସମ୍ପୂର୍ଣ୍ଣ ହେବାର ୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏବେ ସେହି କୋଠାଟି ମୁଖ୍ୟ ରାସ୍ତା କଡରେ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ହୋଇ ରହିଛି । ପୁଣି ଗତ ୨୦୨୩ ମସିହାରେ ପୂର୍ବ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠାର ୩୦୦ ଶହ ମିଟର ବ୍ୟବଧାନରେ ଆଉ ଏକ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା । ଏହି କାମ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି କାମର ଫଳକ ବି ଲଗାଯାଇ ନାହିଁ। ନିୟମ ଉଲ୍ଲଂଘନ କରି ଏହି କାମ ଚାଲୁଥିବାରୁ ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ପ୍ରାୟ ୨ବର୍ଷ ହେବ କାମ ବନ୍ଦ ରହିଛି ।ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଜସ୍ୱ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନଥିବା ଯୋଗୁଁ ଲୋକଙ୍କ ଘର ବାରଣ୍ଡା, ଗଛମୂଳେ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଏନେଇ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ୨ବର୍ଷ ହେଲା କାମ ବନ୍ଦ ପଡ଼ିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେବି ଶୁଣୁନାହାନ୍ତି। ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ଅସୁବିଧା ଦେଖା ଦେଉଥିବା ପ୍ରକାଶ କରିଛନ୍ତି। ଏନେଇ କାର୍ଯ୍ୟର ତଦାରଖ କରୁଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ଲଳିତ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

# ମା’ ପାଟଣେଶ୍ୱରୀ ମନ୍ଦିର ଉନ୍ନତୀକରଣ କାମ ଶୀଘ୍ର ସାରିବାକୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବଲାଙ୍ଗିର, ୯ ।୧୧ (ସମିସ):** ପାଟଣା ରାଜ୍ୟର ଇଷ୍ଟଦେବୀ ମା’ ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ରୁ ୨୦୨୫କୁ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦୋବୋଉର ବିଭାଗକୁ ସୂଚନା ପ୍ରଦାନ କରିଛି । ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ କାମ। ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ଟି ଦାବି ପ୍ରଦାନ କରିଛି । ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବାହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମା’ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିଷଳ ଛାଉଣି ଲଗାଇବା ପାଇଁ ଦାବି କରାଯାଇଛି । ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ। କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିରର ବୁଦ୍ଧିଜୀବୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ। ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ




**ବଲାଙ୍ଗିର, ୯ ।୧୧(ସମିସ):** ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ତଥା ଶେଷ ସମ୍ମିଳନୀ ରେନ୍‌ବୋ ପ୍ୟାଲେସ ବଲାଙ୍ଗିରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ୧୭ଟି ଜିଲ୍ଲାରେ କାମ କରୁଥିବା ଗ୍ରାମୀଣ ବ୍ୟାଙ୍କର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି, ଆବାହକ କୋଶଲ ରାଜ୍ୟ ସମନ୍ୱୟ ସମିତି ପ୍ରମୋଦ କୁମାର ମିଶ୍ର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ସାଥୀ ଅଭିଜିତ ଗଡ଼ତ୍ୟା ସମସ୍ତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସଂଘର ସଭାପତି ପୁଲିନ ମିଶ୍ର ଅଧ୍ୟକ୍ଷତା କରି ସଭାର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ସେ ସାଧାରଣ ସମ୍ପାଦକଙ୍କ ବିବରଣୀ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶିବକରଣ ଦ୍ୱିବେଦି ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ପ୍ରଥମ ସାଧାରଣ ସମ୍ପାଦକ, ଭାରତ ଭଳି ଗ୍ରାମ୍ୟ ବହୁଳ ଦେଶରେ ଗ୍ରାମ୍ୟବ୍ୟାଙ୍କର ଭୂମିକା ଓ ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବକ୍ତା ମଧ୍ୟରେ ଛତିଶଗଡ଼ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘର କାର୍ଯ୍ୟକର୍ତ୍ତା ରୋନକ ତ୍ରିପାଠୀ, ବ୍ୟାଙ୍କ ଏମ୍ପ୍ଲୟିଜ୍ ଫେଡେରେସନର କର୍ମକର୍ତ୍ତା ପ୍ରଦୀପ ଷଡ଼ଙ୍ଗୀ ଓ ପ୍ରକାଶ ରାୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପ୍ରତିମ ପୁହାନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଦ୍ୱାରିକାନାଥ ପଟେଲ, ଉତ୍କଳଗ୍ରାମୀଣ ବ୍ୟାଙ୍କ ମହିଳା ସବ୍‌କମିଟି ର ଆବାହକ ଲତିକା ସେଠ, ଅସ୍ଥାୟୀ କର୍ମଚାରୀ ସଂଘ ସମ୍ପାଦକ ପ୍ରଦୀପ ରାଉତ, ଟ୍ରେଡ୍ ୟୁନିୟନ ନେତା ବିଭୁଦତ୍ତ ମିଶ୍ର, ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଆଲୋକ ପଧାନ, ସନୁଜିତ ମିଶ୍ର, କରୁଣାକର ପ୍ରଧାନ, ପିଙ୍କୁ ଯୋଷୀ, ବିଭୁଦତ୍ତ ପଣ୍ଡା, କୌଣ୍ଡଦର ବାଗ, ରୋହିତ ପଟ୍ଟନାୟକ, ବିଧୁଶେଖର ନନ୍ଦ, ଲିଙ୍ଗରାଜ ନାଏକ, ଶୁଭେନ୍ଦୁ କୁମାର ସାହୁ, ରୋଶନ ମିଶ୍ର ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ସଭା ପରିଚାଳନା ଦାୟିତ୍ୱ ନେଇଥିଲେ । ସାଥୀ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦର ବାର୍ଷିକ ସାଧାରଣ ସଭା

# ଧରତୀ ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ

**ବଲାଙ୍ଗିର, ୯ ।୧୧(ସମିସ):** ସ୍ଥାନୀୟ ଗୋଁଣ୍ଡୱାନା ଭବନଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବଲାଙ୍ଗିର ଜିଲ୍ଲା ଶାଖାର ବାର୍ଷିକ ସାଧାରଣସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ମୀନକେତନ ମାଝୀ ଅଧ୍ୟକ୍ଷତା କରି ପରିଷଦର ଆଭିମୁଖ୍ୟ, ଲକ୍ଷ୍ୟ, ଉପଲବ୍ଧି ବିଷୟରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବେ ଗୁଣନିଧି ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଲାଙ୍ଗିର ଯୋଗ ଦେଇ ସମାଜ ପ୍ରତି ଉତ୍ତର ଦାୟିତ୍ୱ, ସଂଗଠନର ମହତ୍ୱ ଉପରେ ସଚେତନତା ଜରୁରୀ ବୋଲି ମାର୍ଗଦର୍ଶନ କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସୁନା ବାର୍ଷିକ ବିବରଣୀ ପାଠ, ସମ୍ପାଦକ(ବିତ) ବୃନ୍ଦାବନ ନାଗ ବାର୍ଷିକ ଆୟବ୍ୟୟ, ସମ୍ପାଦକ(ସାଂସ୍କୃତିକ) ସୁରେନ୍ଦ୍ର ସେଠ୍ ଶୈକ୍ଷିକ କାର୍ଯ୍ୟାବଳି, କାର୍ଯ୍ୟକାରୀ ସଭାପତି କମଲଲୋଚନ ବିଶ୍ୱାଲ ଆର୍ଥିକ ପରିଚାଳନା ବିଷୟରେ ଉଲ୍ଲେଖ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ ସଭାପତି, ସମ୍ପାଦକ ତଥା ସଭ୍ୟମାନେ ଯୋଗଦେଇ ବିବରଣୀ ଉପସ୍ଥାପନ ସହ ପରିଷଦର ଉନ୍ନତି ଏବଂ ଧରତି ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ ବୋଲି ମତାମତ ଦେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲ୍ଲାରେ ଉଲ୍ଲେଖନୀୟ ସଭ୍ୟ ସଂଖ୍ୟା ସଂଗ୍ରହରେ ଗୁଡ଼ଭେଲା ବ୍ଲକ ପ୍ରଥମ, ଦେଓଗାଁ ବ୍ଲକ ଦ୍ୱିତୀୟ ଓ ବେଲପଡ଼ା ବ୍ଲକ ତୃତୀୟ ହୋଇଥିବାରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସଭାପତି ରଘୁନାଥ ପୁଝାରୀ, ଖୁସିରାମ ମଲ୍ଲିକ, ପ୍ରିୟବ୍ରତ କୁମୁରା, ନକୁଳ ମାଝୀ, ଡମ୍ବୁରୁଧର ଧରୁଆ, ଶୁକ୍ରୁ ଧରୁଆ, ସମ୍ପାଦକ ସତ୍ୟଜିତ ଛତ୍ରିଆ, ହୋଲେଶ୍ୱର ଧରୁଆ, କାର୍ତ୍ତିକ ହରପାଲ, ପରଶୁରାମ ସୁନା, ମହେନ୍ଦ୍ର ନାଗ, ଅଜତିତ କୁମାର ନାଗ, କଳିଙ୍ଗ ସୁନା, ଭଗତ ନାଗ, ତରୁଣ ସିଂ ଦୀପ, ସହଦେବ ଧରୁଆ, ଛବୀନ୍ଦ୍ର ବେହେରା, ଗୋପାଳ ଭୁଏ, ବିରଞ୍ଚି ମାଝୀ, ବବୁ ନାଗ, ଯୋଗେନ୍ଦ୍ର ଦଳପତି ପ୍ରମୁଖ ମତାମତ ଦେଇଥିଲେ। ନୀଳକଣ୍ଠ ସୁନା ସଭା ପରିଚାଳନା କରିଥିବା ବେଳେ ଗଦି ସୁନା ଧନ୍ୟବାଦ ଦେଇଥିଲେ ।

# ଧମାନଡାଙ୍ଗାରେ ଜାତୀୟ ବିଧି ସେବା ଦିବସ

**କାଣ୍ଟାବାଞ୍ଜି, ୯ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା କାଣ୍ଟାବାଞ୍ଜି ତାଲୁକ ବିଧି ସେବା ସମିତି ତରଫରୁ ଜାତୀୟ ବିଧି ସେବା ଦିବସ ଧମାନଡାଙ୍ଗା ସରକାରୀ ସ୍କୁଲରେ ପାଳନ କରାଯାଇଛି । ଏହି ଅବସରରେ ନିଃଶୁଳ୍କ ବିଧି ସେବା ଓ ନାଗରିକ ଅଧିକାର ସମ୍ବନ୍ଧରେ ଜନଚେତନା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସିଭିଲ ଜଜ୍ ସରୋଜିନୀ ସାହୁ, କଣ୍ଟାବାଞ୍ଜି ଜେଏମ୍‌ଏଫସି ଜଜ୍ ରାହୁଲ କୁମାର ଜେନା, ପିଏଲଭି ଜମ୍ମୁ ଛୁରା ଉପସ୍ଥିତ ଥିଲେ । ଧମାନଡାଙ୍ଗା ଗ୍ରାମର ଅନେକ ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ଅଧିକାର ବିଷୟରେ ସଚେତନତା ମଧ୍ୟ ସୃଷ୍ଟି କରାଯାଇଥିଲା ।

# ଜାତୀୟ ଆଇନ ସେବା ଦିବସ

**ବୌଦ୍ଧ, ୯ ।୧୧(ସମିସ):** ବୌଦ୍ଧ ବ୍ଲକ ସଂଗ୍ରାମପୁର ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ମୁଖ୍ୟ ଦଣ୍ଡଧୀଶକାରୀ ନିରଞ୍ଜନ ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବୌଦ୍ଧର ସଚିବ ଶ୍ରଦ୍ଧାଞ୍ଜଳି ରାୟ, ଜିଲ୍ଲା ଉପଖଣ୍ଡୀୟ ବିଚାର ବିଭାଗୀୟ ବିଚାରପତି ନିରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରିୟଦର୍ଶିନୀ ଏବଂ ନିରାଳୀ ସାମନ୍ତରାୟ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଭରତ ମେହେର, ସଂଗ୍ରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ମେଣ୍ଡେଲୀ ଏବଂ ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ୬୧ତମ ମହାବୀର ମହୋତ୍ସବ

# ମହନୀୟ କଳା ଓ ସଂସ୍କୃତିର ଅପୂର୍ବ ଭଣ୍ଡାର କଳାହାଣ୍ଡି

**ଭବାନୀପାଟଣା, ୯ ।୧୧ (ସମିସ):** ବୀର ପ୍ରସବିନୀ କଳାହାଣ୍ଡି ମାଟିର ସୁସମୃଦ୍ଧ ଐତିହ୍ୟ ଓ ଇତିହାସ ସହିତ ଅନେକ ପ୍ରଥା, ପରମ୍ପରା ଏ ମାଟିକୁ ରୁଦ୍ଧିମନ୍ତ କରିଛି। ମହନୀୟ କଳା ଓ ସଂସ୍କୃତିର ଅପୂର୍ବ ଭଣ୍ଡାର କଳାହାଣ୍ଡି ଓ ଏହାକୁ ଉଜ୍ଜୀବିତ କରି ରଖିବାରେ ଓଡ଼ିଶାର ଅଗ୍ରଗଣ୍ୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମହାବୀର ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ୬୧ତମ ମହାବୀର ମହୋତ୍ସବ ଅବସରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅତିଥି ଭାବେ ମୁଖ୍ୟଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଯତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠାନର ପତାକା ଉତ୍ତୋଳନ ପରେ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଦସ୍ୟ ଅବଦୁଲ କାଦିର, କଳାହାଣ୍ଡି ଲେଖକ କଳା ପରିଷଦର ଭବନାଥ ରାୟଗୁରୁ, ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ ପରେ ଓଡ଼ିଶାର ପ୍ରଥମ ଷ୍ଟେଜ



ରିୟଲିଟି ସୋ ଭଏସ ଅଫ କଳାହାଣ୍ଡିର ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା । ମହୋତ୍ସବର ଦ୍ୱିତୀୟ ଦିବସର ଦିବା କାର୍ଯ୍ୟକ୍ରମ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଅପରାହ୍ନରେ ବିଶିଷ୍ଟ ଉଦଘୋଷକ ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସମର୍ପିତ କର୍ମକର୍ତ୍ତା ସ୍ୱର୍ଗତ ସୁଶୀଲ ଗହୀର ସ୍ମାରକୀ ଶିଶୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଦ୍ୱିତୀୟ ଦିନର ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ସୁଧାଂଶୁ ନେଗୀ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାସ, ସମାଜସେବୀ ଶୁଭଲକ୍ଷ୍ମୀ ନାୟକ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଞ୍ଜୟ ସିଂହ, ସୁଶାନ୍ତ ସିଂହ, ପ୍ରଶାନ୍ତ ସିଂହ, ପ୍ରଦୀପ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଶାନ୍ତନୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭଏସ ଅଫ କଳାହାଣ୍ଡିର ଏଲିମିନେସନ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡିର ବିଭିନ୍ନ ଅଞ୍ଚଳରୁ ୧୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ଶୁଭେନ୍ଦୁ ପାଢ଼ୀ, ରୋଜାଲିନ ତ୍ରିପାଠୀ, ସଂଗ୍ରାମ ସରାଫ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ବୈଠକ



**ଭବାନୀପାଟଣା, ୯ ।୧୧(ସମିସ):** ସ୍ଥାନୀୟ ଶକ୍ତିନଗର ପଡ଼ା ସ୍ଥିତ ମାଁ ମଙ୍ଗଳା ଜନକଲ୍ୟାଣ କେନ୍ଦ୍ର ପରିସରରେ କଳାହାଣ୍ଡି ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ସାଂଗଠାନିକ ନିର୍ବାଚନ ୨୦୨୫ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଫେଡେରେସନର ସଭାପତି ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ‘ସକାଳ’ର ଜିଲ୍ଲା ମୁଖ୍ୟ ସ୍ୱାଧୀନ ପାତ୍ର ଯୋଗଦାନ କରିଥିଲେ ।ସଙ୍ଘକୁ ନେଇ ଜାଗରଣ ଓ ଶିକ୍ଷା ପାଇଁ ଚିନ୍ତନ ହିଁ ଆଜିର ସବୁଠାରୁ ବଡ଼ ଆହ୍ୱାନ ।ସଂଘ ପ୍ରତି ପ୍ରଘଡା ଆନ୍ତରିକତା ଏବଂ ଏକନିଷ୍ଠତାର ଭାବରେ କାର୍ଯ୍ୟକରିବା ଜରୁରୀ। ସଂଘ ଭିତରେ ପ୍ରାଣ ଓ ସ୍ପନ୍ଦନ ରହିଲେ ଯେ କୌଣସି ଆନ୍ଦୋଳନ ମାଧ୍ୟମରେ ସଫଳତା ମିଳିବା ସୁନିଶ୍ଚିତ ।ସଂଘୀୟ ନିର୍ବାଚନ ୨୦୨୫ ଆଜି ଅନୁଷ୍ଠିତ ହୋଇଯାଇଛି ।

ସଭାପତିଭାବେ ଲବ ଦୁର୍ଗା, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ଶୁକ୍ଳା, ଉପସଭାନେତ୍ରୀ ସିପ୍ରା ମହାପାତ୍ର, ଉପସଭାପତି ବିପିନ ମାଝୀ, ବିଭୂତିଭୂଷଣ ତାଣ୍ଡି, ଭୃକୁଟି ଗଉଡ, ଜଗନ୍ନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମାଝୀ, ଯୁଗ୍ମ ସମ୍ପାଦକ ଅରୁଣ ମାଝୀ, ଧନଞ୍ଜୟ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ତତ୍ତ୍ୱାବଧାରକ ଭାବରେ ସଂଘର ବରିଷ୍ଠ ଉପଦେଷ୍ଟା ସତ୍ୟନାରାୟଣ ରାଜପୁତ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଦାସ କାର୍ଯ୍ୟନିର୍ବାହ କରିଥିଲେ। ଏମ୍ ନାଗେଶ୍ୱର ଦୋରା ଅନ୍ୟତମ ଅତିଥି ଥିଲେ। ଅନିଲ କୁମାର ତ୍ରିପାଠୀ, ଜନାର୍ଦ୍ଦନ ମିଶ୍ର, ବିଶୁ ସାହୁ, ସୁଶିଲ ଦାଶ, ଭୋଦେବ ମାଝୀ ପ୍ରମୁଖ ସଭା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଲାଞ୍ଜିଗଡ଼ ବ୍ଲକ ସମ୍ପାଦକ ମନୋଜ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ମୁରଶୁଣ୍ଢୀକୁ ହରାଇ ଗିରାସିଙ୍ଗା ଚାମ୍ପିଅନ

**ବୌଦ୍ଧ, ୯ ।୧୧(ସମିସ)**



ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅଧୀନ ବଲାସିଙ୍ଗା ସାଲୁଙ୍କି ଖେଳପଡ଼ିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ ତମ ନକ୍‌ଆଉଟ୍ ଫୁଟବଲ କପ ପ୍ରତିଯୋଗିତାର ଆଜି ଫାଇନାଲ ମ୍ୟାଚ୍ ଗିରାସିଙ୍ଗା ଓ ମୁରଶୁଣ୍ଢୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ନ ଦେବାରୁ ଖେଳ ଅମୀମାଂଶିତ ରହିଥିଲା । ଫଳରେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା । ଏଥିରେ ଗିରାସିଙ୍ଗା ମୁରଶୁଣ୍ଢୀ ଦଳକୁ ୪-୩ ଗୋଲ ଦେଇ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ର ସଂଯୋଜକ ଆସମାନ ମହାକୁଡ଼, ସାମ୍ବାଦିକ ସତ୍ୟ ନାରାୟଣ ପାଣି, ସ୍ୱେଚ୍ଛାସେବୀ ବିଶି କେସନ ପ୍ରଧାନ, ଶିକ୍ଷକ ଛବିଳ ପ୍ରଧାନ, ପୂର୍ବ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ଯୋଗ ଦେଇ ଚାମ୍ପିଅନ ଗିରାସିଙ୍ଗା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ଉପବିଜେତା ମୁରଶୁଣ୍ଢୀ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା, ଗରୀବ ବେହେରା ଓ ବଳରାମ ବେହେରା ପରିଚାଳନା କରିଥିଲେ । ଦୀର୍ଘ ୭ ଦିନ ଧରି ଚାଲିଥିବା ଏହି ଫୁଟବଲ ପ୍ରତିଯୋଗିତାରେ ବାପୁଜୀ ୟୁଥ ଫୁଟବଲ କ୍ଲବ ବଲାସିଙ୍ଗାର ସଭାପତି ରାଜେଶ ସାହୁ, ଚମ୍ପେଶ୍ୱର ମହାଖୁଡ଼, ସଂଗ୍ରାମ ପୋଢ଼, ମଦନ ମୋହନ ପ୍ରଧାନ (ଗାନ୍ଧୀ), ଦିନବନ୍ଧୁ ପ୍ରଧାନ, ନିଖିଳ ପ୍ରଧାନ, ଅଲେଖ ଧଳ, ଭରତ ପ୍ରଧାନ, ପିଣ୍ଟୁ ମହାଖୁଡ଼, ରଜତ ସାହୁ, ପ୍ରିତମ୍ ପାଣିଗ୍ରାହୀ, ସୁଦାମ ମହାଖୁଡ଼, ପିଣ୍ଟୁ ପ୍ରଧାନ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କଳାହାଣ୍ଡି ମଣ୍ଡି ହେମାଲ ୟୁନିୟନର ସାଧାରଣ ସଭା

**କୋକସରା, ୯ ।୧୧(ସମିସ):** କୋକସରା ବ୍ଲକ କାଉଡୋଲା ଧାନମଣ୍ଡିଠାରେ ରବିବାର କଳାହାଣ୍ଡି ଜିଲ୍ଲା ରାଇସ ମିଲ ଏବଂ ମଣ୍ଡି ହେମାଲ ୟୁନିୟନ (ସଂଲଗ୍ନ ଭାରତୀୟ ମଜଦୁର ସଂଘ ଓଡ଼ିଶା)ର ସାଧାରଣ ସଭା



ଅନୁଷ୍ଠିତ ହୋଇଛି ।କଳାହାଣ୍ଡି ଜିଲ୍ଲା ମଣ୍ଡିହେମାଲ ୟୁନିୟନର ସଭାପତି ସୁରେନ୍ଦ୍ର ମୋହନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ମଜଦୁର ସଂଘର ପୂର୍ବତନ ପ୍ରଦେଶ ସଭାପତି ତଥା ମଣ୍ଡି ଓ ରାଇସ ମିଲ ହେମାଲ ସଂଘର ଜିଲ୍ଲା ସଭାପତି ଦେବେନ୍ଦ୍ର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ବିଏମ୍‌ଏସ୍‌ର ସଭାପତି ଲୋଚନ ସାହୁ, ଉପସଭାପତି ପଙ୍କଜ ମଙ୍ଗରାଜ, ରାଧାକାନ୍ତ ବେହେରା, ଭବାନୀ ଶଙ୍କର ରାଉତ, ଡୋଲାମଣି ସାହୁ, ନବୀନ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ଶ୍ରମିକମାନଙ୍କ ନିମନ୍ତେ ୨୧ ଟଙ୍କା ୭୦ପଇସା ବୃଦ୍ଧି କରିଥିବାରୁ ସରକାରଙ୍କୁ ଶ୍ରମିକମାନେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ପରେ ସଭାରେ ରାଇସ ମିଲ ଏବଂ ମଣ୍ଡି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା । ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରମିକମାନଙ୍କ ମତାମତ ନିଆଯାଇଥିଲା। ସମସ୍ତଙ୍କ ମତାମତ ପରେ ଶ୍ରମିକମାନଙ୍କ ପାଇଁ ଡ୍ରେସ୍‌କୋଡ଼, ସାମାଜିକ ନିରାପତ୍ତା ଓ ଇପିଏଫ୍ ଆଦି ବିଷୟରେ ସରକାରଙ୍କୁ ଦାବି ଉପସ୍ଥାପନ କରିଥିଲେ । ସଭାକୁ ୟୁନିୟନର ସଭାପତି ସୁରେନ୍ଦ୍ର ମୋହନ କର ସଂଯୋଜନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶ୍ରମିକମାନେ ଯୋଗ ଦେଇଥିଲେ ।

ସକାଳ
THE SAKALA



### ଉପନିର୍ବାଚନ କାର୍ଯ୍ୟରେ ବାୟୁସେନାର ଉପଯୋଗ

# ୮ ମାଓ ଉପଦ୍ରୁତ ବୁଥ୍‌କୁ ଯିବ କପ୍ଟର



**ନୂଆପଡ଼ା, ୯ ।୧୧(ସମିସ)**

ଭାରତୀୟ ବାୟୁସେନାର ହେଲିକେପ୍ଟର ପ୍ରଥମ ଥର ପାଇଁ ରାତିରେ ନୂଆପଡ଼ା ଜିଲ୍ଲାର ଗୋତମା ଉଡାଜାହାଜ ପଡ଼ିଆରେ ନିରାପଦ ଭାବେ ଅବତରଣ କରିଛି । ଶନିବାର ରାତି ୮ଟା ୧୦ମିନିଟରେ ସଫଳ ଭାବେ ଅବତରଣ କରିଛି । ସୂଚନା ଯୋଗ୍ୟ ଯେ ନୂଆପଡ଼ା ଉପନିର୍ବାଚନରେ ସାମିଲ ପୋଲିଂ ପାର୍ଟିଗୁଡ଼ିକର ସୁନାବେଡ଼ା ମାଓ ପ୍ରଭାବିତ ମତଦାନ କେନ୍ଦ୍ରକୁ ପରିବହନ ପାଇଁ ଏହି ବାୟୁସେନାର ବିମାନ ଉପଯୋଗ କରାଯିବ । ସେଥିପାଇଁ ରାତିରେ କିପରି ଏହା ବିଭିନ୍ନ ଜାଗାରେ ସଫଳ ଭାବରେ ଅବତରଣ କରି ପାରିବ ସେଥିପାଇଁ ଗୋତମା ଉଡାଜାହାଜ ପଡ଼ିଆରେ ପରୀକ୍ଷା କରାଯାଇଥିଲା । ସେଥି ସକାଶେ ଏନଜିଭି(ନେଚୁରାଲ ଗ୍ୟାସ ଭେହିକିଲ) ଲାଇଟ ଗୁଡ଼ିକୁ ୨ ଦିନ ମଧ୍ୟରେ ଦିଲ୍ଲୀରୁ ସଂଗ୍ରହ କରାଯାଇଥିଲା । ଲାଇଟ ଗୁଡ଼ିକୁ ସଫଳ ପରୀକ୍ଷଣ କରାଯାଇଥିଲା ।ପରୀକ୍ଷଣ ସଫଳ ହେବା ପରେ ହେଲିକେପ୍ଟର ସଫଳ ଅବତରଣ କରିଛି ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାସ ସୂଚନା ଦେଇଛନ୍ତି । ସୋମବାର ଏଠାରୁ ପୋଲିଂ ଟିମ୍‌କୁ ନେଇ ଉଡାଣ କରିବ ବୋଲି କୁହାଯାଇଛି ।

# ଜିଲ୍ଲାବାସୀ ନିଶ୍ଚିତ ଭାବେ ଆସ୍ଥା ପ୍ରକଟ କରିବେ: ମନମୋହନ




**ନୂଆପଡ଼ା, ୯ ।୧୧(ସମିସ):** ନୂଆପଡ଼ା ଉପନିର୍ବାଚନର ଆଜି ଥିଲା ଶେଷ ଦିବସ । ଏହି ଉପଲକ୍ଷେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନ ମୋହନ ସାମଲ ସାମ୍ବାଦିକ ସମ୍ମିଳନୀ କରିଥିଲେ । ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ପ୍ରତି ଜିଲ୍ଲାବାସୀ ନିଶ୍ଚିତ ଭାବେ ଆସ୍ଥା ପ୍ରକଟ କରି ତାଙ୍କ ସପକ୍ଷରେ ମତ ସାବ୍ୟସ୍ତ କରିବେ ବୋଲି କହିଥିଲେ । ସମ୍ମିଳନୀରେ ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ, ଖାମ ସିଂ ମାଝୀଙ୍କ ସମେତ ବହୁ ବିଜେପି କର୍ମୀ ସାମିଲ ହୋଇଥିବା ବେଳେ ବିଜେପି ମିଡ଼ିଆ ସେଲ ରାଜ୍ୟ ପ୍ରମୁଖ ମାନସ ବକ୍ସି ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାରେ ବିଜେପିକୁ ଆସ୍ଥା ଦେଇ ସରକାର ଗଠନରେ ସହାୟତା କରିଛନ୍ତି ।ନୂଆପଡ଼ାରେ ମଧ ବିଜେପି ସୁନିଶ୍ଚିତ ବିଜୟୀ ହେବ ବୋଲି କହିଛନ୍ତି ।

### ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ପ୍ରଥମ

# ପୋଲିଂ ଅଧିକାରୀଙ୍କୁ ଘରୁ ବସ୍‌ରେ ଆଣିବ ପ୍ରଶାସନ

**ନୂଆପଡ଼ା, ୯ ।୧୧ (ସମିସ):** ଆଗରୁ ନିର୍ବାଚନରେ ନିୟୋଜିତ ପୋଲିଂ କର୍ମଚାରୀମାନେ ନିଜ ନିଜ ଖର୍ଚ୍ଚରେ ଏବଂ ନିଜ ସାଧନରେ ସୁଦୂର ନୂଆପଡ଼ାକୁ ଆସି ହଇରାଣ ହେଉଥିଲେ । ନୂଆପଡ଼ା ବିଧାନସଭା-୭୧ଉପନିର୍ବାଚନ ପାଇଁ ମତଦାନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ସୁବିଧାଜନକ ଯାତାୟାତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସମୁଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କ ଅନୁରୋଧକ୍ରମେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ୯ଟି ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାର ବସ୍ ନିୟୋଜିତ କରାଯିବ ।ଏହି ବସ୍‌ଗୁଡ଼ିକ ନିର୍ବାଚନ ଆଗ ଦିନ ୧୦ ନଭେମ୍ବରରେ ପୋଲିଂ କର୍ମଚାରୀମାନଙ୍କୁ ନିଜ ନିଜ ବ୍ଲକ ମୁଖ୍ୟାଳୟରୁ ନ୍ୟାସନାଲ କଲେଜ, ନୂଆପଡ଼ାରେ ଥିବା ଡିସବର୍ସାଲ ସେଣ୍ଟରକୁ ଆଣିବ । ଓଏସଆରଟିସି ଜିଲ୍ଲା ପ୍ରବନ୍ଧକ ନୂଆପଡ଼ାଙ୍କ ଦ୍ୱାରା ଜାରି ହୋଇଥିବା ପତ୍ର ଅନୁଯାୟୀ, ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକରୁ ମୋଟ ୯ଟି ବସ୍ ଚାଲିବ । ରାନିମୁଣ୍ଡା, ସୁନାରିସିକୁଆଁ ଓ ବରଗାଁ ରୁଟ୍‌ରେ ସକାଳ ୫ଟାରେ, ଘାଟମାଲ, ଗୋର୍ଲା ଓ ଲିଆଡ ରାସ୍ତାରେ ଭୋର ୪.୩୦ରେ ଏବଂ ବୋଡେନ ବ୍ଲକର ରୋକାଲ, ନାଗପଡ଼ା ଓ ଭଇସାଦାନି ରାସ୍ତାରେ ବସ୍ ସକାଳ ୫.୩୦ରେ ବ୍ଲକ ମୁଖ୍ୟାଳୟମାନଙ୍କରୁ ଛାଡ଼ିବ ।ଏହାଦ୍ୱାରା ଜନସାଧାରଣ ଯାତାୟାତରେ ବିଶେଷ ଅସୁବିଧା ହେବନାହିଁ କାରଣଏହି ୯ଟି ରୁଟ୍‌ରେ କେବଳ ପ୍ରଥମ ଟ୍ରିପ୍ ବାତିଲ ହେବ ବୋଲି ଜିଲ୍ଲା ପ୍ରବନ୍ଧକ ଜଣାଇଛନ୍ତି । ସମସ୍ତ ପୋଲିଂ କର୍ମଚାରୀଙ୍କୁ ସକାଳ ୭ଟା ପୂର୍ବରୁ ଡିସବର୍ସାଲ ସେଣ୍ଟରରେ ପହଞ୍ଚିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନୂଆପଡ଼ା ନିର୍ବାଚନ ମଣ୍ଡଳୀର କୌଣସି ଅଧିକାରୀମାନଙ୍କୁ ପ୍ରିଜାଇଡିଂ କିମ୍ବା ପୋଲିଂ ଅଧିକାରୀ ଭାବରେ ନିୟୋଜିତ କରାଯାଇନାହିଁ । ଏହି ବସ୍ ଦ୍ୱାରା ଅନ୍ୟ ବ୍ଲକର ଅଧିକାରୀମାନେ ନିର୍ଦ୍ଧାରିତ ସମୟରେ ନ୍ୟାସନାଲ କଲେଜ, ନୂଆପଡ଼ାରେ ଥିବା ଡିସପର୍ସାଲ ସେଣ୍ଟରରେ ପହଞ୍ଚି ପାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି ।




# ଓଡ଼ିଶାରେ ଆମେ ମଞ୍ଜି ବୁଣୁଛୁ, ଆଗାମୀ ଦିନରେ ଗଛ ହେବ

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ଅଖିଳେଶ

**ନୂଆପଡ଼ା, ୯ ।୧୧(ସମିସ):** ବିହାର ନିର୍ବାଚନର ବ୍ୟସ୍ତତା ଛାଡି ମୁଁ ଓଡ଼ିଶା ଆସିଛି । ଓଡ଼ିଶାରେ ଆମେ ବର୍ତ୍ତମାନ ମଞ୍ଜି ବୁଣୁଛୁ । ଆଗାମୀ ଦିନରେ ଏହା ଗଛର ରୂପ ନେବ । ଏଥିପାଇଁ ଓଡ଼ିଶାବାସୀଙ୍କ ଏହି ଭବ୍ୟ ସ୍ୱାଗତ ଆମରି ଦଳ ପାଇଁ ଶୁଭଙ୍କର ହୋଇଛି ବୋଲି ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟ ମନ୍ତ୍ରୀ ଅଖିଳେଶ ସିଂ ଯାଦବ କହିଛନ୍ତି । ଶ୍ରୀ ଯାଦବ ରବିବାର ଦିନ ନୂଆପଡ଼ା ଆସି ନିଜର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ ।ନୂଆପଡ଼ା ଉପନିର୍ବାଚନ ପାଇଁ ବହୁ ରାଜ୍ୟ ତଥା ଜାତୀୟସ୍ତରୀୟ ନେତାଙ୍କ ପ୍ରଚାର କାର୍ଯ୍ୟକ୍ରମ ହୋଇଥିବା ବେଳେ ଶେଷ ଦିନରେ ସ୍ଥାନୀୟ ପୁଲିସ ପଡ଼ିଆରେ ଆୟୋଜିତ ହୋଇଥିଲା ସମାଜବାଦୀ ପାର୍ଟିର ପ୍ରଚାର କାର୍ଯ୍ୟକ୍ରମ । ରାଜ୍ୟ ସଭାପତି ଶିବ ହାତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଯାଦବ ଯୋଗଦେଇ ବିଜେପିକୁ ଟାର୍ଗେଟ କରି ଡବଲ ଇଞ୍ଜିନର ସରକାର ଚାଲିଛି ବୋଲି ଓଡ଼ିଶାରେ କହୁଛନ୍ତି ହେଲେ ଗୋଟିଏ ଇଞ୍ଜିନ ମଦ କାରବାର କରୁଥିବା ବେଳେ ଅନ୍ୟଟି ଗଞ୍ଜେଇ ଚାଷ କରୁଛି । ଏହି ଦଳ ସହ ଯିଏ ବି ହାତ ମିଳାଇବ ତାର ଶେଷ ଦିନ ହେବ ବୋଲି କହିଥିଲେ । ଓଡ଼ିଶାରେ ଗମନାଗମନ ବ୍ୟବସ୍ଥା ଫେଲ ମାରିଛି । ଏଠାରେ ରୋଜଗାର ବ୍ୟବସ୍ଥା ମଧ ଠିକ ନାହିଁ ବୋଲି କହିଛନ୍ତି । ଏଠାରେ ବାବାସାହେବଙ୍କ ଆଦର୍ଶକୁ ସମ୍ମାନ ଦେବାକୁ ଆସିଛି । ପଛୁଆ ବର୍ଗ, ଅନୁସୂଚୀତ ଜାତି ଓ ଜନଜାତି, ଅଳ୍ପ ସଂଖ୍ୟକ ବର୍ଗଙ୍କୁ ଉଚିତ ସମ୍ମାନ ମିଳୁନାହିଁ । ଆରକ୍ଷଣର ରକ୍ଷଣ ପାଇଁ ସମ୍ବିଧାନର ସୁରକ୍ଷା ଦେବାକୁ ଆମେ ଅଙ୍ଗୀକାର ବଦ୍ଧ ହେବା ।ଓଡ଼ିଶା ଏକ ସଂସ୍କୃତି, ପରମ୍ପରାର ରାଜ୍ୟ ।ଏଠିକାର ମର୍ଯ୍ୟାଦା ରକ୍ଷା କରିବା । ନୂଆପଡ଼ା ଉପନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବରେ ଛିଡା ହୋଇଥିବା ରମାକାନ୍ତ ହାତୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ ।ଏହି ଅବସରରେ ରାଜ୍ୟ ପ୍ରଭାରୀ ତଥା ଉତ୍ତରପ୍ରଦେଶର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ସୁନୀଲ କୁମାର ଯାଦବ ମଞ୍ଚ ପରିଚାଳନା କରିଥିଲେ । ପ୍ରଦୀପ କୁମାର ମିଶ୍ର, ମନତୋଷ ଯାଦବ, ଦିଗପାଲ ନାଗ, ତନର ମହମ୍ମଦ ପ୍ରମୁଖ ସାମିଲ ରହିଥିଲେ ।





# ନିର୍ବାଚନ ବ୍ୟୟ ସମୀକ୍ଷା କଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

**ନୂଆପଡ଼ା, ୯ ।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ ପାଣ୍ଡେ, ଭାରତୀୟ ରାଜସ୍ୱ ସେବା, ନିର୍ବାଚନ ଖର୍ଚ୍ଚ ତଦାରଖ ବୈଠକରେ ଆଜି ଯୋଗଦେଇ ଥିଲେ । ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ଓ ନିରପେକ୍ଷ ଭାବରେ ପରିଚାଳିତ କରିବା ସହିତ ସମଗ୍ର ପ୍ରକ୍ରିୟାର ଖର୍ଚ୍ଚକୁ ନେଇ ସମୀକ୍ଷା ବୈଠକ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାଁ, ଡିଏଫ୍‌ଓ କେନ୍ଦୁପତ୍ର, ଏ ମାଧବୀ ଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅବକାରୀ ଅଧିକ୍ଷକ, ଆର୍‌ଟିଓ, ନିର୍ବାଚନ ଖର୍ଚ୍ଚ ତଦାରଖ କମିଟିରେ ଥିବା ସମସ୍ତ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ନିର୍ବାଚନ ଖର୍ଚ୍ଚ ସହିତ ସମ୍ପୃକ୍ତ ବିଭିନ୍ନ କମିଟିର ମୁଖ୍ୟମାନଙ୍କ ସହିତ ଆଲୋଚନା କରି ସେମାନେ ନେଇଥିବା ବିଭିନ୍ନ ପଦକ୍ଷେପର ତର୍ଜମା କରିଥିଲେ । ନିର୍ବାଚନ ଶେଷ ତିନି ଦିନ ସମସ୍ତ କମିଟି ତଥା ନିଯୁକ୍ତ ଅଧିକାରୀମାନେ ସମ୍ପୂର୍ଣ ସତର୍କତାର ସହ ଦାୟିତ୍ୱ ନିର୍ବାହ କରିବା ପାଇଁ ଆହ୍ୱାନ ଦେଇଥିଲେ । ରବିବାର ଅପରାହ୍ନ ୪ଟାରୁ ଡ୍ରାଇ ଡେ ଆରମ୍ଭ ହୋଇ ଯାଇଥିବାରୁ ଜିଲ୍ଲାର ସମସ୍ତ ମଦ ଦୋକାନ ଦୁଇ ଦିନ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିବ । ଜିଲ୍ଲାକୁ ପ୍ରବେଶ କରୁଥିବା ସମସ୍ତ ଗାଡ଼ି, ମଲ୍, ହୋଟେଲ, ଲଜ୍, ବିବାହ ହଲ୍, ମଣ୍ଡପମାନଙ୍କ ଉପରେ ସ୍ୱତନ୍ତ୍ର ନଜର ରହିବ ।ଏଲ୍‌ଡିଏମ୍ ବ୍ୟାଙ୍କ୍ ନେଣ ଦେଣ, ଆରଟି ଓ ସନ୍ଦିଗ୍ଧ ଗାଡ଼ି ମଟର ଓ ଡ୍ରଗ ଇନ୍ସପେକ୍ଟର ଔଷଧ ଦୋକାନ ଉପରେ ନଜର ରଖିବେ ।ସିଭିଜିଲ୍ ଟିମ୍ ୨୪ଘଣ୍ଟା ଜାଗ୍ରତ ରହି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ କରିବେ । ସମସ୍ତ ଟିମ୍ ପରସ୍ପର ମଧ୍ୟରେ ଉତ୍ତମ ଯୋଗା ଯୋଗ ରକ୍ଷା କରି ସାମୂହିକ ଭାବରେ କାମ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ ।



## ଅଧିକାରୀମାନଙ୍କୁ ସତର୍କ କଲେ

### ବିତରଣ ଏବଂ ଗ୍ରହଣକେନ୍ଦ୍ର ଅଧିକାରୀ ଏବଂ କର୍ମଚାରୀଙ୍କୁ ତାଲିମ

# ସମର୍ପିତ ଭାବରେ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ନୂଆପଡ଼ା, ୯ ।୧୧(ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନର ବିତରଣ ଏବଂ ଗ୍ରହଣ କେନ୍ଦ୍ର ଦାୟୀତ୍ୱରେ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ନୂଆପଡ଼ା ତାଲିମ ପ୍ରଦାନ କରିଥିଲେ । ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଉପନିର୍ବାଚନରେ ସ୍ଥାନୀୟ ନ୍ୟାସନାଲ କଲେଜରେ ଥିବା ବିତରଣ କେନ୍ଦ୍ରରୁ ୧୦ ତାରିଖ ଦିନ ପୋଲିଂ ଅଧିକାରୀମାନେ ନିଜ ନିଜ ବୁଥ ଅଭିମୁଖେ ଭୋଟିଂ ମେସିନ ଓ ସମସ୍ତ ସାମଗ୍ରୀ ସହ ଗସ୍ତ କରିବେ । ନିର୍ବାଚନ ସମାପ୍ତ ପରେ ପୁଣି ଏହି ସବୁ ସାମଗ୍ରୀ ସଂଗ୍ରହ କରାଯିବ । ସଠିକ ଭାବରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ତଥା ରିଟର୍ଣ୍ଣ ଅଫିସର ସୁର୍ମି ସୋରେନ, ଡେପୁଟି କଲେକ୍ଟର ନିର୍ବାଚନ ଶେଖ ନସିମ ପ୍ରମୁଖ ସମସ୍ତ ଅଧିକାରୀଙ୍କୁ ନିଜ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ସମର୍ପିତ ଭାବରେ ସମସ୍ତେ ଦାୟୀତ୍ୱ ସହିତ ନିର୍ବାଚନ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।





### ନୂଆପଡ଼ା ପାଇଁ କିଛି କରିନାହାନ୍ତି ବୋଲି ହେଲିକପ୍ଟର ଦେଖାଇବାକୁ ପଡୁଛି: କଂଗ୍ରେସ

# ନିର୍ବାଚନ ଅଧିକାରୀ ଓ ବିଜେପିର ମଧୁଚନ୍ଦ୍ରିକାକୁ ଜନତା ପ୍ରତ୍ୟାଖ୍ୟାନ କରିବେ

**ନୂଆପଡ଼ା, ୯ ।୧୧(ସମିସ):** ନୂଆପଡ଼ାର ଖୁଣ୍ଟିଆ ଭବନରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ନୂଆପଡ଼ା ବାସୀ ଓ ରାଜ୍ୟ ରାଜନୀତି ପାଇଁ ଆଜି ଏକ ଐତିହାସିକ ମୁହୂର୍ତ୍ତ । ଉପନିର୍ବାଚନରେ ସରକାରୀ ଅଫିସର ଏବଂ ବିଜେପି ଦଳର ସମ୍ପର୍କ ପଦାରେ ପଡ଼ିଛି । ସୁଭଦ୍ରା ମେଳା ଆୟୋଜନ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଲା । ମେଳା ସରିବା ପରେ ଆଜି ପର୍ଯ୍ୟନ୍ତ ତୋରଣ ଏବଂ ସାଜସଜ୍ଜା ଅପସାରିତ କରି ନାହାନ୍ତି ।ଏହାକୁ ନେଇ କଂଗ୍ରେସ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ କରାଯାଇଥିଲା କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ । ମେଳା ପାଖରେ ବିଜେପିର ନିର୍ବାଚନ କାର୍ଯ୍ୟାଳୟ, ମେଳା ମଣ୍ଡପକୁ ବିଜେପି ଦଳ ଖୋଲାଖୋଲି ବ୍ୟବହାର କରୁଛି । ଏକ ନିର୍ଦ୍ଦିଷ୍ଟ ୱେବ ଚ୍ୟାନେଲ ପିସିସି ସଭାପତି ଓ ତାଙ୍କ ବିଧାୟକ ପୁତ୍ରଙ୍କ ଚରିତ୍ର ସଂହାର କରୁଛି । କଂଗ୍ରେସର ୩୪ ସାଂଗଠାନିକ ଜିଲ୍ଲା ସଭାପତି ଶହ ଶହ କର୍ମକର୍ତ୍ତାଙ୍କ ସହିତ ସାଇବର ଥାନାକୁ ଯାଇ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀ ସାମାନ୍ୟତମ ପଦକ୍ଷେପ ଗ୍ରହଣ କଲେ ନାହିଁ । ଏଥିରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ବିଜେପି ଦଳ ସହିତ ମିଶି ନିର୍ବାଚନ ଲଢୁଛି । ନିର୍ବାଚନ ମୋଟେ ନିରପେକ୍ଷ ହେଉନାହିଁ । ଏହା ସତ୍ତ୍ୱେ ନୂଆପଡ଼ାରେ କଂଗ୍ରେସ ଅଧିକ ଲୋକପ୍ରିୟ, ଆଗୁଆ ଓ ସଂଗଠିତ । କଂଗ୍ରେସର ବରିଷ୍ଠ ନେତାଗଣ ଆସି ମିଳିତ ଭାବରେ ପ୍ରଚାର କାର୍ଯ୍ୟ କରିଛନ୍ତି । ଦୁଃଖର କଥା, କଂଗ୍ରେସକୁ ସଭା, ସମିତି, ଶୋଭାଯାତ୍ରା ପାଇଁ ପ୍ରଶାସନ ଅନୁମତି ଦେଉନାହିଁ । କିନ୍ତୁ ବିଜେପି ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଉଛି । ଯେତେ ପାତର ଅନ୍ତର ଓ ଆଚରଣ ବିଧି ଉଲ୍ଲଂଘନ କଲେ ମଧ ଏମାନଙ୍କ ଚକ୍ରାନ୍ତ କେବେ ସଫଳ ହେବନାହିଁ । ଘାସିରାମ ଜୟଯୁକ୍ତ ହେବେ ଏବଂ ସେ ହିଁ କେବଳ ନୂଆପଡ଼ାର ବିକାଶର କାର୍ଯ୍ୟ କରିବାକୁ ଯୋଗ୍ୟ ପ୍ରାର୍ଥୀ । ବିଜେପିର କୋଟି କୋଟି ଟଙ୍କାର ଖେଳ ଚାଲିଛି । କିନ୍ତୁ ପ୍ରଶାସନ ଆଖି ବୁଜି ଦେଇଛି । ତେବେ ୨୫ ବର୍ଷ ଧରି ଅବହେଳିତ ନୂଆପଡ଼ାବାସୀ ପଇସାରେ ବିକ୍ରି ହେବେ ନାହିଁ । ଲୋକେ କହୁଛନ୍ତି ତାଙ୍କ ଠୁ ଖାଇବୁ କିନ୍ତୁ ଘାସିରାମକୁ ଭୋଟ ଦେଇ ଜିତେଇବୁ । ଶ୍ରୀ ଜେନା କହିଛନ୍ତି ମାଟିର ପୁଅ ଘାସିରାମ ବିଧାୟକ ହେବ ବୋଲି ନୂଆପଡ଼ାବାସୀ ନିଷ୍ପତ୍ତି ନେଇ ସାରିଛନ୍ତି ।

### ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେଲେ ନୂଆପଡ଼ାର ସୀମାନ୍ତ ଭୋଟର

# ନବୀନଙ୍କ ଭଳି ମୁଖ୍ୟମନ୍ତ୍ରୀ ମିଳିବେନି

**ସିନାପାଲି, ୯ ।୧୧(ସମିସ)**

ଓଡ଼ିଶାର ପଡୋଶୀ ରାଜ୍ୟ ଛତିଶଗଡ଼କୁ ଦୀର୍ଘ ବର୍ଷ ଧରି ଶାସନ କରି ଆସୁଥିବା ବିଜେପି ଓ କଂଗ୍ରେସ ସରକାର ଅମଳରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇ ନ ଥିବା ବେଳେ ସୀମାନ୍ତ ଛତିଶଗଡ଼ ସୀମାନ୍ତବାସୀ ଅବ୍ୟବସ୍ଥାରେ ରହୁଛନ୍ତି । ବର୍ତ୍ତମାନ ର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ନୂଆପଡ଼ା ଉପ ନିର୍ବାଚନରେ ପଡ଼ୋଶୀ ନୂଆପଡ଼ାକୁ ଆସି ଯେଉଁ ବାହସ୍କୋଟ ମାରିଛନ୍ତି ତାକୁ ନୂଆପଡ଼ା ବାସୀ ସହଜରେ ଗ୍ରହଣ କରୁ ନ ଥିବା ବେଳେ ନିଜ ଅଞ୍ଚଳରେ ରହୁଥିବା ସମସ୍ୟା ସମାଧାନ କରିପାରୁ ନ ଥିବା ବେଳେ ନୂଆପଡ଼ା ରେ ବିକାଶ ଚିନ୍ତା କରୁଥିବା କେତେଦୂର ଯୁକ୍ତି ଯୁକ୍ତ ବୋଲି ନୂଆପଡ଼ା ଭୋଟର ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ନୂଆପଡ଼ା ଜିଲ୍ଲାର ସୀମାନ୍ତକୁ ଲାଗି ରହିଥିବା ଛତିଶଗଡ଼ ରାଜ୍ୟର ସୀମାନ୍ତବାସୀ ଅନେକ ସମସ୍ୟା ଦେଇ ଗତି କରୁଥିବା ବେଳେ ଏଠାରେ ଶାସନ କରୁଥିବା ବିଜେପି ସରକାର ତାଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ସୀମାନ୍ତ ଛତିଶଗଡ଼ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିବା ସହ ଓଡ଼ିଶାର ପୂର୍ବ ନବୀନ ସରକାରଙ୍କୁ ଭୂୟସି ପ୍ରଶଂସା କରିବାକୁ ଆଦୌ ପଛାଇ ନାହାନ୍ତି । ଓଡ଼ିଶାରେ ହୋଇଥିବା ବିକାଶ ସାଙ୍ଗକୁ ଓଡ଼ିଶାରେ ନବୀନ ସରକାର ଶାସନ ସମୟରେ ହୋଇଥିବା ରାସ୍ତା ଗମନାଗମନକୁ ବେଶ୍ ପ୍ରଶଂସା କରିଥିବା ବେଳେ ରୂପାନ୍ତରିତ ବିଦ୍ୟାଳୟ ର ରୂପରେଖକୁ ନେଇ ଛତିଶଗଡ଼ ସୀମାନ୍ତରେ ବସବାସ କରୁଥିବା ଗ୍ରାମର ଜନସାଧାରଣ ତାଙ୍କ ସରକାରଙ୍କ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ଛତିଶଗଡ଼ ରାଜ୍ୟର ସୀମାକୁ ଲାଗି ନୂଆପଡ଼ା ଜିଲ୍ଲା ରହିଛି । ସେଠିକାର ବିକାଶ ଓ ନବୀନ ସରକାର ଅମଳ ସମୟର ବିକାଶ ମଧ୍ୟରେ ଢେର ପାର୍ଥକ୍ୟ ରହିଛି । ଯାହା ଛତିଶଗଡ଼ ଜନସାଧାରଣଙ୍କ ମନରେ ଏକ ଉନ୍ମାଦନ ସୃଷ୍ଟି କରିବା ସହ ସେଠିକାର ବାସିନ୍ଦା କହୁଛନ୍ତି ନବୀନ ଭଳି ଶାସିତ ମୁଖ୍ୟମନ୍ତ୍ରୀ ଆମ ରାଜ୍ୟରେ ମିଳିବେନି । କାହିଁକି ନା ଆମେ ପଡ଼ୋଶୀ ହୋଇ ସବୁକିଛି ଦେଖୁଛୁ । ସବୁ ସୁବିଧା ନବୀନ ଦେଇଥିଲେ ହେଲେ ଆମେ କିଛି ପାଇଲୁନି । ଆମ ଛତିଶଗଡ଼ର ଅନେକ ରାସ୍ତା ଦୁଇଟି ଗାଡ଼ି ଏକା ସାଙ୍ଗରେ ପାରି ହେବା ମୁସ୍କିଲ ହୋଇ ପଡ଼ିଥିବା ବେଳେ ଓଡ଼ିଶାର ଗଳିକନ୍ଦି ପୁରପଲ୍ଲୀ ରାସ୍ତା ଚକାଚକ୍ ବୋଲି କହିଛନ୍ତି । ସେହିଭଳି ଗୋଟିଏ ଜାଗା ରେ ଗାଁ ରହିଛି । ସୀମାନ୍ତରୁ ଦୁଇ ପାଦ ଗଲେ ଓଡ଼ିଶା ସେପଟେ ଓଡ଼ିଶା ଏପଟେ ଛତିଶଗଡ଼ ହେଲେ ଓଡ଼ିଶାର ବିଦ୍ୟାଳୟ ଚକାଚକ୍ ଦିଶୁଥିବା ବେଳେ ଛତିଶଗଡ଼ ରାଜ୍ୟ ର ବିଦ୍ୟାଳୟ ଭଙ୍ଗା ଦଦରା ତ ଆଉ କେଉଁଠି ଭାଙ୍ଗି ରୁଚି ଯାଇଛି ତ ଆଉ କେଉଁଠି ପାଚେରୀ ଭାଙ୍ଗି ଗାଇ ଗୁହାଳ ଠାରୁ କମ ନାହିଁ । ଏଭଳି ପରିସ୍ଥିତିରେ ଛାତ୍ର ଛାତ୍ରୀ କିଭଳି ପାଠ୍ୟ ଗ୍ରହଣ କରି ନିଜର ଜୀବନ ସାର୍ଥକ କରିବେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୀମାନ୍ତବାସୀ ।ଛତିଶଗଡ଼ ରାଜ୍ୟରେ କଂଗ୍ରେସର ଅଜିତ ଯୋଗି ସରକାର ୫ ବର୍ଷ ଓ ପରେ ବିଜେପିର ରମଣ ସିଂ ସରକାର ୧୫ ବର୍ଷ ଓ ଭୂପେଶ ବଘେଲ ସରକାର ୫ ବର୍ଷ ବର୍ତ୍ତମାନ ବିଷ୍ଣୁଦେବ ସାଏ ସରକାର ଶାସନ ଭାର ଦାୟିତ୍ୱ ତୁଲାଇଥିଲେ ମଧ ସେଭଳି ବିକାଶ ହୋଇ ନାହିଁ । ଆଜି ବି ଛତିଶଗଡ଼ ଅଞ୍ଚଳର ଲୋକେ ଦାଦନ ଖଟି ବାହାର ରାଜ୍ୟକୁ ଯାଇଥିବା ବେଳେ ସୀମାନ୍ତରେ ଗମନା ଗମନ ପାଇଁ ଭଲ ରାସ୍ତାଟିଏ ହୋଇ ପାରିନାହିଁ । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି କ୍ଷେତ୍ରରେ ଅବହେଳିତ ହୋଇ ରହିଛି ଯାହାକୁ ସୀମାନ୍ତବାସୀ ଦେଖିଲେ ଅନୁଭବ କରି କହିବାକୁ ପଛାଉ ନାହାନ୍ତି ନବୀନ ସରକାରଙ୍କ ସମୟର ବିକାଶ ଚିତ୍ର । ଏପଟେ ନିଜ ଘର ଭଙ୍ଗା ଦଦରା ହୋଇ ପଡ଼ିଥିବା ବେଳେ ଅନ୍ୟ ରାଜ୍ୟକୁ ଆସି ବାହା ସ୍କୋଟ ମାରିବା କେତେଦୂର ସମିଚୀନ ବୋଲି ନୂଆପଡ଼ା ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି ।





## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମାନ ସମ୍ମାନ ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୪୦- ରୋମାନିଆରେ ଆସିଥିବା ଭୂମିକମ୍ପରେ ୧୦୦୦ ଲୋକଙ୍କ ପ୍ରାଣହାନି, ୪୦୦୦ରୁ ଅଧିକ ଆହତ।
- ୧୯୫୧- ଆମେରିକାରେ ପ୍ରଥମ ଥର ପାଇଁ ଡାଇରେକ୍ଟ ଡାଏଲିଙ୍ଗ୍ ଫୋନ୍ ସେବାର ଆରମ୍ଭ ହେଲା।
- ୧୯୮୩- ବିଲ୍ ଗେଟ୍ସ୍ ୱିଣ୍ଡୋଜ୍ ୧.୦ ଆରମ୍ଭ କଲେ।
- ୨୦୦୧- ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମିଳିତ ଜାତିସଂଘକୁ ସମ୍ବୋଧିତ କରିଥିଲେ।

# ଘୁଞ୍ଚିଲା 'ଆଲ୍‌ଫା'ର ରିଲିଜ୍


ଆଲିଆ ଭଟ୍ଟ, ଶରବରି ୱାଗ୍, ଅନୀଲ କପୁର ଓ ବବି ଦେଓଲଙ୍କ ସ୍ପାଇ ଥ୍ରିଲର୍ ଫିଲ୍ମ 'ଆଲ୍‌ଫା' ଆସନ୍ତା ଡିସେମ୍ବରରେ ରିଲିଜ୍ ହେବ ନାହିଁ। ଏହି ଫିଲ୍ମ କ୍ରିସ୍‌ମାସ୍ ଅବସରରେ ଆସନ୍ତା ଡିସେମ୍ବର ୨୫ ତାରିଖରେ ରିଲିଜ୍ ହେବାର ଥିଲା। ପୋଷ୍ଟ ପ୍ରଡକ୍ସନ୍ ଟିମ୍‌କୁ ଫିଲ୍ମର ଭିଏଫ୍‌ଏକ୍ସ ସିନ୍‌ଗୁଡ଼ିକ ଉପରେ କାମ କରିବା ପାଇଁ ଆହୁରି ସମୟ ଦରକାର। ଅନ୍ୟପକ୍ଷରେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ 'ପଠାନ୍' ଭଳି ସଫଳତା ହାସଲ କରୁ ବୋଲି ଚାହୁଁଛି। ଏଥିପାଇଁ ଏହାର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି। ଏନେଇ ଯଶରାଜ ବ୍ୟାନର୍ ପକ୍ଷରୁ କୁହାଯାଇଛି, 'ଆଲ୍‌ଫା' ଆମ ପାଇଁ ଏକ ସ୍ୱତନ୍ତ୍ର ଫିଲ୍ମ। ଆମେ ଏହି ଫିଲ୍ମ ମାଧ୍ୟମରେ ଦର୍ଶକଙ୍କୁ ପୂରାପୂରି ଏକ ନୂଆ ଅନୁଭବ ଦେବାକୁ ଚାହୁଁଛୁ। ଏହାକୁ ଭଲ କରିବାକୁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ।' ଏବେ ଏହି ଫିଲ୍ମ ୧୭ ଏପ୍ରିଲ୍, ୨୦୨୬ରେ ରିଲିଜ୍ ହେବ। ମ୍ୟାଡକକ୍ ଫିଲ୍ମ ପକ୍ଷରୁ ଅଗସ୍ତ୍ୟା ନନ୍ଦାଙ୍କ ଫିଲ୍ମ 'ଇକ୍କିସ୍' ଆସନ୍ତା ଡିସେମ୍ବର ୨୫ରେ ଆସିବ ବୋଲି ଘୋଷଣା କରାଯାଇଛି। ଯଦି 'ଆଲ୍‌ଫା' ଏହିଦିନ ରିଲିଜ୍ ହୋଇଥାନ୍ତା ତେବେ ଦୁଇଟି ଯାକ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ହୋଇଥାନ୍ତା। ଏହାବାଦ୍ ୩୧ ଡିସେମ୍ବରରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଆସିବ। ତେଣୁ ଯଶରାଜ୍ ବ୍ୟାନର୍ ବକ୍ସ ଅଫିସ୍ ଲଢ଼େଇକୁ ଏଡ଼ାଇବା ପାଇଁ 'ଆଲ୍‌ଫା'ର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇଥିବା ଚର୍ଚ୍ଚା ହେଉଛି।



# ମାଣ୍ଡିଆ ଦିବସ



ମାଣ୍ଡିଆକୁ ଅଧିକ ଲୋକପ୍ରିୟ କରିବା ପାଇଁ ଓଡ଼ିଶା ସରକାର ୨୦୨୨ ମସିହା ମାର୍ଗଶୀର ମାସର ପ୍ରଥମ ଗୁରୁବାର(ନଭେମ୍ବର ୧୦ ତାରିଖ) କୁ 'ମାଣ୍ଡିଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲେ। ଏହାକୁ ସମ୍ମାନ ଜଣାଇ ସାରା ଓଡ଼ିଶାରେ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଦେଶର ପ୍ରଥମ ରାଜ୍ୟଭାବେ ଓଡ଼ିଶା ମାଣ୍ଡିଆ ଦିବସ ପାଳନ କରୁଛି। ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଥିରେ ଭିଟାମିନ୍- ବି, ସି, କେ, ଇ, ପ୍ରୋଟିନ, ଆଇରନ୍, କ୍ୟାଲସିୟମ୍ ଆଦି ରହିଛି। ମାଣ୍ଡିଆର ଉପକାରିତା ସମ୍ପର୍କରେ ଜାଣିବା ପରେ ତା'ର ଗୁରୁତ୍ୱ ବଢିଯାଇଛି। ଏଥିରୁ କେକ୍, ଲଡ୍ଡୁ, ଜୁସ୍, ଚା, ସୁପ୍, ପିଠା, ଖିରି, ଛତୁଆ, ହାଲୁଆ, ରୁଟି, ଦୋସା, ଇଡ୍‌ଲି, ଚକୁଳି, ପକୁଡ଼ି, ବିସ୍କୁଟ, ଉପମା ଆଦି ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇପାରୁଛି। ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟ ଏବେ ତାରକା ହୋଟେଲରେ ମଧ୍ୟ ଦେଖିବାକୁ ମିଳୁଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଣ୍ଡିଆର ପ୍ରଚାରପ୍ରସାର ତଥା ଖାଦ୍ୟ ଥାଳିରେ ଲଘୁ ଶସ୍ୟକୁ ସାମିଲ କରିବା ପାଇଁ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍'। ୭ଟି ଜିଲ୍ଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ତଥା ମାଣ୍ଡିଆ ଚାଷୀଙ୍କ ଜୀବନ ଓ ଜୀବିକାର ବିକାଶ ଦିଗରେ ସହାୟ ହେବା ଏହି ଦିବସ ପାଳନର ଉଦ୍ଦେଶ୍ୟ।





# ସାଇକଲରେ ଚଢ଼ିଲେ ଏଫିଲ ଟାୱାର

ଫ୍ରାନ୍ସର ଲୋକପ୍ରିୟ ସାଇକଲିଷ୍ଟ ଏବଂ ଟିକ୍‌ଟକ୍ ଷ୍ଟାର୍ ଅରେଲିୟନ ଫଣ୍ଟେନୟ ଭିନ୍ନ ଏକ କାରନାମା କରି ବିଶ୍ୱ ରେକର୍ଡରେ ନିଜକୁ ସାମିଲ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଁଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ସାଇକଲରେ ଏଫିଲ ଟାୱାର ଚଢ଼ି ବିଶ୍ୱ ରେକର୍ଡ କରିଛନ୍ତି। ମାତ୍ର ୧୨ ମିନିଟ୍‌ରେ ଏଫିଲ୍ ଟାୱାରର ଦ୍ୱିତୀୟ ମହଲାରେ ସବୁଠୁ ଦ୍ରୁତ ବେଗରେ ସାଇକଲ ଚଳାଇ ସେ ବିଶ୍ୱ ରେକର୍ଡ କରିଥିଲେ। ସେ ସାଇକଲ ଚାଳନାବେଳେ ପାଦ ଯେଭଳି ତଳେ ବା ଭୂମିରେ ନ ରଖିବେ, ସେନେଇ ଚ୍ୟାଲେଞ୍ଜ ଥିଲା। ତେବେ ଅରେଲିୟନ ୬୮୬ ଶିଢ଼ି କେବଳ ୧୨ ମିନିଟ୍ ୩୦ ସେକେଣ୍ଡରେ ଚଢ଼ିଥିଲେ। ଏହାବାଦ୍ ଏହି କାରନାମା କରି ସେ ଦୁଇ ଦଶନ୍ଧି ପୂର୍ବରୁ ଥିବା ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପଟେ ଏହା ଲାଗି ସେ ଦୀର୍ଘଦିନ ଧରି ପ୍ରସ୍ତୁତି କରିଥିଲେ। ତେବେ ରେକର୍ଡ କରିବା ପ୍ରଚେଷ୍ଟାରେ ତାଙ୍କୁ ଅନେକ ସମୟ ଲାଗିଯାଇଥିବା ସେ କହନ୍ତି। ଆଗାମୀ ଦିନରେ ସେ ବୁର୍ଜ ଖଲିଫାରେ ଏପରି କରିବା ପାଇଁ ଯୋଜନା କରିଛନ୍ତି।



# ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ମାର୍ଗଶିର

ମାର୍ଗଶିର ମାସକୁ ଧାର୍ମିକ ଆଚରଣ, ଭକ୍ତି ଓ ଦାନର ମାସ ବୋଲି କୁହାଯାଏ। କୁହାଯାଏ, ଏହି ମାସରେ ଶ୍ରଦ୍ଧାର ସହିତ ଭଗବାନଙ୍କୁ ଉପାସନା କଲେ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସେ। ଏହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ବୋଲି କୁହାଯାଏ।

ମାର୍ଗଶିର ମାସରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ଦେବୀ ଲକ୍ଷ୍ମୀଙ୍କ ପୂଜାର ବିଶେଷ ବିଧାନ ଅଛି। ମାର୍ଗଶିର ମାସକୁ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ନିଜେ ଶ୍ରୀମଦ୍‌ଭଗବତ ଗୀତାରେ ଏହି ମାସକୁ ସର୍ବଶ୍ରେଷ୍ଠ ବୋଲି କହିଛନ୍ତି। ଏ ଦୃଷ୍ଟିରୁ କୃଷ୍ଣ ପୂଜା ଲାଗି ଏହି ମାସ ବିଶେଷ ଭାବେ ଉତ୍ସର୍ଗୀକୃତ। ତେଣୁ ଏହି ମାସ ଶ୍ରୀକୃଷ୍ଣ ଭକ୍ତି ଲାଗି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ଏହି ମାସରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା ଓ ତାଙ୍କ ମନ୍ତ୍ର ଜପ ଦ୍ୱାରା ମନୋକାମନା ପୂରଣ ହୁଏ। ମୋକ୍ଷ ପ୍ରାପ୍ତି ହୁଏ। ତେବେ ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଗୀତା ଜ୍ଞାନ ଏହି ମାସରେ ପ୍ରଦାନ କରିଥିଲେ। ଏଣୁ ଏହି ମାସ ଧର୍ମ, କର୍ମ ଏବଂ ଜ୍ଞାନର ପ୍ରତୀକ ଭାବେ ବିବେଚନା କରାଯାଏ। ସେହିପରି ଏହି ମାସରେ ଗୁରୁବାର ବ୍ରତ, ପୂଜା ଏବଂ ବିଷ୍ଣୁ ସହସ୍ରନାମ ପାଠ କଲେ ଜୀବନରେ ସୁଖ, ଶାନ୍ତି ଆସେ। ଏହି ମାସରେ ଅନ୍ନ, ବସ୍ତ୍ର, ଦୀପଦାନ ଏବଂ ଗରିବଙ୍କୁ ସହାୟତା କରିବା ଶୁଭ ବୋଲି କୁହାଯାଇଛି। ଏହି ମାସରେ ମନ ଧ୍ୟାନ ଓ ଭକ୍ତିରେ ଦେବା ଉଚିତ। ତେଣୁ ଏହି ମାସ ସାଧନା, ଭକ୍ତି ଏବଂ ଆତ୍ମଶୁଦ୍ଧି ଲାଗି ସବୁଠୁ ଉତ୍ତମ ବୋଲି କୁହାଯାଇଛି।

# ସ୍ୱସ୍ତି

## ପ୍ରଥମାଷ୍ଟମୀ

ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ପାଳନ କରାଯାଏ ପ୍ରଥମାଷ୍ଟମୀ। ଓଡ଼ିଶାର ଏହା ହେଉଛି ଏକ ବିଶେଷ ପର୍ବ। ଏହା 'ସୌଭାଗିନୀ ଅଷ୍ଟମୀ', 'କାଳ ଭୈରବାଷ୍ଟମୀ', 'ପାପନାଶିନୀ ଅଷ୍ଟମୀ' ଭାବେ ମଧ୍ୟ ପରିଚିତ। ତେବେ ମାର୍ଗଶିରକୁ ପ୍ରଥମ ମାସ ଭାବେ ଗଣନା କରାଯାଇ ବର୍ଷାରମ୍ଭ ହେଉଥିଲା। ସେହି ହିସାବରେ ବର୍ଷର ପ୍ରଥମ ମାସର ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' ବୋଲି କୁହାଯାଏ। ଏହିଦିନ ଜ୍ୟେଷ୍ଠ ସନ୍ତାନର ସୁଖ, ସମୃଦ୍ଧି ଏବଂ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଘରର ଜ୍ୟେଷ୍ଠ କନ୍ୟା ବା ପୁତ୍ର ନୂଆ ବସ୍ତ୍ର ପରିଧାନ କରନ୍ତି। ପିଢ଼ା ଉପରେ ସେମାନଙ୍କୁ ବସାଯାଇ ଫୁଲ ଚନ୍ଦନରେ ଠାକୁରଙ୍କ ସାମ୍ନାରେ ବନ୍ଦାପନା କରାଯାଏ। ପରମ୍ପରା ଅନୁଯାୟୀ ଏହି ନୂଆ ବସ୍ତ୍ର ମାମୁଁଘରୁ ଆସିଥାଏ। ସେହିପରି ଏହିଦିନ ଏଣ୍ଡୁରି ପିଠାର ମହତ୍ତ୍ୱ ବେଶି। ହଳଦିପତ୍ରରେ ଏହି ପିଠାକୁ ତିଆରି କରାଯାଏ। ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ପୋଢୁଆଁ ହେବା ପାଇଁ ଲିଙ୍ଗରାଜ ମହାପ୍ରଭୁ କପାଳିମଠ ବିଜେ କରନ୍ତି। ଏହି ମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବ।



## ରୂପା ମୟୂର ରଖନ୍ତୁ




**ବାସ୍ତୁ ଶାସ୍ତ୍ରରେ ରୁପା ମୟୂରକୁ ସମୃଦ୍ଧି, ସୌଭାଗ୍ୟ ଏବଂ ଶାନ୍ତିର ପ୍ରତୀକ ବୋଲି କୁହାଯାଇଛି। ଠିକ୍ ଦିଗ ଓ ସ୍ଥାନରେ ଏହାକୁ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ ଏବଂ ଆର୍ଥିକ ସ୍ଥିତି ମଜଭୁତ ହୁଏ।**

- ପୂଜା ଘରେ ରୁପା ମୟୁର ରଖିବା ଦ୍ୱାରା ଏହାଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ପରିବାରରେ ସୁଖ-ସମୃଦ୍ଧି ବଜାୟ ରହେ। ମାନସିକ ଶାନ୍ତି ପ୍ରାପ୍ତ ହୁଏ। ପୂର୍ଣ୍ଣିମାରେ ରୁପା ମୟୁର ଘରକୁ ଆଣି ତାହାକୁ ଆଲାମାରିରେ ରଖିଲେ କାର୍ଯ୍ୟରେ ସଫଳତା ମିଳେ।
- ଅଫିସ୍ ଡେସ୍କ ତଥା ଷ୍ଟଡି ଟେବୁଲରେ ରୁପା ମୟୁର ରଖିବା ଶୁଭ। କାର୍ଯ୍ୟାଳୟର ନକାରାତ୍ମକ ଶକ୍ତି ଦୂର ହୁଏ। ପ୍ରଗତିର ନୂଆ ଅବସର ମିଳେ।
- ସେହିପରି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବାରମ୍ବାର ମତମତାନ୍ତର ଦୂର କରିବାରେ ରୁପା ମୟୂରକୁ ପ୍ରଭାବୀ ବୋଲି କୁହାଯାଇଛି। ଏହାକୁ ଶୋଇବା କକ୍ଷର ଉତ୍ତର ଦିଗରେ ରଖିବା ଶୁଭ।
- ଘରେ ଅର୍ଥାଭାବ ଦେଖା ଦେଉଥିଲେ ଆଲମାରି ଉପରେ ରୁପା ମୟୁର ରଖିବା ଲାଭକାରୀ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ।

## କାଞ୍ଜି ଅଁଳା ନବମୀ

ମାର୍ଗଶିର କୃଷ୍ଣ ନବମୀ ଦିନ ପାଳନ କରାଯାଏ କାଞ୍ଜି ଅଁଳା ନବମୀ। ପ୍ରଥମାଷ୍ଟମୀ ପରଦିନ ଏହାକୁ ପାଳନ କରାଯାଏ। ଏଥିରେ ଭୋଗ ହେଉଥିବା କାଞ୍ଜିରେ ଅଁଳା ପଡୁଥିବାରୁ ଏବଂ କୃଷ୍ଣ ନବମୀ ତିଥିରେ ଏହା ପଡୁଥିବାରୁ ଏହାର ନାଁ 'କାଞ୍ଜି ଅଁଳା ନବମୀ।' ସନ୍ତାନଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଏବଂ ନିଃସନ୍ତାନ ନାରୀମାନେ ସନ୍ତାନ ପ୍ରାପ୍ତି ପାଇଁ ମା' ଷଠୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ମହିଳାମାନେ ଏକତ୍ର ହୋଇ ଏହି ପୂଜା କରିଥାନ୍ତି। ତୁଳସୀ ଚଉଁରା ମୂଳେ ଗୋଟିଏ ଛୋଟ ଚାରିକୋଣିଆ ଗାତ ଖୋଳି ସେଥିରେ ପାଣି ଭରନ୍ତି। ଏହା ଭିତରେ ଛୋଟ ଛୋଟ ମାଛ ଛଡ଼ାଯାଏ। ଏହି ଗାତ ଚାରିପଟେ ବାଲୁଙ୍ଗା ଧାନ ପୋତାଯାଏ। ଏହି ପୂଜାରେ ଚକୁଳି ପିଠା, କାଞ୍ଜି ଏବଂ ପିତାଶୁଖୁଆ ପୂଜା କରାଯାଏ। ପିତା ଶୁଖୁଆକୁ କଦଳୀ ପତ୍ରରେ ରଖାଯାଇ ବୋହୂ ଭଳି ସଜାଯାଏ। ଏହାକୁ ଶୁଖୁଆ ବୋହୂ କୁହାଯାଏ। ଭୋଗ ପରେ ଏ ସମସ୍ତ ସାମଗ୍ରୀକୁ ଯେଉଁ ପିଲାଙ୍କ ପାଖରେ ମାନସିକ ଥାଏ, ସେମାନଙ୍କୁ ଖାଇବାକୁ ଦିଆଯାଏ। ଅବଶିଷ୍ଟ ଭୋଗ ନଦୀରେ ଭସାଇ ଦିଆଯାଏ।





# ଆକାଶଙ୍କ ବିଶ୍ୱ ରେକର୍ଡ

## କ୍ରମାଗତ ୮ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ



**ସୁରଟ, ୯ ।୧୧ (ଏଜେନ୍ସି):** ମେଘାଳୟ ବ୍ୟାଟର୍ ଆକାଶ କୁମାର ଚୌଧୁରୀ ଅରୁଣାଚଳ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ବିଧ୍ୱଂସୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ଆକାଶ ଏହି ମ୍ୟାଚରେ ମାତ୍ର ୯ ମିନିଟ୍ ମଧ୍ୟରେ ୧୧ ବଲରେ ଅର୍ଦ୍ଧଶତକ ପୂରଣ କରି ବିଶ୍ୱରେକର୍ଡ କରିଛନ୍ତି । ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ଏବେ ଆକାଶଙ୍କ ନାମରେ ଲିପିବଦ୍ଧ ହୋଇଛି । ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ୱେନ ହ୍ୱାଇଟଙ୍କ ନାମରେ ରହିଥିଲା । ୨୦୧୨ରେ ହ୍ୱାଇଟ କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ଲିସେଷ୍ଟରଶାୟର କ୍ଲବ ପକ୍ଷରୁ ଖେଳି ସସେକ୍ସ ବିପକ୍ଷରେ ମାତ୍ର ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ଯାହାକୁ ଏବେ ଆକାଶ ପଛରେ ପକାଇଦେଇଛନ୍ତି ।

ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଆକାଶ ତାଙ୍କର ଏହି ଅର୍ଦ୍ଧଶତକୀୟ ଇନିଂସରେ କ୍ରମାଗତ ୮ଟି ବଲରେ ୮ଟି ଛକା ମାରିଥିଲେ । ଯେଉଁଥିରେ ସେ ଅରୁଣାଚଳ ବାମହାତୀ ସ୍ପିନର ଲିମାର ଦାବିଙ୍କ ଗୋଟିଏ ଓଭରର ସମସ୍ତ ୬ଟି ଯାକ ବଲ୍‌କୁ ଛକା ମାରି ଆଉ ଏକ ରେକର୍ଡ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଗୋଟିଏ ଓଭରରେ ୬ଟି ଛକା ମାରିବାରେ ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ ଓ ଭାରତର ରବି ଶାସ୍ତ୍ରୀଙ୍କ ପରେ ଆକାଶ ୩ୟ କ୍ରିକେଟର୍ ଭାବେ ଏହି ସଫଳତା ପାଇଛନ୍ତି ।

**ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ**

| ବଲ୍ | ଖେଳାଳି | ଟିମ୍ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ୧୧ | ଆକାଶ କୁମାର | ମେଘାଳୟ | ଅରୁଣାଚଳ | ୨୦୨୫ |
| ୧୨ | ୱେନ ହ୍ୱାଇଟ | ଲିସେଷ୍ଟରଶାୟର | ସସେକ୍ସ | ୨୦୧୨ |
| ୧୩ | ମାଇକେଲ ଭୁରେନ | ଇଷ୍ଟର୍ନ ପ୍ରୋଭିଡେନ୍ସ | ଗ୍ରିକ୍ୱାଲାଣ୍ଡ ୱେଷ୍ଟ | ୧୯୮୪ |

ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ଦକ୍ଷିଣ ଆଫ୍ରିକା-ଏ'ର ଦମ୍‌ଦାର ବିଜୟ

**ବେଙ୍ଗାଲୁରୁ, ୯।୧୧(ଏଜେନ୍ସି):** ଭାରତ ମାଟିରେ ବ୍ୟାଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଦକ୍ଷିଣ ଆଫ୍ରିକା-ଏ' ୫ ୱିକେଟରେ ଭାରତ-ଏ'କୁ ହରାଇ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଦମଦାର ବିଜୟ ହାସଲ କରିଛି । ଏହା ଫଳରେ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୧ ବରାବର ସ୍ଥିତିକୁ ନେଇଆସିଛି । ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୧୮ ବଲ୍‌ରୁ ୧୩୪ ଓ ଦ୍ୱିତୀୟ ଇନିଂସରେ ୨୪ ରନ୍ କରିଥିବା ଦକ୍ଷିଣ ଆଫ୍ରିକା-ଏ' ଦଳର ଅଧିନାୟକ ଏମ୍. ଆକରମ୍ୟାନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ଟେଷ୍ଟର ପ୍ରଥମ ଇନିଂସରେ ୧୩୨ ଓ ଦ୍ୱିତୀୟ ଇନିଂସରେ ୧୨୪ ରନ୍ କରି ଅପରାଜିତ ଥିବା ଭାରତ-ଏ' ଦଳର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହା ପରେ ଦୁଇ ଏ' ଦଳ ମଧ୍ୟରେ ୩ଟି ଅନ୍‌ଅଫିସିଆଲ ଦିନିକିଆ ବା ଲିଷ୍ଟ-ଏ' ସିରିଜ୍ ଖେଳାଯିବ । ସିରିଜ୍‌ର ସମସ୍ତ ମ୍ୟାଚ୍ ରାଜକୋଟର କନ୍ଧେରୀ ଷ୍ଟାଡିୟମ୍‌ରେ ଖେଳାଯିବ । ନଭେମ୍ବର ୧୩, ୧୬ ଓ ୧୯ରେ ଏହି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

ଏହି ମ୍ୟାଚ୍‌ରେ ଜୁରେଲଙ୍କ ଡବଲ ଶତକ ସହାୟତାରେ ଭାରତ-ଏ' ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ' ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା । ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା-ଏ' ଖେଳର ଶେଷ ଦିନରେ ୫ ୱିକେଟ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ଦୁଇ ଓପନର ଜୋର୍ଡାନ ହର୍ମନ ଓ ଲେସେଗୋ ସେନୋକ୍ୱାନେ ପ୍ରଥମ ୱିକେଟରୁ ୧୫୬ ରନ୍ ଉଠାଇ ଜିତିବାର ମୂଳଦୁଆ ପକାଇଥିଲେ । ହର୍ମନ ୯୧ ଓ ସେନୋକ୍ୱାନେ ୭୭ ରନ୍‌ରେ ଆଉଟ ହୋଇଥିଲେ । ଏହା ପରେ ଭାରତ ବିପକ୍ଷରେ ଖେଳିବାକୁ ଯାଉଥିବା ଜୁବେର ହାମ୍‌ଜା ୮୮ ବଲ୍‌ରେ ୭୭ ଓ ତେମ୍ବା ବଭୁମା ୧୦୧ ବଲ୍‌ରେ ୫୯ ରନ୍ ଉଠାଇ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ । ଅଧିନାୟକ ଆକରମ୍ୟାନ୍ ୨୪ ରନ୍‌ରେ ଆଉଟ ହୋଇଥିଲେ । ୩୫୨ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ୱିକେଟରକ୍ଷକ କନ୍ନର ଇସ୍ତରହୁଇଜେନ୍ ୫୨ ଓ ତିଆନ ଭାନ ଭୁରେନ୍ ୨୦ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ । ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ନେତୃତ୍ୱରେ ଗଠିତ ଭାରତ-ଏ' ଦଳରେ ୩ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ, ଆକାଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା ଏବଂ ଦୁଇ ସ୍ପିନର କୁଲଦୀପ ଯାଦବ ଓ ହର୍ଷ ଦୁବେ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା-ଏ'କୁ ବିଜୟରୁ ଅଟକାଇ ପାରି ନ ଥିଲେ । ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟକୁ ଭାରତ-ଏ' ୩ ୱିକେଟରେ ଜିତିଥିଲା ।

## ଓଡ଼ିଶାରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧(ସମିସ):** ଏଥର ଓଡ଼ିଶାରେ ଦୁଇଟି ଅନ୍ତର୍ଜାତୀୟ ଭଲିବଲ ଇଭେଣ୍ଟ ଆୟୋଜିତ ହେବ । ଏହା ମଧ୍ୟରୁ ଏଫ୍‌ଆଇଭିବି ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଓ ୪ ଦିନିଆ ଏଫ୍‌ଆଇଭିବି ମହିଳା ପ୍ରଶିକ୍ଷିକାଙ୍କ କର୍ମଶାଳା ଆୟୋଜିତ ହେବ ବୋଲି ଓଡ଼ିଶା ଭଲିବଲ ସଂଘର ବାର୍ଷିକ ସାଧାରଣ ବୈଠକରେ ସ୍ଥିର ହୋଇଛି । ସଭାପତି ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଟକ ବାରବାଟୀ ଷ୍ଟାଡିୟମ୍ କନଫରେନ୍ସ ହଲ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୬ ଫେବୃଆରୀ କିମ୍ବା ମାର୍ଚ୍ଚରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜିତ ହେବ । ଏଥିରେ ୪୦ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଜାତୀୟ ପ୍ରତିଯୋଗିତା ଲାଗି ଏଥର ପ୍ରସ୍ତୁତି ଜୋରଦାର କରିବାକୁ ସ୍ଥିର ହୋଇଛି । ପାରାଦୀପ୍‌ରେ ରାଜ୍ୟ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## କେଡିଟିଏ ଓଡ଼ିଶା ଓପନ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ଟେନିସ ଆସୋସିଏସନ ଆନୁକୂଲ୍ୟରେ କେଡିଟିଏ ଓଡ଼ିଶା ଓପନ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୩ଟି କାଟାଗୋରୀରେ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହା ମଧ୍ୟରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ରେ ବିବେକ ତିବରୱାଲ ଓ ଶାଶ୍ୱତ ଜେନା, ୫୫ ବର୍ଷରୁ ଊର୍ଦ୍ଧ୍ୱ କାଟାଗୋରୀରେ ପିକେ ମିଶ୍ର ଓ ମନୋଜ ଭଟ୍ଟାଚାର୍ଯ୍ୟ, ୬୫ ବର୍ଷରୁ ଊର୍ଦ୍ଧ୍ୱ କାଟାଗୋରୀରେ ଏସ୍‌ଏସ୍ ରଥ ଓ ବିଏନ୍ ମହାନ୍ତିଙ୍କ ଯୋଡ଼ି ବିଜୟୀ ହୋଇଛନ୍ତି । ଖେଳ ଶେଷରେ ଓଆର୍‌ଇଆର୍‌ଏ ଚେୟାରମ୍ୟାନ୍ ଅସିତ ମହାପାତ୍ର ମୁଖ୍ୟ ଅତିଥି, ଆଇପିଏଲ୍ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଟେନିସ ସଂଘ ସଭାପତି ମଧୁସୂଦନ ପାଢ଼ୀ ଓ ସମ୍ପାଦକ ଅସିତ ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଡବ୍ଲ୍ୟୁଟିଏ ଫାଇନାଲ୍ସ

## ସାବାଲେଙ୍କାଙ୍କୁ ହରାଇ ୪୬.୪୦ କୋଟି ଜିତିଲେ ଏଲିନା

**ରିୟାଧ, ୯ ।୧୧ (ଏଜେନ୍ସି):** କାଜାଖସ୍ତାନର ଏଲିନା ରିବାକିନା ଚଳିତ ବର୍ଷର ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ରିବାକିନା ୬-୩, ୭-୬ (୭/୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ । ଏଥିସହ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରିବାକିନା ମହିଳା ଟେନିସ ଇତିହାସର ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ଏଠାରେ ଚାମ୍ପିଅନ ହେବା ସହ ୨୬ ବର୍ଷୀୟା ରିବାକିନା ୫.୨୩୫ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୬ କୋଟି ୪୦ ଲକ୍ଷ) ପୁରସ୍କାର ଆକାରରେ ପାଇଛନ୍ତି । ଗତ ସେପ୍ଟେମ୍ବରରେ ସାବାଲେଙ୍କା ୟୁଏସ୍ ଓପନ୍ ଚାମ୍ପିଅନ ହେବାପରେ ପୁରସ୍କାର ଆକାରରେ ୩.୭୪ ମିଲିୟନ ଡଲାର (ପ୍ରାୟ ୩୩ କୋଟି ୧୫ ଲକ୍ଷ ଟଙ୍କା) ହାସଲ କରିଥିଲେ । ଯାହାକି ମହିଳା ଟେନିସ ଇତିହାସରେ ସର୍ବାଧିକ ପୁରସ୍କାର ରାଶିଭାବେ ବିବେଚିତ ହେଉଥିଲା । ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଡବ୍ଲ୍ୟୁଟିଏ ଫାଇନାଲ୍ସର ରାଉଣ୍ଡ-ରବିନ ପର୍ଯ୍ୟାୟରେ ପ୍ରତି ବିଜୟ ପିଛା ୩.୧୪ କୋଟି ଟଙ୍କା ଦିଆଯାଇଥିଲା ।



ମହିଳା ଟେନିସ ଇତିହାସର ରେକର୍ଡ ପୁରସ୍କାର ରାଶି

ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ

## ଲକ୍ଷ୍ମୀ ସ୍ୱାଇଁ, ଅସିତ ତ୍ରିପାଠୀ ଚାମ୍ପିଅନ



**ଭୁବନେଶ୍ୱର, ୯।୧୧ (ସମିସ):** ଭୁବନେଶ୍ୱର ଗଲ୍ଫ କ୍ଲବ୍ ଆନୁକୂଲ୍ୟରେ ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ୦ରୁ ୧୬ କାଟାଗୋରୀରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅସିତ ତ୍ରିପାଠୀ ଚାମ୍ପିଅନ ଓ କମୋଡୋର ଦିଗବିଜୟ ସିଂ ରନର୍ସ ଅପ୍ ହୋଇଛନ୍ତି । କ୍ୟାପ୍ଟେନ ସୁଭାସ ଦାସ ବେଷ୍ଟ ଗ୍ରସ୍ ପାଇଛନ୍ତି । ସେହିପରି ପୁରୁଷ ୧୭ରୁ ୨୪ କାଟାଗୋରୀରେ ଧନଞ୍ଜୟ ବୋଷ ଚାମ୍ପିଅନ ଓ ଡା. ପିଭି ମୋହନ ରନର୍ସ ଅପ୍ ହୋଇଛନ୍ତି । ବରିଷ୍ଠ ବିଭାଗରେ ବ୍ରିଗେଡିୟର ଡ. କେସି ବେହେରା ଚାମ୍ପିଅନ, ସୂର୍ଯ୍ୟକାନ୍ତ ମିଶ୍ର ରନର୍ସ ଅପ୍, ମହିଳା ବିଭାଗରେ ଲକ୍ଷ୍ମୀ ସ୍ୱାଇଁ ଚାମ୍ପିଅନ ଓ ସୁପର୍ଣ୍ଣା ପଣ୍ଡା ରନର୍ସ ଅପ୍ ହୋଇଛନ୍ତି ।

ଜାପାନ ପାରା ବ୍ୟାଡ଼ମିଣ୍ଟନ

## ପ୍ରମୋଦଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୯ ।୧୧ (ସମିସ):** ପାରା ଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଜାପାନ ପାରା ବ୍ୟାଡ଼ମିଣ୍ଟନରେ ତିନି ତିନୋଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି । ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ପ୍ରମୋଦ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଚାମ୍ପିଅନ ହୋଇ ଏହି ସଫଳତା ପାଇଛନ୍ତି । ଏସ୍‌ଏଲ୍-୩ କାଟାଗୋରୀର ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ୧୭-୨୧, ୨୧-୧୯, ୨୧-୧୦ରେ ଘରୋଇ ସଟ୍‌ଲର୍ ଦାଇସୁକି ଫୁଜିହାରାଙ୍କୁ ପରାସ୍ତ କରିଥିଲେ । ଏହାପରେ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ୨୧-୧୭, ୧୮-୨୧, ୨୧-୧୬ ଗେମରେ ସାଥୀ ଭାରତୀୟ ଖେଳାଳି ଜଗଦୀଶ ଡିଲ୍ଲି ଓ ନବୀନ ଶିବକୁମାର ଯୋଡ଼ିଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଶେଷରେ ପ୍ରମୋଦ ଏସଏଲ୍୪-ଏସୟୁ୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମନିଷା ରାମଦାସଙ୍କୁ ସାଥୀ କରି ଚାମ୍ପିଅନ ହେବା ସହ ହ୍ୟାଟ୍ରିକ ସ୍ୱର୍ଣ୍ଣ ହାସଲ କରିଥିଲେ ।

## ରାଜ୍ୟ ସ୍କୁଲ ଓପନ ଚେସ୍ ଜିତିଲେ ଦିବ୍ୟାଂଶ



**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଚତୁର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଦିବ୍ୟାଂଶ ନାୟକ ଚାମ୍ପିଅନ ହୋଇଛନ୍ତି । ତାଙ୍କ ସହ ସମାନ ୪.୫ ପଏଣ୍ଟ ପାଇଥିବା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ରନର୍ସଅପ୍, ଖଣ୍ଡଗିରି ସେଣ୍ଟ ଜାଭିୟର ଓମ୍ ଶତପଥୀ ତୃତୀୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷରଞ୍ଜନ ଦାସ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ସ୍ଥିତପ୍ରଜ୍ଞ ପଟ୍ଟନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ଆଇଏସ୍‌ଏସ୍‌ଏଫ୍ ଚାମ୍ପିଅନସିପ୍

## ଅନିସ ଭାନୱାଲାଙ୍କୁ ରୌପ୍ୟ ପଦକ



**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଭାରତର ଅନିସ ଭାନୱାଲା କାଇରୋରେ ଚାଲିଥିବା ସୁଟିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ୨୫ ମିଟର ଏୟାର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଭାନୱାଲା ୪ଟି ସୁଟ୍ ଅଫ୍‌ରେ ପ୍ରଥମ ବିଶ୍ୱଚାମ୍ପିଅନସିପ୍ ପଦକ ହାତେଇବାରେ ସମର୍ଥ ହୋଇଛନ୍ତି । ଏହି ଇଭେଣ୍ଟରେ ସେ ମଧ୍ୟ ଏସିଆନ ମେଡାଲ ବିଜୟୀ ହୋଇଥିଲେ । ଏହି ଚାମ୍ପିଅନସିପ୍‌ରେ ଭାନୱାଲା ଭାରତ ଲାଗି ୫ମ ପଦକ ବିଜୟୀ ହୋଇଛନ୍ତି । ତାଙ୍କ ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଏଲାଭେନେଲି ଭାରାରିଭାନ କାଂସ୍ୟ, ଅଣ ଅଲିମ୍ପିକ୍ ଇଭେଣ୍ଟରେ ରବିନ୍ଦର ସିଂ ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ।

ଟି-୨୦ ବିଶ୍ୱକପ୍

## ଭାରତର ୫, ଶ୍ରୀଲଙ୍କାର ୩ ଭେନ୍ୟୁରେ ମ୍ୟାଚ୍

**ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି):** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ୧୦ମ ସଂସ୍କରଣ ୭ ଫେବୃଆରୀରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ । ଭାରତର ୫ଟି ସହର ଓ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବା ଲାଗି ଫାଇନାଲ ହୋଇଛି । ଭାରତର ମୁମ୍ବଇ, ଦିଲ୍ଲୀ, ଚେନ୍ନଇ, ଅହମ୍ମଦାବାଦ ଓ କୋଲକାତା ସହର ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଛନ୍ତି । ସେହିଭଳି ଶ୍ରୀଲଙ୍କାର କଲମ୍ବୋର ୨ଟି ଓ କାଣ୍ଡିର ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ ଓ କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ସେମିଫାଇନାଲ ଖେଳାଯିବ ବୋଲି ସ୍ଥିର ହୋଇଛି । କିନ୍ତୁ ଯଦି ଶ୍ରୀଲଙ୍କା କିମ୍ବା ପାକିସ୍ତାନ ସେମିଫାଇନାଲକୁ ପ୍ରବେଶ କରନ୍ତି ତେବେ ମ୍ୟାଚ୍ କଲମ୍ବୋରେ ଅନୁଷ୍ଠିତ ହେବ । କିନ୍ତୁ ଯଦି ଏହି ଦୁଇ ଦଳ ଅନ୍ତିମ-୪କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୁଅନ୍ତି ତେବେ ଉଭୟ ସେମିଫାଇନାଲ ଭାରତରେ ଖେଳାଯିବ ବୋଲି ଜଣାପଡ଼ିଛି । ସେହିଭଳି ଫାଇନାଲ ମ୍ୟାଚ୍ କେଉଁ ଭେନ୍ୟୁରେ ଖେଳାଯିବ ତାହା ବର୍ତ୍ତମାନ ସୁଦ୍ଧା ସ୍ଥିର କରାଯାଇନାହିଁ । ପାକିସ୍ତାନ ଦଳର ଫାଇନାଲ ପ୍ରବେଶ ଉପରେ ଭେନ୍ୟୁ ନିର୍ଭର କରୁଛି ।

## ଷ୍ଟେଟ-ଏ ଟ୍ରଫି: ଓଡ଼ିଶା ବିଜୟୀ



ସୟଦ ତୁଫାଏଲ | ଆଶୁତୋଷ ଛୁରିଆ

**ଭୁବନେଶ୍ୱର, ୯।୧୧(ସମିସ):** ଗୋଆକୁ ୭ ୱିକେଟରେ ହରାଇ ଓଡ଼ିଶା ଆଜି ଭଦୋଦରାରେ ଅନୁଷ୍ଠିତ ଷ୍ଟେଟ-ଏ' ଦିନିକିଆ ଟ୍ରଫିରେ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୋଆ ୩୬.୪ ଓଭରରେ ୧୬୬ ରନ୍ କରିଥିଲା । ଦଳ ପକ୍ଷରୁ ସନତ ନେଭାଗି ସର୍ବାଧିକ ୯୧ ରନ୍ କରିଥିଲେ । ଓଡ଼ିଶାର ସୟଦ ତୁଫାଏଲ ଅହମ୍ମଦ୍ ୪ଟି ଓ ଆଶୁତୋଷ ଛୁରିଆ ୩ଟି ୱିକେଟ ପାଇଥିଲେ । ଜବାବରେ ଓଡ଼ିଶା ୨୮.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ପାନକଳ ଶଶାଙ୍କ ୫୬, ଅଧିନାୟକ ଓମ୍‌ଟି ମୁଣ୍ଡେ ୫୩ ରନ୍ କରିଥିଲେ । ପ୍ରତିପକ୍ଷ ଦଳର ମନୀଷ କାକୋଡେଙ୍କୁ ୨ଟି ୱିକେଟ ମିଳିଥିଲା ।

## କୁଚ୍‌ବିହାର ଟ୍ରଫିରେ ଓଡ଼ିଶାର ନେତୃତ୍ୱ ନେବେ ବିଶ୍ୱଜିତ୍

**ଭୁବନେଶ୍ୱର, ୯।୧୧(ସମିସ):** ବିସିସିଆଇ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ କ୍ରିକେଟ କୁଚ୍‌ବିହାର ଟ୍ରଫି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ । ଏଥିଲାଗି ରବିବାର ଓଡ଼ିଶା ଦଳ ଘୋଷଣା ହୋଇଛି । ବିଶ୍ୱଜିତ ପ୍ରଧାନଙ୍କୁ ୧୮ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ଓଡ଼ିଶା ଏଥର ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି । ଏହି ଗ୍ରୁପ୍‌ରେ ମହାରାଷ୍ଟ୍ର, ଆନ୍ଧ୍ର, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶକୁ ସ୍ଥାନ ମିଳିଛି । ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ମହାରାଷ୍ଟ୍ର ସହ ନାଗୋଥାନେରେ ନଭେମ୍ବର ୧୬ରୁ ୧୯ ଯାଏ, ଦ୍ୱିତୀୟ ମ୍ୟାଚ୍ ଆନ୍ଧ୍ର ସହ ଅନନ୍ତପୁରରେ ୨୩ରୁ ୨୬ ଯାଏ, ତୃତୀୟ ମ୍ୟାଚ୍ କାଶିପୁରରେ ଉତ୍ତରାଖଣ୍ଡ ସହ ଡିସେମ୍ବର ୧ରୁ ୪ ଯାଏଖେଳାଯିବ । ଶେଷ ଦୁଇଟି ମ୍ୟାଚ୍ କର୍ଣ୍ଣାଟକ ସହ ଡିସେମ୍ବର ୮ରୁ ୧୧ଯାଏ ଓ ହିମାଚଳ ପ୍ରଦେଶ ସହ ଡିସେମ୍ବର ୧୬ରୁ ୧୯ ଯାଏ ବଲାଙ୍ଗୀରର ଗାନ୍ଧି ଷ୍ଟାଡିୟମ୍‌ରେ ଖେଳିବ ।

**ଓଡ଼ିଶା ଦଳ:** ଶୁଭାଶିଷ ମଲ୍ଲିକ, ଶ୍ରେୟାଂଶୁ ପଟ୍ଟନାୟକ, ସାର୍ଥକ ପ୍ରକାଶ ଓ ପାନକଳ ମୋକ୍ଷିତ (ଉଭୟ ୱିକେଟରକ୍ଷକ), ସ୍ୱାଗତ ମିଶ୍ର, ଆଦିତ୍ୟ ରାୟ, ଆଦିତ୍ୟ ଆନନ୍ଦ, ବିଶ୍ୱଜିତ ପ୍ରଧାନ (ଅଧିନାୟକ), ପୀୟୂଷ ମନ୍ତ୍ରୀ, ରାଜ ଯାଦବ, ଦିବ୍ୟମ ଛପାଡ଼ିଆ, ପ୍ରିୟାଂଶୁ ମହାନ୍ତି, ଜନ୍ମେଜୟ ଜେନା, ଶିବୁନ ନନ୍ଦ, ମହେଶ ସାହୁ, ରୁଦ୍ରପ୍ରସାଦ ମଲ୍ଲିକ, ଅର୍ପିତ ଏସ୍ ମହାନ୍ତି, ଅର୍ଣ୍ଣବ ପଟ୍ଟନାୟକ ।

ବିଦର୍ଭ ବିପକ୍ଷ ରଣଜୀ ମୁକାବିଲା

## ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧(ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷ ଏଲିଟ୍-ଏ' ରଣଜୀ ଟ୍ରଫିର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଧ୍ରୁବ ସୋରେଙ୍କ ଦମ୍‌ଦାର ୧୪୪ ରନ୍‌ର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୨୮୬ ରନ୍‌ରେ ଅଲଆଉଟ ହୋଇଥିଲା । ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୬ ୱିକେଟରେ ୧୨୨ ରନ୍ ସଂଗ୍ରହ କରିଛି । ରବିବାର ଷ୍ଟମ୍ପ ଅପସାରଣ ବେଳକୁ ସମ୍ବିତ ବରାଳ ୨ ରନ୍‌ରେ ଅପରାଜିତ ରହିଛନ୍ତି । ଦଳ ପକ୍ଷରୁ ଦୁଇ ଅଭିଜ୍ଞ ଖେଳାଳି ଯଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ଓ ଗୋବିନ୍ଦ ପୋଦ୍ଦାର ୧୭ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ । ନୂଆ ଓପନର ଗୌରବ ଚୌଧୁରୀ ୨୪, ସ୍ୱସ୍ତିକ ସାମଲ ୯, ନଂ-୩ ସନ୍ଦୀପ ପଟ୍ଟନାୟକ ୧୬ ଓ ୱିକେଟରକ୍ଷକ ରାଜେଶ ଧୂପର ୮ ରନ୍‌ରେ ଆଉଟ ହୋଇଥିଲେ । ବିଦର୍ଭ ପକ୍ଷରୁ ଗୌରବ ଫାର୍ଡେଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା । ଅନ୍ୟ ୫ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ।

ପୂର୍ବରୁ ବିଦର୍ଭ ୫ୱିକେଟରେ ୨୩୪ ରନ୍‌ରୁ ପ୍ରଥମ ଇନିଂସ ଖେଳ ଆରମ୍ଭ କରିଥିଲା । କିନ୍ତୁ ଓଡ଼ିଶାର ବୋଲରମାନେ ଆଉ ୫୨ ରନ୍ ଦେଇ ଅବଶିଷ୍ଟ ୫ଟି ୱିକେଟ ଅକ୍ତିଆର କରିନେବା ଫଳରେ ଦଳ ୨୮୬ରେ ଅଲଆଉଟ ହୋଇଯାଇଥିଲା । ସୋରେଙ୍କ ୧୪୪ ରନ୍ ବ୍ୟତୀତ ସମର୍ଥ ଆର୍ ୪୯, ୟଶ ରାଠୋଡ ୩୮ ରନ୍ କରିଥିଲେ । ବିଦର୍ଭ ୬ ରନ୍‌ରେ ପ୍ରଥମ ୩ଜଣ ଓ ୨୪ ରନ୍‌ରେ ଶେଷ ୫ଜଣ ଖେଳାଳିଙ୍କୁ ହରାଇଥିଲା । ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ତାପସ ଦାସ, ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ସ୍ପିନର ଜାମଲାଭଞ୍ଜନ ମହାପାତ୍ର ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ ।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ । |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।
*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS